


ଐତିହାସିକ ମାଇଲ୍‌ଖୁଣ୍ଟ ଅପେକ୍ଷାରେ ରାହୁଲ

ପୃଷ୍ଠା ୬

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com


RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 121 | ଭାଗ ୩୩ | ସଂଖ୍ୟା ୧୨୧

Bhubaneswar | Tuesday 22 July 2025 | Page 8 Rs. 4.00

● ଭୁବନେଶ୍ୱର ମଙ୍ଗଳବାର ୨୨ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ନାଟର ଗୋବର୍ଦ୍ଧନ ଅଚ୍ୟୁତ





**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** କିଟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଦାୟୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଖୋଦ ୟୁଜିସି ଏଭଳି ରିପୋର୍ଟ ଦେଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବୈଧ ଓ ବେଆଇନ କାର୍ଯ୍ୟ ପାଇଁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଆତ୍ମହତ୍ୟା କରିଥିବା ଛାତ୍ରୀ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)କୁ ଅଭିଯୋଗ କରିଥିଲେ ବି କର୍ତ୍ତୃପକ୍ଷ ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ଏଥିସହିତ ୟୁଜିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ କିଟ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ସମ୍ପ୍ରସାରଣ ଉପରେ ରୋକ ଲଗାଇବାକୁ ସୁପାରିଶ କରିଥିବା ଜଣାପଡିଛି।

ଚଳିତ ବର୍ଷ କିଟରେ ଦୁଇ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟାର ତଦନ୍ତ ପାଇଁ ପ୍ରଫେସର ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସରଜମିନ୍ ତଦନ୍ତ କରି କିଟ୍ କର୍ତ୍ତୃପକ୍ଷଙ୍କୁ ସିଧାସଳଖ ଦାୟୀ କରିବା ସହ ପୁଳାପୁଳା ପ୍ରଶାସନିକ ବିଫଳତାକୁ ଦର୍ଶାଇଛନ୍ତି । ଗତ ମେ ୨୦ରେ କିଟ ଆସିଥିବା କମିଟି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଦାୟିତ୍ୱରେ ଥିବା କର୍ମଚାରୀ, ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। କେଉଁ କାରଣରୁ ହୋଇଥିଲା ଏଭଳି

**ନେପାଳୀ ଛାତ୍ରୀ ଆତ୍ମହତ୍ୟା ପାଇଁ ଦାୟୀ କିଟ୍**

**ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କଲା ୟୁଜିସି**

**ଯୌନ ଉତ୍ପୀଡନ ମାମଲାରେ ବେଆଇନ ବୁଝାମଣା ହେଉଥିଲା**

**ଆଇସିସି ସଦସ୍ୟ ଓ ବରିଷ୍ଠ ଅଧିକାରୀ ଆଇନତଃ ଉତ୍ତରଦାୟୀ**

କିଟ୍ ବିଶ୍ୱବିଦ୍ୟାଳରେ ପଢୁଥିବା ବିଟେକ୍ ଛାତ୍ରୀ ପ୍ରକୃତି ଲମସଲ ଫେବୃୟାରୀ ୧୬ତାରିଖରେ ଓ ଅନ୍ୟ ଜଣେ ନେପାଳୀ ଛାତ୍ରୀ ମେ' ୨ତାରିଖରେ ଆତ୍ମହତ୍ୟା କରିଥିଲେ। ଉଭୟ ଛାତ୍ରୀ ନିଜର ହଷ୍ଟେଲ ରୁମ୍ ଭିତରେ ଆତ୍ମହତ୍ୟା କରିଥିଲେ। ୟୁଜିସିଙ୍କ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏହାର ଯାଞ୍ଚ କରି କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏକାଧିକ ବିଫଳତାକୁ ଦର୍ଶାଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ବରିଷ୍ଠ ପ୍ରଶାସନିକ






ସ୍ଥିତି ତାର ତଦାରଖ କରିବା ସମୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନେକ ବଡ଼ ତ୍ରୁଟି ଦେଖିବାକୁ ମିଳିଥିଲା। ଫ୍ୟାକ୍ଟ ଫାଇଣ୍ଡି ଟିମ ରିପୋର୍ଟକୁ ଆଧାର କରି କିଟ୍ ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ୟୁଜିସି କର୍ତ୍ତୃପକ୍ଷ ବିଚାର କରୁଥିବା ଜଣାପଡ଼ିଛି।

ଅଧିକାରୀମାନେ ଛାତ୍ରୀଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନ ଅଭିଯୋଗ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳତାକୁ ନେଇ ୟୁଜିସିଙ୍କ କମିଟି ଉଦବେଗ ପ୍ରକାଶ କରିଛନ୍ତି। ୟୁଜିସି ଟିମ ତାଙ୍କ ରିପୋର୍ଟରେ ➪ପୃଷ୍ଠା-୬

## ବିଦେଶୀ ଛାତ୍ରଛାତ୍ରୀଙ୍କ ଉପରେ ବଳପ୍ରୟୋଗ କରାଯାଇଥିଲା

### ବିଶ୍ୱବିଦ୍ୟାଳୟରେ ହଷ୍ଟେଲର ସ୍ଥିତି ଅତ୍ୟନ୍ତ ଦୟନୀୟ

କିଟ୍ ବିଶ୍ୱବିଦ୍ୟାଳୟର ହଷ୍ଟେଲର ସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ ଥିଲା । ଯେଉଁଥିରେ ୩ଜଣ ଛାତ୍ରୀଙ୍କୁ ଗୋଟିଏ ଛୋଟ ରୁମରେ ରଖାଯାଇଥିଲା। ସାଂସ୍କୃତିକ ବିଚାରଧାରାକୁ ଗୁରୁତ୍ୱ ନଦେଇ ବିଦେଶୀ ଛାତ୍ରୀମାନଙ୍କୁ ଛାତ୍ରୀନିବାସରେ ରଖାଯିବାକୁ ନେଇ ୟୁଜିସିଙ୍କ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତାଙ୍କ ରିପୋର୍ଟରେ ଚିନ୍ତାବ୍ୟକ୍ତ କରିଛନ୍ତି । ଅତ୍ୟଧିକ ଛାତ୍ରୀଛାତ୍ରୀଙ୍କ ନାମଲେଖା ଯୋଗୁ ବିଶ୍ୱବିଦ୍ୟାଳୟରେ ସମ୍ବଳ ଓ ଭିତ୍ତିଭୂମି ଉପରେ ଚାପ ପଡ଼ିବାର ସମ୍ଭାବନା ରହିଛି । ୟୁଜିସିଙ୍କ ଟିମ୍ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, କିଟ ପ୍ରଶାସନ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସହାୟତା ଯୋଗାଇନଦେଇ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ଜୋରଜବରଦସ୍ତ ବିଦା କରିଦେଇଥିଲେ । ସୁରକ୍ଷାକର୍ମୀମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଆଘାତ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ସୁରକ୍ଷା ସହାୟତା ମଧ୍ୟ ଦିଆଯାଇନଥିଲା । ଦେଶର ଆଇନକାନୁନ ଓ ଆନ୍ତର୍ଜାତିକ ସମ୍ବନ୍ଧକୁ ଗୁରୁତ୍ୱ ନଦେଇ କିଟ ନିଜ ଅନୁଷ୍ଠାନର ସମ୍ମାନକୁ ଅଧିକ ପ୍ରାଥମିକତା ଦେଇଥିଲା ।


### ଦାୟୀ ଆଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ

ୟୁଜିସି ଟିମ୍ ତାଙ୍କ ରିପୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ, ଯଦି ପ୍ରକୃତିଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଧାରରେ କିଟ୍ କର୍ତ୍ତୃପକ୍ଷ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ ତା'ହେଲେ ତାଙ୍କର ଆତ୍ମହତ୍ୟାକୁ ଏଡ଼ାଇ ଯାଇପାରିଥାନ୍ତା। ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ପରେ ଅନ୍ୟ ଜଣେ ନେପାଳୀ ଛାତ୍ରୀଙ୍କ ଶବକୁ ମଧ୍ୟ ସେହି ହଷ୍ଟେଲ ରୁମରୁ ଉଦ୍ଧାର କରାଯାଇଥିଲା । କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ କଲ୍ୟାଣ, ସୁବିଧା ଓ ଉତ୍ତରଦାୟିତ୍ୱର ଗୁରୁତର ଉଲ୍ଲଘଂନର ସ୍ପଷ୍ଟ ପ୍ରମାଣ ମିଳିଛି । ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ୟୁଜିସିଙ୍କ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତାଙ୍କ ରିପୋର୍ଟରେ ସୁପାରିଶ କରିଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

### ଏନ୍ଏଚ୍ଆର୍ସି ତଦନ୍ତରେ ଶିଥିଳତା

ଫେବୃୟାରୀ ୧୬ତାରିଖରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) କଠୋର ଆଭିମୁଖ୍ୟ ଗ୍ରହଣ କରି ଏକ ଉଚ୍ଚସ୍ତରୀୟ ତଦନ୍ତ ଟିମ୍ ପଠାଇ ସରଜମିନ୍ ତଦନ୍ତ କଲେ। ଏହାସହିତ ମୁଖ୍ୟ ଶାସନ ସଚିବ, ପୁଲିସ କମିଶନର, ଖୋର୍ଦ୍ଧା ଜିଲ୍ଲାପାଳ, ୟୁଜିସି ଓ ନାକ କର୍ତ୍ତୃପକ୍ଷଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ନିମନ୍ତେ ମାର୍ଚ୍ଚ ୨୭ତାରିଖରେ ନିର୍ଦ୍ଦେଶ ଦେଲେ । ତେବେ ଏନଏଚଆରସିଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ କିଟ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଓଡ଼ିଶା ହାଇକୋର୍ଟରେ ଚ୍ୟାଲେଞ୍ଜ କରାଗଲା । ଯାହାର ପ୍ରାରମ୍ଭିକ ଶୁଣାଣି କରି ହାଇକୋର୍ଟ ୨୦୨୫ ଏପ୍ରିଲ ୭ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ନେବା ଉପରେ ରହିତାଦେଶ ଜାରି କରିଥିଲେ । ସେବେଠୁ ମାମଲା କୋର୍ଟଙ୍କ ବିଚାରାଧୀନ ରହିଛି।

# ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବ୍ୟାନ



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ରାଜ୍ୟରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ବିଭିନ୍ନ ସଂଘ ସହ ଆଲୋଚନା କରାଯାଇଛି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରୟକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ସଂଘଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ଏହି ନିୟମର ବ୍ୟକ୍ତିଗତ ତଦାରଖ ପାଇଁ ଜିଲ୍ଲାପାଳମାନଙ୍କୁ ଅବଗତ କରାଯିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଥିଲେ। ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରୟ କରାଯିବା ନେଇ ଥିବା ନିୟମ ବଳବତ୍ତର ରହିବ । ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱ, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ➪ପୃଷ୍ଠା-୬

**➤ ସହଯୋଗ ନେଇ ବିଭିନ୍ନ ସଂଘ ସହ ଆଲୋଚନା**

**➤ କାଚ ଓ ଟିଣ ବୋତଲରେ ମିଳିବ ପେଟ୍ରୋଲ**

## ବାଦ୍ ପଡ଼ିନି 'ପାଇକ ବିଦ୍ରୋହ'

**ନୂଆଦିଲ୍ଲୀ, ୨୧।୭ :** ନ୍ୟାସନାଲ କାଉନସିଲ ଅଫ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରୁ 'ପାଇକ ବିଦ୍ରୋହ' ବିଷୟ ବାଦ୍ ପଡ଼ିନାହିଁ । ଆସନ୍ତା ସେପ୍ଟେମ୍ବର-ଅକ୍ଟୋବର ମାସରେ ପ୍ରକାଶିତ ହେବାକୁ ଥିବା ପାଠ୍ୟପୁସ୍ତକର ଦ୍ୱିତୀୟ ଖଣ୍ଡରେ ଏହି ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ ବିଷୟ ସ୍ଥାନ ପାଇଛି । ଏନସିଇଆରଟି ପୁସ୍ତକରେ ଖୋର୍ଦ୍ଧା ପାଇକ ବିଦ୍ରୋହ ବିଷୟ ବାଦ୍ ପଡ଼ିଥିବା ନେଇ ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଖବର




**● ସ୍ପଷ୍ଟ କଲା ଏନ୍ସିଇଆରଟି**

**● ଦ୍ୱିତୀୟ ଖଣ୍ଡରେ ପାଇକ ବିଦ୍ରୋହ ପାଠ୍ୟକ୍ରମ**

ପ୍ରକାଶ ପାଇବା ପରେ ଏନସିଇଆରଟି କର୍ତ୍ତୃପକ୍ଷ ଆଜି ଏକ ପ୍ରେସ୍ ରିଲଜ ମାଧ୍ୟମରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ।ସୂଚନା ଅନୁସାରେ, ଏନସିଇଆରଟି ପ୍ରକାଶିତ ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ''ରେ ଦି କଲୋନିଆଲ ଏରା ଇନ୍ ଇଣ୍ଡିଆ ଚାପ୍ଟରରେ ଓଡ଼ିଶା ପାଇକ ବିଦ୍ରୋହ ବାଦ୍ ପଡ଼ିଥିବା ନେଇ ଚର୍ଚ୍ଚା ହୋଇଥିଲା । ➪ପୃଷ୍ଠା-୬



ସୋମବାର ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଇସ୍ତଫା ଦେଲେ ଜଗଦୀପ ଧନଖଡ

**ନୂଆଦିଲ୍ଲୀ,୨୧।୭:** ଉପରାଷ୍ଟ୍ରପତି ଜଗଦୀପ ଧନଖଡ ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିସହିତ ତାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଡାକ୍ତରଙ୍କ ପରାମର୍ଶରେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ସମ୍ବିଧାନର ଧାରା ୬୭ (ଏ) ଆଧାରରେ ତାଙ୍କ ଇସ୍ତଫାକୁ ତୁରନ୍ତ ଗ୍ରହଣ କରାଯାଉ ବୋଲି ମଧ୍ୟ ସେ ଅନୁରୋଧ କରିଛନ୍ତି।

ସେ ତାଙ୍କ ଚିଠିରେ ରାଷ୍ଟ୍ରପତିଙ୍କ ସହ ନିଜର କାର୍ଯ୍ୟକାଳ ସମ୍ପର୍କରେ ଲେଖି କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ସମର୍ଥନ ଦ୍ୱାରା ସେ ଅନେକ କିଛି ଶିଖିବାର ସୁଯୋଗ ପାଇଛନ୍ତି ଓ ତାଙ୍କ ସହ ତାଙ୍କର କାର୍ଯ୍ୟକାଳ ଅତ୍ୟନ୍ତ ସୁରୁଖୁରରେ କଟିଥିବା ମଧ୍ୟ ପ୍ରକାଶ କରିଛନ୍ତି। ସେ ହୃଦୟର ସହ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମନ୍ତ୍ରୀ ପରିଷଦ ପ୍ରତି ମଧ୍ୟ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି।

ଭାରତର ମହାନ ଗଣତନ୍ତ୍ରରେ ଉପରାଷ୍ଟ୍ରପତି ଭାବରେ ସେ କାର୍ଯ୍ୟକରି ଯେଉଁ ଅଭିଜ୍ଞତା ଏବଂ ଅନ୍ତର୍ଦୃଷ୍ଟି ପାଇଛନ୍ତି ସେଥିପାଇଁ ମଧ୍ୟ ସେ କୃତଜ୍ଞ ବୋଲି କହିଛନ୍ତି। ➪ପୃଷ୍ଠା-୬

**● ସ୍ୱାସ୍ଥ୍ୟଗତ କାରଣରୁ ଉପରାଷ୍ଟ୍ରପତି ପଦ ଛାଡିଲେ**

**● ଅଧିବେଶନର ଆରମ୍ଭରୁ ଇସ୍ତଫାକୁ ନେଇ ଚର୍ଚ୍ଚା**





**କାନ ଡେରିଥା**

ଅମର ଆତ୍ମାର ସଦଗତି ପାଇଁ
ରାଜନୀତି ଏଠି ଚାଲିଛି
ପ୍ରଚ୍ଛଦ ପଟରେ କେତେ
କଳାକାର
ନ୍ୟାୟ ପାଇଁ କାଳେ ଲଢୁଛି
କହିଲେ କହିବ କହୁଛି...
ରାଜନୀତି କରି ଆଇନକୁ ଭାଙ୍ଗି
କେତେ ଅଭିନୟ କରୁଛି ।


■ ଦେବାଶିଷ

# ଚାପରେ ଭଲ ଖେଳିଲେ ଭକ୍ତ

**❑ ଉଦିତ ପ୍ରଧାନ ଗିରଫ ହେବା ମାତ୍ରେ ଦଳରୁ ନିଲମ୍ବିତ**

**❑ ସତ୍ୟ ଅନୁସନ୍ଧାନ ପାଇଁ ପିସିସି ଗଠନ କଲା ୬ଜଣିଆ ଟିମ୍**

**❑ ପିସିସି ସଭାପତିଙ୍କ ଇସ୍ତଫା ଦାବିକଲା ବିଜେପି ଯୁବମୋର୍ଚ୍ଚା**



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** କ୍ରମାଗତ ଭାବେ ଗତ କିଛି ମାସ ଧରି ସରକାରଙ୍କୁ ବିରୋଧରେ ବିଭିନ୍ନ ପ୍ରସଙ୍ଗ ଉଠାଇ ଅଡୁଆରେ ପକାଉଥିବା ରାଜ୍ୟ କଂଗ୍ରେସକୁ ଲାଗିଛି ଶକ୍ତ ଧକ୍କା। ଏକ ବଳାତ୍କାର ଅଭିଯୋଗ ମାମଲାରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କୁ ପୁଲିସ ଗିରଫ କରିଛି। ଉଦିତ ପ୍ରଧାନଙ୍କ ଗିରଫଦାରୀ ପରେ ପିପିସି ବ୍ୟାକଫୁଟକୁ ଚାଲିଯାଇଛି। ତଥାପି ଚାପକୁ କୋଳେଇ ନେଇ ସଭାପତି ଖେଳିଛନ୍ତି ଜଣେ ପୋଖତ ରାଜନେତାର ଗେମ। ଉଦିତ ଗିରଫ ହେବା ମାତ୍ରେ ତାଙ୍କୁ ତୁରନ୍ତ ଦଳରୁ ନିଲମ୍ବନ କରିଦେଇଛନ୍ତି।

ରାଜ୍ୟରେ ବିଗତ କିଛିମାସ ଧରି ମହିଳାଙ୍କ ବିରୁଦ୍ଧରେ ହିଂସାକୁ ନେଇ ଲଢ଼େଇ କରୁଥିବା କଂଗ୍ରେସ ପାଇଁ ଉଦିତଙ୍କ ଗିରଫଦାରୀ ଏକ ଶକ୍ତଧକ୍କା ସଦୃଶ ହୋଇଛି । ପୁଲିସ ଗତକାଲି ରାତିରେ ଉଦିତଙ୍କୁ ଗିରଫ କରିବା ପରେ ଆଜି ତାଙ୍କୁ ଏନଏସୟୁଆଇ ରାଜ୍ୟ ସଭାପତି ପଦରୁ ହଟାଇ ଦିଆଯାଇଛି । ଏନଏସୟୁଆଇ ସଭାପତି ବରୁଣ ଚୌଧୁରୀ ଏକ ବିବୃତ୍ତି ଜାରି କରି ଶ୍ରୀ ପ୍ରଧାନଙ୍କୁ ତତ୍କାଳ ପ୍ରଭାବରୁ ପଦରୁ ହଟାଇ ନିଲମ୍ବନ କରିବା ସହ ଏନଏସୟୁଆଇ ସର୍ବଦା ଲିଙ୍ଗ ଆଧାରିତ ଅନ୍ୟାୟ ପ୍ରତି ଜିରୋ-ସହନଶୀଳତା ନୀତି ଅବଲମ୍ବନ କରେ ତଥା ଉତ୍ତରଦାୟିତ୍ୱ ଓ ନ୍ୟାୟ ପ୍ରତି ନିଜର ପ୍ରତିବଦ୍ଧତାରେ ଅଟଳ ଥିବା କହିଛନ୍ତି ।

ଅନ୍ୟପକ୍ଷରେ ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଏହି ଘଟଣାରେ ଆଭ୍ୟନ୍ତରୀଣ ଯାଂଚ ପାଇଁ ୬ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଗଠିତ କମିଟିରେ ବିଧାୟିକା ସୋଫିଆ ଫିର୍ଦୌଷ, ଦେବସ୍ମିତା ଶର୍ମା, ସୋନାଲି ସାହୁ, ଜୟଶ୍ରୀ ପାତ୍ର ଓ ମନିଷା ଦାସ ପଟ୍ଟନାୟକ ସାମିଲ ଅଛନ୍ତି । ଅଭିଯୋଗକାରିଣୀଙ୍କୁ ଭେଟି ତାଙ୍କ ସହ ଆଲୋଚନା କରି ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି ।

ଶାସକ ବିଜେପି ଆଜି ଉଦିତଙ୍କ ଗିରଫକୁ ମୁଖ୍ୟ ପ୍ରସଙ୍ଗ କରି କଂଗ୍ରେସର ଦୋମୁହାଁ ନୀତି ପଦାରେ ପଡ଼ିଛି ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି । ଉଦିତଙ୍କ ଗିରଫକୁ ନେଇ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କଡ଼ା ଭାଷାରେ ସମାଲୋଚନା କରିଛି । ବିଜେପି ଯୁବମୋର୍ଚ୍ଚର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଉଦିତଙ୍କ ଅସଲ ଚେହେରା ପଦାରେ ପଡ଼ିଯାଇଛି। ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ଦୁଷ୍କର୍ମୀ ବୋଲି ଜଣାପଡ଼ିଛି ।



ପୁଲିସର ସୂଚନା ଅନୁସାରେ, ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଉଦିତଙ୍କୁ ଗିରଫ କରାଯାଇଛି । ଉଦିତ ତାଙ୍କୁ ନିଶା ଦେଇ ଦୁଷ୍କର୍ମ କରିଥିବା ମଂଚେଶ୍ୱର ଥାନାରେ ଏକ ମାମଲା ରୁଜୁ ହେବାପରେ ଗତକାଲି ଉଦିତଙ୍କୁ ଗିରଫ କରାଯାଇଛି। ୨୦୨୫ ମାର୍ଚ୍ଚ ୧୮ତାରିଖରେ ମଂଚେଶ୍ୱର ଅଂଚଳରେ ଥିବା ଗୋଟିଏ ହୋଟେଲରେ ଉଦିତ, ପୀଡ଼ିତାଙ୍କ ସମେତ ଅନ୍ୟ ଜଣେ ଯୁବତୀ ଓ ଜଣେ ପୁରୁଷ ବନ୍ଧୁ ଏକାଠି ମଦ୍ୟପାନ କରିଥିଲେ । କିନ୍ତୁ ପୀଡ଼ିତା ମଦ ପିଅନ୍ତି ନାହିଁ ବୋଲି କହିବା ପରେ ତାଙ୍କୁ ➪ପୃଷ୍ଠା-୬

# ଖରିଫରେ ସାର ମହଜୁଦ ରଖିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ):** ଖରିଫ ଋତୁ ଆରମ୍ଭ ହୋଇସାରିଛି । ଏହି କ୍ରମରେ ରାଜ୍ୟରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଖରିଫ ଫସଲ ଯୋଜନା ରହିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟରେ

- **ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ କୃଷି ସଚିବ**
- **ନକଲି ସାର ବିକ୍ରି/ କଳାବଜାରୀ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ଚଢାଉ**

ଖରିଫ ଫସଲ ପାଇଁ ସାର ଯୋଗାଣ ସ୍ଥିତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ବିଭାଗ, ମାର୍କଫେଡ଼, ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ଼ ଇତ୍ୟାଦି ସଂସ୍ଥା ତଥା ଇଫ୍ କୋ ଭଳି ପ୍ରମୁଖ ସାର ଉତ୍ପାଦନକାରୀ ସଂସ୍ଥା ଇତ୍ୟାଦିରୁ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବ ବର୍ଷର ରେକର୍ଡ ପରିମାଣକୁ ଅନୁଧ୍ୟାନ କରି ସେହି ଅନୁସାରେ ଆଗୁଆ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡ଼ ପାଢ଼ୀ ଖରିଫ ଋତୁ ପାଇଁ ପ୍ରାୟତଃ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ସାରର ସର୍ବାଧିକ ଚାହିଦା ରହିଥାଏ । ଏହି ଚାହିଦାକୁ ମେଣ୍ଟାଇବା ପାଇଁ ଖରିଫ ଋତୁ ଆରମ୍ଭରେ ସରକାର ମାର୍କଫେଡ଼, ପାକ୍ସ, ଲ୍ୟାମ୍ପସ ତଥା ଖୁଚୁରା ଡିଲରମାନଙ୍କ ପାଖରେ ବିଭିନ୍ନ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିକେଏସ୍, ଏସଏସପି ଆଦି ଉପଲବ୍ଧ କରାଇବା ପାଇଁ ବିଭାଗ ତରଫରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଛି। ସେହିଭଳି ନାନୋ ସାର ଭଳି ଅନ୍ୟାନ୍ୟ ଇନପୁଟର ଟ୍ୟାଗିଂ ନ କରିବାକୁ ସାର ଉତ୍ପାଦନକାରୀଙ୍କୁ ସରକାରଙ୍କ ତରଫରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେପରି ଚାଷୀମାନେ କୌଣସି ବାଧ୍ୟବାଧକତା ବିନା ସ୍ୱାଧୀନ ଭାବେ ଆବଶ୍ୟକୀୟ ସାର କ୍ରୟ କରିପାରିବେ। ନକଲି ସାରର ବିକ୍ରୟ/ କଳାବଜାରୀ/ ଗଚ୍ଛିତ ରଖିବା ଆଦି ବେଆଇନ୍ କାର୍ଯ୍ୟକୁ ରୋକିବା ପାଇଁ ସାର ଯୋଗାଣ କାରୀ ସଂସ୍ଥା ଓ ସାର ବିକ୍ରେତା ମାନଙ୍କୁ କୃଷି ସଚିବ ଡ଼ ପାଢ଼ୀ ତାଗିଦ କରିଛନ୍ତି । ସୂଚନାଯୋଗ୍ୟ ଯେ, କଳାବଜାରୀ ଆଦିକୁ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ଚଢାଉ ଜାରି ରହିଛି । ନିୟମିତ ଭାବରେ ସାର ଖୁଚୁରା ବିକ୍ରେତା ଏବଂ ପାଇକାରୀ ବିକ୍ରେତା ପଏଣ୍ଟଗୁଡ଼ିକର ଅଚାନକ ଯାଞ୍ଚ ଏବଂ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେକୌଣସି ପ୍ରକାରର ବେଆଇନ କାର୍ଯ୍ୟକଳାପ ଯାଞ୍ଚ କରି ରାଜ୍ୟ ସାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସାରା ଓଡ଼ିଶାରେ ସମୟାନୁସାରେ ସାରର ଯୋଗାଣ ସୁନିଶ୍ଚିତ କରିବା ପାଇଁ ନୂତନ ରେକ୍ ପଏଣ୍ଟ ସ୍ଥାପନ ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

# ବିକାଶର ନୂଆ ଅଧ୍ୟାୟ:ବାଇପାସ ରୋଡ୍ ନେଟ୍‌ୱର୍କ





**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ନିର୍ମାଣ ବିଭାଗ ଭିଜନ ୨୦୩୬କୁ ଆଖିଆଗରେ ରଖି ସାରା ଓଡିଶାକୁ ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରୁଛନ୍ତି। ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାଲାଗି ଏକ ସୁଦୃଢ଼ ସଡକ ନେଟୱର୍କ ଜରୁରୀ ।

- **ଭାରୀଯାନ ପାଇଁ ନୂଆ କରିଡ଼ର**
- **ଓଡ଼ିଶାର ପର୍ଯ୍ୟଟନ ହେବ ସମୃଦ୍ଧ**
- **ସହରର ଭିଡ ହ୍ରାସ ସହ ସବୁ ଶିଳ୍ପ ସଂସ୍ଥାକୁ ଯୋଡିବାକୁ ପ୍ରୟାସ**
- **ବଡ଼ବଡ଼ ସହର ଲାଗି ଇନର ଓ ଆଉଟର ରିଂ ରୋଡ ଯୋଜନା**

ତେବେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ସେହି ଅନୁସାରେ ଗାଡି ମଟର ସଂଖ୍ୟା ବୃଦ୍ଧି କାରଣରୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ଆସିବା ପାଇଁ ଅଧିକ ସମୟ ଲାଗୁଚି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭିନ୍ନ ସମୟରେ ରାଜ୍ୟର ରୋଡ଼ ନେଟୱର୍କ ନେଇ ସମୀକ୍ଷା କରିବା ସହ ବଡ ବଡ ସହର ପାଇଁ ସୁଚିନ୍ତିତ ବାଇପାସ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ନିର୍ମାଣ ବିଭାଗ ପକ୍ଷରୁ ବିଭିନ୍ନ ସହର ଉପକଣ୍ଠରେ ବାଇପାସ ରାସ୍ତା ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଉଛି । ସେଥିରୁ ଅନେକ ଗୁଡିଏ ରାସ୍ତା ନିର୍ମାଣାଧୀନ ଥିବା ବେଳେ ଆଗକୁ ଅଧିକ ବାଇପାସ ରାସ୍ତା ନିର୍ମାଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଯାହା କେବଳ ସହରର ଭିଡକୁ ହ୍ରାସ କରିବା ତାହା ନୁହେଁ ବରଂ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନ କୁ ଯିବା ପାଇଁ ଦୂରତ୍ୱ ଓ ସମୟ ହ୍ରସ କରିବ । ଏହା ଏକ ନୂତନ ବାଣିଜ୍ୟକ କରିଡର ସୃଷ୍ଟି ସହିତ ଅନେକ ଶିଳ୍ପସଂସ୍ଥାକୁ ଯୋଡିବା ଲାଗି ପଥ ସୁଗମ କରିବ । ଏହା ପର୍ଯ୍ୟଟନ କ୍ଷେତ୍ର ଓ ବନ୍ଦର ଯୋଗାଯୋଗକୁ ମଧ୍ୟ ଅଧିକ ସୁଦୃଢ଼ କରିବ । ବର୍ତ୍ତମାନ ୧୪୮୨୭୦.୮୫ ଲକ୍ଷ ବ୍ୟୟ ଅଟକଳରେ ୪୮ କିମି ଦୀର୍ଘ ମୋଟ ୧୦ଟି ବାଇପାସ ନିର୍ମାଣ କାର୍ଯ୍ୟ ଆରମ୍ଭ ଚାଲିଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୨୭୨୧୧.୫୭ ଲକ୍ଷ ବ୍ୟୟ ଅଟକଳରେ ୩୨ କିମି ଦୀର୍ଘ ମୋଟ ୬ ଟି ବାଇପାସ କାର୍ଯ୍ୟ ପାଇଁ ଅନୁମୋଦିତ ହୋଇଛି ।

ଏହିମଧ୍ୟରେ କଟକ ଖାନନଗର ନିକଟ ଏବଂ ଯୋବ୍ରା ଠାରେ ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ଚାଲୁଅଛି ଯାହା କଟକ ସହର ଓ ମୁନିସିପାଲ ଅଂଚଳର ଭିଡ ହ୍ରାସ ଏବଂ ଗମନାଗମନକୁ ସମୟକୁ ୬୦ ମିନିଟ ପର୍ଯ୍ୟନ୍ତ ହ୍ରାସ କରିବ । ସେହିପରି ୭.୭ କିମି ଦୀର୍ଘ ଢେଙ୍କାନାଳ କାମାକ୍ଷାନଗର ବାଇପାସ ରାସ୍ତା ନିର୍ମାଣଧୀନ ରହିଛି ଯାହା ସେଠାରେ ଥିବା ମାର୍କେଟ ଅଂଚଳରେ ଭିଡକୁ ହ୍ରାସ କରିବ ସହିତ ଯିବା ଆସିବା ସମୟକୁ ୧୫ ମିନିଟ ପର୍ଯ୍ୟନ୍ତ ହ୍ରାସ କରିବ । ନିର୍ମାଣାଧୀନ ୧୩ କିଲୋମିଟର ଦୀର୍ଘ ବ୍ରହ୍ମପୁର ରିଂ ରୋଡ ଏହି ଅଞ୍ଚଳର ଭିଡ ହ୍ରାସ ସହ ଯାତ୍ରା ସମୟକୁ ୩୦ ମିନଟ ପର୍ଯ୍ୟନ୍ତ କମ କରିବ । ଝାରସୁଗୁଡା ଜିଲ୍ଲାରେ ୪ ଲେନ ରାସ୍ତା ସହ ସଭାସ ରୋଡ ଥାଇ ୮ କିମି ଦୀର୍ଘ ବେଲପାହାଡ ବାଇପାସ୍ ରାସ୍ତା ଯାହା ବେଲପାହାଡ ଟାଉନ ଅଂଚଳ ଭିଡ ହ୍ରାସ ଦିଗରେ ସହାୟକ ହେବ । ସେହିପରି ଭବାନିପାଟଣାକୁ ସଂଯୋଗୀକରଣ କରୁଥିବା ୬ କିମି ଦୀର୍ଘ ଲିଙ୍କ ରୋଡ, କେନ୍ଦ୍ରାପଡା ଜିଲାରେ ୪ କିଲୋମିଟର ଦୀର୍ଘ ପଟ୍ଟାମୁଣ୍ଡାଇ ବାଇପାସ ରାସ୍ତା, କେନ୍ଦୁଝର ଜିଲ୍ଲାର ଘସିପୁରା ଠାରେ ସିଲଂ ଭ୍ରହ୍ମଣୀପାଳ ବାଇପାସ ରାସ୍ତା ଏବଂ ଭଙ୍ଗାମଲ ଠାରୁ ମଦନପୁର ଶାଳପଡା ଓ ପଥରପଡା ବାଇପାସ ରୋଡ ଏବଂ ଖୋର୍ଦ୍ଧା ଟମାଣ୍ଡୋ ଛକ ଠାରୁ ପାଇକରାପୁର ଛକ ପର୍ଯ୍ୟନ୍ତ ସାଢେ ୫ କିଲୋମିଟର ଦୀର୍ଘ ଇନର ଭୁବନେଶ୍ୱର ରିଂ ରୋଡ଼ ନିର୍ମାଣ ଚାଲୁଅଛି । ସହରର ଭିଡ ହ୍ରାସ, ପାଶ୍ୱବର୍ତ୍ତୀ ଗ୍ରାମକୁ ସଂଯୋଗୀକରଣ ଓ ବାଣିଜ୍ୟ କାରବାରକୁ ଏହା ଗତିଶୀଳ କରିବ ।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣା**

# ତିନି ଆରଡିସି ଅଫିସ ଆଗରେ ଗର୍ଜିଲା ବିଜେଡି

- **ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**
- **ହଜାର ହଜାର ବିଜେଡି କର୍ମୀ ବିକ୍ଷୋଭରେ ସାମିଲ**
- **ମୋହନ ସରକାର ହଟାଅ ନାରାରେ କମ୍ପିଲା ବିକ୍ଷୋଭସ୍ଥଳ**



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ମହିଳାଙ୍କ ବିରୋଧରେ ଅପରାଧରେ ଅହେତୁକ ବୃଦ୍ଧି ବିରୋଧରେ ଓ ଏଫଏମ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ବିଜୁ ଜନତା ଦଳ ତରଫରୁ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆରଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ, ବିଜେଡିର ହଜାର ହଜାର କର୍ମୀ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ମୋହନ ସରକାର ହଟାଅ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଦଳ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ସ୍ମାରକପତ୍ର ଏହି ତିନି ଆରଡିସିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ବିଜେଡି ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିବା ସହିତ ନାରୀ, ଛାତ୍ରୀ ଓ ଶିଶୁ ମାନଙ୍କ ବିରୋଧରେ ଅପରାଧ ବୃଦ୍ଧିପାଇଛି ବୋଲି କୁହାଯାଇଛି । ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ, ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ନ୍ୟାୟ ନପାଇ ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜ୍ୟା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସିଛି । ଏହାଛଡା ଦୁଷ୍କର୍ମ, ଗଣଦୁଷ୍କର୍ମ ରାଜ୍ୟରେ ଏକ ନିତି ଦିନିଆ ଘଟଣା ହୋଇଛି । ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି ।

ଏଫଏମ କଲେଜରେ ଛାତ୍ରୀ ଜଣକ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଙ୍ଘର୍ଷ କରି ଆସୁଥିବା ବେଳେ, ସେ କଲେଜ ଅଧ୍ୟକ୍ଷଙ୍କ ସମ୍ମୁଖରେ ତାଙ୍କ ଅଭିଯୋଗ ଜଣାଇବା ବ୍ୟତୀତ ସ୍ଥାନୀୟ ପୋଲିସ, ଏସପି, ବିଧାୟକ, ସାଂସଦ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ, କେହି ତାଙ୍କୁ ନ୍ୟାୟ ପ୍ରଦାନ କରିନଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ, ଜଣେ ଉଚ୍ଚନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ପାଇଁ ବିଜୁ ଜନତା ଦଳ ଦାବି କରୁଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ରାଜ୍ୟର ତିନୋଟି ଯାକ ଆରଡିସି ଅଫିସ ସମ୍ମୁଖରେ ଦଳ ତରଫରୁ ପ୍ରଦର୍ଶନ କରାଯାଇଥିଲା ।

# ଉପବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ ତୁଲାଇବା ଉଚିତ



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ତଥା ଜନସହଯୋଗ ଦ୍ୱାରା ରାଜ୍ୟ ଓ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ଓ ତା'ର ସୁବିଧା ଜନସାଧାରଣ ପାଇପାରିବେ। ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ । ତେଣୁ ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ କରିବା ପାଇଁ ଆସିଥିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି କହିଲେ ଯେ ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ। ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ । ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର। ତା'ହେଲେ ଯାଇ ରାଜ୍ୟର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ବାଚସ୍ପତି ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ଯୁଗ୍ମ ସଚିବ ଶ୍ରୀ ସତୀଶ ମିଶ୍ର ଓ ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଆଇଟି ଭୁବନେଶ୍ୱର ଦ୍ୱାରା ମୋଡ୍ ଏମ୍.ଟେକ୍ କାର୍ଯ୍ୟକ୍ରମ ଆରମ୍ଭ



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ସିଷ୍ଟମ୍ ଇଞ୍ଜିନିୟରିଂରେ ଏହାର ଅଭିନବ ମିଶ୍ରିତ ମୋଡ୍ ଏମ.ଟେକ. ପାଠ୍ୟକ୍ରମ ଆରମ୍ଭ ବିଷୟରେ ଘୋଷଣା କରିଛି, ଯାହା ବିଶେଷ ଭାବରେ ଶିଳ୍ପରେ କାର୍ଯ୍ୟରତ ବୃତ୍ତିଗତଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହି ଏକ ପ୍ରକାରର ପଦକ୍ଷେପ ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା ପ୍ଲାଣ୍ଟ କିମ୍ବା ଶିଳ୍ପ ସେଟିଂରେ ସର୍ବନିମ୍ନ ତିନି ବର୍ଷର ଅଭିଜ୍ଞତା ଥିବା ଇଞ୍ଜିନିୟରମାନଙ୍କୁ ଆଧୁନିକ ସିଷ୍ଟମ୍ ଇଞ୍ଜିନିୟରିଂରେ ସେମାନଙ୍କର ବିଶେଷଜ୍ଞତା ବୃଦ୍ଧି କରିବାକୁ ସକ୍ଷମ କରିବ। ଏହି ଏମ.ଟେକ. ପାଠ୍ୟକ୍ରମ ସିଷ୍ଟମ୍ ଆଚରଣର ମଡେଲିଂ, ସିଷ୍ଟମ୍ କାର୍ଯ୍ୟଦକ୍ଷତା ପରୀକ୍ଷା, ସିଷ୍ଟମ୍ ଡିଜାଇନ୍ ଏବଂ ନିର୍ଭରଯୋଗ୍ୟ ଇଞ୍ଜିନିୟରିଂ, ଷ୍ଟାଟିଷ୍ଟିକାଲ ମେସିନ୍ ଲର୍ଣ୍ଣିଂ ଭଳି ସିଷ୍ଟମ୍ ଆଚରଣର ପୂର୍ବାନୁମାନ ପାଇଁ ଉପକରଣ ଏବଂ କୌଶଳ ଉପରେ ଏହାର ପାଠ୍ୟକ୍ରମ ମାଧ୍ୟମରେ ଇଞ୍ଜିନିୟରିଂ ସିଷ୍ଟମ୍‌ର ଆଚରଣକୁ ବୁଝିବା ପାଇଁ ଆବଶ୍ୟକ ଜ୍ଞାନ ନିର୍ମାଣ କରିବାରେ ସାହାଯ୍ୟ କରିବ। ସିଷ୍ଟମ୍ ଇଞ୍ଜିନିୟରିଂର ବୈଷୟିକ ପରିଚାଳନା ଦିଗଗୁଡ଼ିକୁ ସିଷ୍ଟମ୍ ଇଞ୍ଜିନିୟରିଂ ସହିତ ଜଡିତ ବିଭିନ୍ନ ଭୂମିକା ପାଇଁ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକତା ପରିଚାଳନା ଉପରେ ଏକ ପାଠ୍ୟକ୍ରମ ମାଧ୍ୟମରେ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ସିଷ୍ଟମ୍ ଇଞ୍ଜିନିୟରିଂ ଏମ.ଟେକ୍ ପ୍ରୋଗ୍ରାମ ପାଇଁ ପାଠ୍ୟକ୍ରମ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ସହଯୋଗରେ ବିକଶିତ କରାଯାଇଥିଲା, ଯାହା ସେମିକଣ୍ଡକ୍ଟର ଶିଳ୍ପ ପାଇଁ ସାମଗ୍ରୀ ଇଞ୍ଜିନିୟରିଂ ସମାଧାନରେ ବିଶ୍ୱସ୍ତରୀୟ ନେତା, ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇଙ୍କର ଏକ ସହାୟକ କମ୍ପାନୀ।

# ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ କଂଗ୍ରେସ ସାଲିସ କରିବ ନାହିଁ

- **ମହିଳା ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସର 'ଶୂନ୍ୟ ସହନଶୀଳତା' ରହିଆସିଛି**
- **ବାଲେଶ୍ୱର ଦିବଙ୍ଗତା ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ଆନ୍ଦୋଳନ ଅବ୍ୟାହତ ରହିବ ; ୨୪ ତାରିଖରେ ଏକାଦଶହାରେ କଲେଜମାନଙ୍କରେ ଶ୍ରଦ୍ଧାଞ୍ଜଳି**
- **ନିମାପଡ଼ା ପ୍ରସଙ୍ଗରେ ଏପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡ଼ିଲେ ନାହି**



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ ପୁନଶ୍ଚ ଆଜି କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି ।

ଶ୍ରୀ ଦାସ ଆସନ୍ତା ୨୪ ତାରିଖ ସୌମ୍ୟାଶ୍ରୀଙ୍କ ଏକାଦଶାହକୁ ସମସ୍ତ ଓଡ଼ିଶାବାସୀ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ପାଳନ କରିବା ସହ ନିମାପଡ଼ା ଛାତ୍ରୀ ପୋଡ଼ି ଘଟଣାରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରିବାପାଇଁ ନିବେଦନ କରିଛନ୍ତି । ସେହିପରି ରାଜ୍ୟରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟ କଲେଜରେ ୧ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଗୋଟିଏ ଦିନ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି । ମୂଲ୍ୟ ଯାହା ଦେବାକୁ ପଡୁ ପଛେ ରାଜ୍ୟରେ ଯେ ପର୍ଯ୍ୟନ୍ତ ନାରୀ ନିର୍ଯ୍ୟାତନା ବନ୍ଦ ହେବ ନାହିଁ ଏବଂ ନାରୀ ଉଚିତ ନ୍ୟାୟ ପାଇବ ନାହିଁ ସେ ପର୍ଯ୍ୟନ୍ତ ସଂଗ୍ରାମ ଆନ୍ଦୋଳନ ଜାରି ରଖିବ ବୋଲି ଆମେ ସଂକଳ୍ପ ନେଇଛୁ । ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ । ଏପରିକି ସୌମ୍ୟାଶ୍ରୀ ଏକ ଭିଡିଓରେ ତାର ଦୁଃଖ ଜଣାଇଥିଲା ତଥାପି ସରକାର ଏବଂ ପ୍ରଶାସନ ଆଖି ବୁଜିଦେଇଥିଲେ। ସେଥିପାଇଁ ଛାତ୍ରୀଜଣଙ୍କ ନିଜ ଜୀବନ ହରାଇଦେଲେ। ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଯବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଥିଲେ । ଓଡ଼ିଶାବାସୀ ଏଭଳି ଭୁଲକୁ କେବେ ବି ଭୁଲ କରିବେ ନାହିଁ । କଂଗ୍ରେସ ଜୁଡ଼ିସିଆଲ କମିଟି ଦ୍ୱାରା ଅନୁସନ୍ଧାନ କରିବାପାଇଁ ଦାବି କରିଥିଲା କିନ୍ତୁ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ଏହି ତଦନ୍ତର ମୁଖିଆ ଭାବେ ଏଭଳି ଜଣେ ଅଫିସରଙ୍କୁ ଦିଆଯାଇଛି, ଯାହାଙ୍କ ବିରୁଦ୍ଧରେ ନିର୍ଯାତନାର ବିରାଟ ଇତିହାସ ରହିଛି । ଯାହା ଆସନ୍ତା ଦିନରେ ପ୍ରକାଶ କରାଯିବ । ଏଥିସହିତ ସରକାରଙ୍କୁ ତାଚ୍ଛଲ୍ୟ କରି କହିଲେ ଯେ ଆଜି ଯଦି ସେମାନେ କଂଗ୍ରେସ ଦଳକୁ ଦୁର୍ବଳ ବୋଲି ଚିନ୍ତା କରୁଛନ୍ତି ତେବେ ଏହା ମସ୍ତବଡ଼ ଭୁଲ ହେବ ଏବଂ କଂଗ୍ରେସ ବିରୁଦ୍ଧରେ ଷଡ଼ଯନ୍ତ୍ରର ହୀନ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଇତ୍ୟାଦି ସମସ୍ତଙ୍କ କଥା ବାହାରିବ ଏବଂ ସେଥିପାଇଁ ସରକାର ପ୍ରସ୍ତୁତ ରହିବା କଥା। ଶ୍ରୀ ଦାସ ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ନାରୀ ସମ୍ମାନ ହେଉଛି ସାମାଜିକ ନ୍ୟାୟ ଏବଂ ଆମର ଲଢ଼େଇ ନାରୀ ନ୍ୟାୟ ପାଇଁ। ସରକାର ଆଜି ପର୍ଯ୍ୟନ୍ତ ରାଜ୍ୟ ମହିଳା କମିଶନର ନିଯୁକ୍ତି କରିପାରି ନାହାନ୍ତି। ଯଦି ନିଜ ଦଳର ଏବିଭିପି ଛାତ୍ରୀଙ୍କୁ ନ୍ୟାୟ ଦେବାରେ ସରକାରଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ ତେବେ ଏହି ସରକାର କ୍ଷମତାରେ ରହିବା କୌଣସି ଅଧିକାର ନାହିଁ ବୋଲି ସେ କହିଥିଲେ । ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ। କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କଲା । ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ପଠାଇଛି ।


# ଏସ୍‌ଡିପିଓଙ୍କ ସହୃଦୟତା



**ବ୍ରହ୍ମପୁର,୨୧ । ୭(ସଂଚାର ବ୍ୟୁରୋ):** ଶ୍ରୀ ଚନ୍ଦନ ଘଡେଇ, ଏସଡିପିଓ, ଛତ୍ରପୁର ନିଜ କାର୍ଯ୍ୟରେ ଯିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଅଚେତ୍ ଅବସ୍ଥାରେ ପଡ଼ିଥିବା ଜଣେ ଆହତ ବ୍ୟକ୍ତିଙ୍କୁ ଉଠାଇ ତୁରନ୍ତ ନିଜ ସରକାରୀ ଗାଡ଼ିରେ ଛତ୍ରପୁର ଡାକ୍ତରଖାନାଙ୍କୁ ନେଇଥିଲେ । ଠିକ୍ ସମୟରେ ଚିକିତ୍ସା ମିଳିବା ଯୋଗୁଁ ବ୍ୟକ୍ତି ଜଣକ ଜୀବନ ରକ୍ଷା ପାଇଲା । ଗଞ୍ଜାମ ପୋଲିସ, ଶ୍ରୀ ଚନ୍ଦନ ଘଡେଇ, ଏସ୍‌ଡିପିଓ, ଛତ୍ରପୁରଙ୍କ ଏହି ଉତ୍କୃଷ୍ଟ ଓ ପ୍ରଶଂସନୀୟ ସେବା ପାଇଁ ସମ୍ମାନ ଜଣାଉଛି । ତାଙ୍କର ଏହି ପଦକ୍ଷେପ ପୋଲିସ ବିଭାଗ ସହିତ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଯୋଗାଇଛି ।


**ଡୁବୁରୀ-ଦାନଗଦୀ ରାସ୍ତାର ଦୁରାବସ୍ଥା**

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ପ୍ରୀତିରଂଜନ



**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ଯାଜପୁର ଜିଲ୍ଲା ସୁକିନ୍ଦ କ୍ରୋମାଇଟ ଖଣି ଏବଂ କଳିଙ୍ଗନଗର ଶିକ୍ଷାଞ୍ଚଳ ସହିତ ବ୍ୟାସନଗର ମୁନସିପାଲିଟି, ଜିଲ୍ଲା ମୁଖ୍ୟାଳୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମୁଖ୍ୟାଳୟ ସହିତ ସଂଯୋଗ କରୁଥିବା ଡୁବୁରୀ-ଦାନଗଦୀ ରାସ୍ତାରେ ଥିବା ମାନପୁର ରେଲୱେ ଓଭର ବ୍ରିଜ ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବଡ ବଡ ଖାଲଖମା ସୃଷ୍ଟି ହେବା ସହିତ ଏହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିପଦର କାରଣ ସାଜିଛି । ଏହାର ତୁରନ୍ତ ମରାମତି କରାନଗଲେ ଏହା ଯେ କୌଣସି ମୁହୁର୍ତ୍ତରେ ଭୁଷୁଡି ପଡିବାର ଆଶଙ୍କା ଅଛି ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଂଜନ ଘଡାଇ। ଏନେଇ ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିଭଳି ଏହି ରାସ୍ତା ଉପରେ ଦୈନିକ ହଜାର ହଜାର ସଂଖ୍ୟାରେ ଟ୍ରକ, ବସ, ଟ୍ରଲର, ଆମ୍ବୁଲାନ୍ସ, ଯାତ୍ରୀବାହି ବସ, ସ୍କୁଲ ବସ ଏବଂ କଂପାନୀ ଷ୍ଟାଫ ବସ୍ ଇତ୍ୟାଦି ଯିବାଆସିବା କରିବା ଫଳରେ ଓଭର ବ୍ରିଜ ଜାମ୍ ହେଉଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୨୦୧୯-୨୦ ମସିହାରେ ଦ୍ୱିତୀୟ ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ସେ କାର୍ଯ୍ୟ ଏବେ ବନ୍ଦ ଅଛି । ତେଣୁ ମାନପୁର ଓଭର ବ୍ରିଜର ତୁରନ୍ତ ମରାମତି, ଦ୍ୱିତୀୟ ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ଦ୍ୱିତୀୟ ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟୀକ ଭାରିଯାନ ଗୁଡିକୁ ଖୁରୁଂଟ ବି.ଆର.ପି.ଏଲ୍ ଛକ ଠାରୁ ଦାନଗଦୀ ଛକ ଭାୟା ରାବଣା ଦେଇ ଚଳାଚଳ କରିବା ପାଇଁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ।

# ୧୮ବର୍ଷ ହେଲା ଆଇନ ଉଲଂଘନ କରୁଛି ଗାଡ଼କଣ ଅଳିଆଗଦା




**ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) :** ସୈନିକ ସ୍କୁଲ ପ୍ରାଚୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗାଡ଼କଣ ଅଳିହାଗଦା ବିନା ପରିବେଶ ମଞ୍ଜୁରୀ, ଆବର୍ଜନା ନିରାପଦ ପରିଚାଳନା ନିୟମ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମୋଦନରେ ଗତ ୧୮ ବର୍ଷ ହେଲା ଚାଲିଥିବା ଅଭିଯୋଗ ନେଇ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଜି ରାଜ୍ୟ ସରକାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଭୁବନେଶ୍ୱର ମହାନଗର ନିଗମଙ୍କୁ ଅଫିଡାଭିତ ମାଧ୍ୟମରେ ଜବାବ ମାଗିଛନ୍ତି । ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଞ୍ଜ ଦ୍ୱାରା ଆଗତ ହୋଇଥିବା ଏହି ମାମଲାରେ ମୁଖ୍ୟ ବିଚାରପତି ନ୍ୟାୟମୁର୍ତ୍ତି ଶ୍ରୀଯୁକ୍ତ ହରିଶ ଟଣ୍ଡନ ଓ ମାନସରଞ୍ଜନ ପାଠକଙ୍କ ଖଣ୍ଡପୀଠ ଅଭିଯୋଗର ଉତ୍ତର ପାଇଁ ଆସନ୍ତା ଅଗଷ୍ଟ ୪ ତାରିଖ ଧାର୍ଯ୍ୟ କରିଛନ୍ତି ।

ଏହି ମାମଲାରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ସୈନିକ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପକ୍ଷଭୁକ୍ତ ଅଛନ୍ତି ।

ଅଧିଓ୍ୱକ୍ତା ବିରଜା ମହାପାତ୍ର, ବିପ୍ଳବ ବାହାଲି ଓ ସୂର୍ଯ୍ୟ ମିଶ୍ରଙ୍କ ଦ୍ୱାରା ଆଗତ ଏହି ମାମଲାରେ ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଞ୍ଜ ଅଭିଯୋଗ କରିଛନ୍ତି ଯେ ଏହି ଅଳିହାଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦା ମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହେଉଛି । ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଓ ସରକାର ଅଣଦେଖା କରିଛନ୍ତି ।

ବେଆଇନ ଭାବେ ଚାଲିଥିବା ଏହି ଅଳିହା ଗଦାକୁ ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲଂଘନ କରିଥିବା କଥା ପେଟିସନରେ ଉଲ୍ଲେଖ କରାଯାଇଛି ।

ସରକାରଙ୍କ ତରଫରୁ କଲିକତା ସ୍ଥିତ ହରିତ ପ୍ରାଧିକରଣଙ୍କ ଦ୍ୱାରା ଏହି ଅଳିହାଗଦା ନେଇ ଆସିଥିବା ଏକ ରାୟ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରାଯିବା ବେଳେ ମାନ୍ୟବର ଖଣ୍ଡପୀଠ ନିୟମ ଉଲଂଘନ ଅଭିଯୋଗର ଉପଯୁକ୍ତ ସ୍ପଷ୍ଟୀକରଣ ଅଛିକି ନାହିଁ ବୋଲି ପ୍ରଶ୍ନ କରିଥିଲେ । ଗତ ଅଗଷ୍ଟ ୨୦୨୪ରେ ଜାତୀୟ ହରିତ ପ୍ରାଧିକରଣ ନିକଟରେ ହରିପ୍ରିୟା ପଟେଲ ବନାମ ଓଡିଶା ସରକାର ଶୀର୍ଷକ ମାମଲାରେ ସରକାରଙ୍କ ତରଫରୁ ସମସ୍ତ ଆବର୍ଜନାକୁ ସିମେଣ୍ଟ କାରଖାନା ଓ କମ୍ପୋଷ୍ଟ ଜରିଆରେ ବିନିଯୋଗ କରାଯାଉଛି ବୋଲି ତଥ୍ୟ ରଖିଥିଲେ ଓ ତାହା ବିଭ୍ରାଂତିକର ବୋଲି ଏହି ଆବେଦନ ପତ୍ରରେ ଦର୍ଶାଯାଇଛି । ସୈନିକ ସ୍କୁଲ ଆନ୍ଦୋଳନ ଦୀର୍ଘ ଦିନ ଏହାକୁ ବନ୍ଦ କରିବାକୁ ଦାବି କରିଆସୁଥିଲା । ବିଭିର୍ଣ୍ଣ ସମୟରେ ଆନ୍ଦୋଳନ, ଗେଟ ବନ୍ଦ କରିବା ସହ ରାସ୍ତା ରୋକ ଓ ପଳାଶୁଣୀ ପ୍ଲାଣ୍ଟ ଲୋକଙ୍କ ଦ୍ୱାରା ଉଦଘାଟନ କରିବା ସହ ଭୁବନେଶ୍ୱର ମହାନଗର ନିଗମ ସମସ୍ତଙ୍କ ନାମରେ କେଶ ଦେବା ସହ, ଅଭିଯାନ ମଧ୍ୟ କମିଶନରଙ୍କ ନାମରେ କେଶ ଦେଇ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ଏହିଁ ନୋଟିସ ପରେ ଗଡ଼କଣ, ଭି ଏସ ଏସ ନଗର, ରଙ୍ଗାମାଟିଆ, ମଞ୍ଚେଶ୍ୱର, ଉତ୍କଳ ବିଶ୍ୱବିଦ୍ୟାଳୟ, ଲକ୍ଷ୍ମୀ ବିହାର, ଡମଣା, ରସୁଲଗଡ ଓ ସର୍ବପରି ଭୁବନେଶ୍ୱର ସ୍ମାର୍ଟ ସିଟିର ବାସିନ୍ଦାଙ୍କ ମନରେ ଆଶା ଉଜ୍ଜ୍ୱଳିତ ହେବା ସହ ଏହି ଅଳିଆଗଦା ବନ୍ଦ ହେଲେ ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ ପରି ପଚାଶ ରୁ ଉର୍ଦ୍ଧ ଶିକ୍ଷାନୁଷ୍ଠାନ ଓ କଲୋନୀରେ ଛାତ୍ର ଛାତ୍ରୀ ଓ ଲୋକମାନେ ଆଶ୍ୱସ୍ତି ଲାଭ କରିବେ ବୋଲି ଅଭିଯାନ ସଦସ୍ୟ ଅଶୋକ ପାଇକରାୟ ଓ ମୁଖପାତ୍ର ପ୍ରସନ୍ନ ବିଷୋୟୀ ସମେତ ଚିନ୍ତାମଣି ବାରିକ,ନିରୁପମା ପାତ୍ର, ଶଙ୍କର୍ଷଣ ବାରିକ, ଦିଲୀପ ଦଶସର୍ମା, ଭିକ୍ଷାକରି ତ୍ରିପାଠୀ, ସତ୍ୟ ମହାନ୍ତି, ପ୍ରିତିଶ ବାଷା, ସୁବ୍ରତ ସାହୁ, ପ୍ରଦୀପ ସାହୁ, ସଞ୍ଜୟ ମଲ୍ଲିକ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସ୍ୱାଗତ କରିଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୨୨ ଜୁଲାଇ ୨୦୨୫, ଭୁବନେଶ୍ୱର
Tuesday 22 July 2025, Bhubaneswar

# ଆମେରିକାର ବିଶ୍ୱସନୀୟତା ହ୍ରାସ

ସରକାର ଏକ କ୍ରମାଗତ ପ୍ରକ୍ରିୟା। ଗଣତାନ୍ତ୍ରିକ ରାଷ୍ଟ୍ରରେ ଅନେକ ସରକାର ଆସିବେ, ଯିବେ। କିନ୍ତୁ ସରକାର ପରିବର୍ତ୍ତନ ହେଲେ ମଧ ଦେଶର ମୌଳିକ ନୀତିରେ ପରିବର୍ତ୍ତନ ହୁଏ ନାହିଁ। ଏହା ଏକ ସ୍ଥାୟୀ ଧାରା। କିନ୍ତୁ ଏବେ ଆମେରିକାରେ ଏହା ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଆମେରିକାର ନୀତି ଏବଂ ନୈତିକତାରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଏଥିରେ ସାରା ବିଶ୍ୱ ପ୍ରଭାବିତ ହେଉଛି। ଏହା ଅପ୍ରତ୍ୟାଶିତ। ଟ୍ରମ୍ପଙ୍କଠାରୁ ଏହା ଆଶା କରାଯାଉନଥିଲା। କେବଳ ଜଣେ କ୍ଷମତାଲିପ୍ସୁ, ଅହଂକାରୀ, ଏକଛତ୍ରବାଦୀ ଶାସକଙ୍କ କେବଳ ଏହା ଆଶା କରାଯାଇପାରେ। ଜର୍ମାନୀର ଶାସନ ମୁଖ୍ୟ ହେବା ପରେ ହିଟଲରଙ୍କଠାରେ ଯାହା ଦେଖିବାକୁ ମିଳୁଥିଲା, ଏବେ ଟ୍ରମ୍ପଙ୍କ ଆଚରଣରେ ଏହା ପରିଲକ୍ଷିତ ହେଉଛି। ନିଜ ବନ୍ଧୁ ଓ ସହଯୋଗୀଙ୍କୁ ମଧ ସେ ଅତି କଟୁ ବ୍ୟବହାର କରୁଛନ୍ତି, ତାଚ୍ଛଲ୍ୟ କରୁଛନ୍ତି। ଆମେରିକା ଭଳି ରାଷ୍ଟ୍ରର ରାଷ୍ଟ୍ରପତିଙ୍କଠାରୁ ଏହା ଆଶା କରାଯାଇନପାରେ। ୟୁକ୍ରେନ ଉପରେ ରଷିଆର ଆକ୍ରମଣକୁ ୩ ବର୍ଷ ଅତିକ୍ରାନ୍ତ ହୋଇଛି। ଯୁଦ୍ଧ ଆରମ୍ଭରେ କେହି କଳ୍ପନା କରିନଥିଲେ ଯେ, ଏହା ଏତେ ଦିନ ଚାଲିବ। ୟୁକ୍ରେନ ତୁଳନାରେ ରଷିଆର ସାମରିକ ଶକ୍ତି ବହୁ ଅଧିକ। ତେଣୁ ଯୁଦ୍ଧ ୧୫ ଦିନରେ ସରିଯିବ ଏବଂ ୟୁକ୍ରେନ ରଷିଆ ନିକଟରେ ମୁଣ୍ଡ ନୁଆଁଇବ ବୋଲି ଅନେକ ବିଚାର କରିଥିଲେ। କିନ୍ତୁ ୩ ବର୍ଷ ପରେ ମଧ ୟୁକ୍ରେନ ଆତ୍ମସମର୍ପଣ କରିନାହିଁ। ଯଦିଓ ରଷିଆ ଯୁଦ୍ଧରେ ଏହାର ଶତ ପ୍ରତିଶତ ଶକ୍ତି ବିନିଯୋଗ କରିନାହିଁ, କିନ୍ତୁ ତଥାପି ରଷିଆ ଆକ୍ରମଣକୁ ୟୁକ୍ରେନ ଆଜି ପର୍ଯ୍ୟନ୍ତ ପ୍ରତିହତ କରିବା ଏକ ବଡ଼ କଥା। ଏଥିପାଇଁ ୟୁକ୍ରେନବାସୀଙ୍କ ସାହସ ପ୍ରଶଂସନୀୟ। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ଯୁଦ୍ଧରେ ଧୈର୍ଯ୍ୟ ଓ ସାହସର ପ୍ରମାଣ ଦେଇଛନ୍ତି। ଯୁଦ୍ଧରେ ରଷିଆର ମୁକାବିଲା ନିମନ୍ତେ ସେ ପାଶ୍ଚାତ୍ୟ ରାଷ୍ଟ୍ରରୁ ସହାୟତା ପାଇଛନ୍ତି। ତିନି ବର୍ଷ କାଳ ଯୁଦ୍ଧ ଲାଗିବା ସତ୍ତ୍ୱେ ୟୁକ୍ରେନର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିନି। ରଷିଆ ସହ ସାଲିସ କରିବା ଏବଂ ଯୁଦ୍ଧ ବିରତି ଲାଗି ତାଙ୍କ ଉପରେ ବିଭିନ୍ନ ଦିଗରୁ ଚାପ ପଡ଼ିଛି। ଏହାକୁ ସେ ଦୃଢ଼ତାର ସହ ଏଡ଼ାଇ ଚାଲିଛନ୍ତି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଆଶା କରାଯାଉଥିଲା ଯେ, ଏଥର ରଷିଆ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ହେବ। ରଷିଆ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପ ଆଲୋଚନା କରିବା ପରେ ଯୁଦ୍ଧର ପରିସମାପ୍ତି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଆଲୋଚନାରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ବାଦ ଦିଆଗଲା। ଏହା ୟୁକ୍ରେନ ପାଇଁ ନିହାତି ଅପମାନଜନକ। ୟୁକ୍ରେନକୁ ଆଲୋଚନା ପ୍ରକ୍ରିୟାରେ ସାମିଲ ନକରି ଶାନ୍ତି ପ୍ରତିଷ୍ଠା ଅସମ୍ଭବ ଏବଂ



ଏକପାଖିଆ ଭାବେ କୌଣସି ନିଷ୍ପତ୍ତିକୁ ୟୁକ୍ରେନ ଗ୍ରହଣ କରିବ ନାହିଁ ବୋଲି ଜେଲେନସ୍କି ସ୍ପଷ୍ଟ କରି ଦେଇଛନ୍ତି। ଇତିମଧ୍ୟରେ ୱାଶିଂଟନ ଗସ୍ତରେ ଯାଇ ଜେଲେନସ୍କି ହ୍ୱାଇଟ ହାଉସରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଜେଲେନସ୍କି ଓ ଟ୍ରମ୍ପଙ୍କ ମଧ୍ୟରେ ଉଚ୍ଚବାଚ ଏବଂ କଥା କଟାକଟି ହୋଇଥିଲା। ରଷିଆ ରାଷ୍ଟ୍ରପତି ପୁଟିନଙ୍କୁ ଜେଲେନସ୍କି ଜଣେ ହତ୍ୟାକାରୀ ଭାବେ ବର୍ଣ୍ଣନା କରି ତାଙ୍କ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଧମକ୍ ଆଗରେ ସେ ମୁଣ୍ଡ ନୁଆଁଇବାକୁ ସ୍ପଷ୍ଟ ମନା କରି ଦେଇଛନ୍ତି। ଆଲୋଚନା ବେଳେ ଟ୍ରମ୍ପ କହିଥିଲେ ଯେ, ଯଦି ତାଙ୍କ ପ୍ରସ୍ତାବକୁ ଜେଲେନସ୍କି ଗ୍ରହଣ କରୁ ନାହାଁନ୍ତି ତେବେ ସେ ଆଲୋଚନା ପ୍ରକ୍ରିୟାରୁ ଓହରିଯାଉଛନ୍ତି। ଟ୍ରମ୍ପଙ୍କ ନାଲିଆଖିକୁ ଜେଲେନସ୍କି ଖାତିର ନକରି ହ୍ୱାଇଟ ହାଉସରୁ ବାହାରି ଆସିଛନ୍ତି। ହ୍ୱାଇଟ ହାଉସରେ ବସି ଆମେରିକା ରାଷ୍ଟ୍ରପତିଙ୍କ ସହ ଯୁକ୍ତି ତର୍କ କରିବା ଏବଂ ଆମେରିକା ରାଷ୍ଟ୍ରପତିଙ୍କ ନାଲିଆଖିକୁ ଖାତିର ନକରିବା ଜେଲେନସ୍କିଙ୍କ ସ୍ୱାଭିମାନ ଏବଂ ସାହସକୁ ପ୍ରମାଣିତ କରୁଛି। ନିଜ ଦେଶର ସମ୍ମାନ ଏବଂ ସାର୍ବଭୌମତ୍ୱ ସହ ସେ ସାଲିସ କରିନାହାଁନ୍ତି। ବାସ୍ତବରେ ସେ ୟୁକ୍ରେନର ରାଷ୍ଟ୍ରପତି ହେବାକୁ ଯୋଗ୍ୟ। ଉଭୟ ଆମେରିକା ଏବଂ ରଷିଆ ଭଳି ବିଶ୍ୱର ଦୁଇ ମହାଶକ୍ତିଙ୍କ ମୁକାବିଲା କରିବା ସହଜ ନୁହେଁ। ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ହାମ ବଡ଼ା ନୀତି ଏବେ ସମଗ୍ର ବିଶ୍ୱପାଇଁ ଚିନ୍ତାର କାରଣ ହୋଇଛି। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ନିଜ ଦେଶରେ ବସବାସ କରୁଥିବା ବେଆଇନ ପ୍ରବାସୀ ବା ଅନୁପ୍ରବେଶକାରୀଙ୍କୁ ବିଦା କରିବାର ଅଧିକାର ତାଙ୍କର ରହିଛି। କିନ୍ତୁ ଟ୍ରମ୍ପ ଯେପରି ଭାବେ ବିଭିନ୍ନ ଦେଶର ସାମଗ୍ରୀ ଆମଦାନୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି ତାହା ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ସେୟାର ବଜାର ଭୁଶୁଡ଼ିଛି। ନିବେଶକ ମାନେ ବିପୁଳ କ୍ଷତି ସହିଛନ୍ତି। ଟ୍ରମ୍ପଙ୍କ ପାଗଳାମି ସମସ୍ତଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କର ଆମେରିକା ପ୍ରଥମେ ନୀତିକୁ କେହି ବିରୋଧ କରୁନାହାଁନ୍ତି। କିନ୍ତୁ ସେ ଯେପରି ଭାବେ ଅନ୍ୟ ଦେଶକୁ ଅଣଦେଖା କରୁଛନ୍ତି ଏବଂ ହେୟଜ୍ଞାନ କରୁଛନ୍ତି ତାହା ନିଶ୍ଚିତ ଭାବେ ନିନ୍ଦନୀୟ। ଯାହା ଅନୁଭବ କରାଯାଉଛି, ଟ୍ରମ୍ପଙ୍କ ନିକଟରେ ବନ୍ଧୁତାର କିଛି ମୂଲ୍ୟ ନାହିଁ। ତାଙ୍କର ଏହି ଆଭିମୁଖ୍ୟ କେବଳ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ କ୍ଷତିକାରକ ନୁହେଁ, ଆମେରିକା ପାଇଁ ମଧ ଏହା ମହଙ୍ଗା ପଡ଼ିବ। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟରୁ ଚୀନ ନିଶ୍ଚିତ ଭାବେ ଫାଇଦା ଉଠାଇବ ଏବଂ ଆମେରିକା ବିଶ୍ୱ ନେତା ମାନ୍ୟତା ହରାଇବ। ଟ୍ରମ୍ପଙ୍କ ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡୁଛି। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଯେଉଁ ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିସମାପ୍ତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା, ଏବେ ସେହି ଆମେରିକା ତୃତୀୟ ବିଶ୍ୱଯୁଦ୍ଧ ଲାଗି ପଥ ପରିଷ୍କାର କରୁଛି। ତୃତୀୟ ବିଶ୍ୱଯୁଦ୍ଧ ଲାଗିଲେ ଏଥିରୁ ଆମେରିକା ସର୍ବାଧିକ ଆର୍ôଥକ ଫାଇଦା ଉଠାଇବ। ତେଣୁ ଟ୍ରମ୍ପ ନିଜ ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ବିଶ୍ୱଯୁଦ୍ଧ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରନ୍ତି। କ୍ଷମତା ପାଇଁ ପାଗଳ ଜଣେ ନେତାଙ୍କଠାରୁ ଏହା ଆଶା କରାଯାଇପାରେ। ଏବେ ଆମେରିକା ପ୍ରତି ଭାରତ ସମେତ ବିଶ୍ୱର ସବୁ ରାଷ୍ଟ୍ର ସତର୍କ ରହିବା ଉଚିତ। ଆମେରିକାର ଶକ୍ତି ହେଲା ଏହାର ଡଲାର। ଡଲାର ଲୋଭ ଦେଖାଇ ଆମେରିକା ସାରା ବିଶ୍ୱକୁ ନିଜ ହାତମୁଠାରେ ରଖିବାକୁ ସବୁ ବେଳେ ଚେଷ୍ଟା କରି ଆସିଛି। ଏବେ ବିଶ୍ୱ ଅର୍ଥନୀତିରେ ଡଲାରର ପ୍ରଭୁତ୍ୱକୁ କ୍ଷୁର୍ଣ୍ଣ କରିବାର ଅଛି। ଏଥିଲାଗି ସବୁ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ପରସ୍ପର ସହ ହାତ ମିଳାଇବା ଉଚିତ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ବେଳେ ଆତ୍ମନିର୍ଭର ଭାରତ ଗଠନ ଲାଗି ଆହ୍ୱାନ କରୁଛନ୍ତି। ଏବେ ସମୟ ଆସିଛି ଭାରତ ଏହା ଉପରେ ଗୁରୁତ୍ୱ ଦେବା ଉଚିତ।

# ଶ୍ରଦ୍ଧାରୁ ଶ୍ରାଦ୍ଧ ଓ ଆମ ପରମ୍ପରାରେ ପବିତ୍ର ଶ୍ରାଦ୍ଧ ଉତ୍ସବ



## ଡଃ. ଅମୂଲ୍ୟ କୁମାର ପଣ୍ଡା

ଶ୍ରଦ୍ଧାର ସହିତ ଯେଉଁ ପିତୃ ଓ ମାତୃ କାର୍ଯ୍ୟ ତାଙ୍କରି ନିମିତ୍ତ କରାଯାଏ ତାହାକୁ ଶ୍ରାଦ୍ଧ କୁହାଯାଏ ! ଶ୍ରାଦ୍ଧ ଶବ୍ଦଟି ଶ୍ରଦ୍ଧାରୁ ଆସିଛି। ଅର୍ଥ ଶ୍ରେୟକୁ ଧାରଣ କରିବା (ଶ୍ରୀ+ଅତ୍ = ଶ୍ରତ୍, ଶ୍ରତ୍+ଧା = ଶ୍ରଦ୍ଧା, ଶ୍ରଦ୍ଧା+ଅ = ଶ୍ରାଦ୍ଧ)। ଏହି ଶ୍ରଦ୍ଧା ଓ ବିଶ୍ୱାସ ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣ କାହାପ୍ରତି ମଧ ପ୍ରଯୁଜ୍ୟ ହୋଇପାରେ। ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ। ଏହି ଦର୍ଶନ ହେଉଛି- 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ'ର। କିନ୍ତୁ ସମସ୍ତେ ସୁଖୀ ସେତେବେଳେ ହେବେ, ଯେତେବେଳେ ଆମେ ଶ୍ରଦ୍ଧାକୁ ଜୀବନର ଯଜ୍ଞ ଭାବେ ଗ୍ରହଣ କରିନେବା। ଏଥିପାଇଁ ପୂର୍ବପୁରୁଷଙ୍କ ଭାବନାକୁ ମଧ ସମ୍ମାନ କରିବା ଜରୁରୀ। ମନୁଷ୍ୟ ମାତ୍ରକ ପାଇଁ ଶାସ୍ତ୍ରରେ ଦେବ ଋଣ, ଋଷି ଋଣ, ଏବଂ ପିତୃ ଋଣ ଏହି ତିନି ଋଣ କଥା କୁହାଯାଏ! ଏମାନଙ୍କ ମଧ୍ୟରୁ ପିତୃ ଋଣ ଶ୍ରାଦ୍ଧ ଦ୍ୱାରା ଆମେ ପୂରଣ କରିପାରିବା। ବିଷ୍ଣୁ ପୁରାଣ ରେ କୁହାଯାଇଛି କି ଶ୍ରାଦ୍ଧ କରିବା ଦ୍ୱାରା ପିତୃ ଗଣ ତୃପ୍ତ ହୋଇ ସମସ୍ତ ମନ କାମନା ପୁରଣ କରିଥାନ୍ତି! ଏହାଛଡ଼ା ଶ୍ରାଦ୍ଧ କର୍ତ୍ତାଙ୍କ ବିଶ୍ୱଦେବା ଗଣ, ପିତୃ ଗଣ, ମାତା ଗଣ, ତଥା କୁଟୁମ୍ବ ଜନ - ସଭିଏଁ ସନ୍ତୁଷ୍ଟ ହୁଅନ୍ତି! ପିତୃପକ୍ଷ (ଆଶ୍ୱିନ ମାସର କୃଷ୍ଣ ପକ୍ଷରେ ପିତୃ ଗଣ ନିଜେ ଶ୍ରାଦ୍ଧ ଗ୍ରହଣ କରିବାକୁ ଆସନ୍ତି ତଥା ଶ୍ରାଦ୍ଧ ମିଳିବା ପରେ ପ୍ରସନ୍ନ ହୁଅନ୍ତି ଓ ନ ମିଳିବା ପରେ ନିରାଶ ହୋଇ ଅଭିଶାପ ଦେଇ ଥାନ୍ତି! ପୁଣି ନିଜ ଲୋକଙ୍କୁ ଫେରି ଥାନ୍ତି। ବିଷ୍ଣୁ ପୁରାଣ ରେ ପିତୃ ଗଣ କହିଛନ୍ତି ଆମରି କୂଳରେ କଣ କେହି ଏପରି ଧର୍ମ ପୁରୁଷ, ବୁଦ୍ଧିମାନ ପୁରୁଷ, ଧନ୍ୟ ପୁରୁଷ ଉତ୍ପନ ହେବ ଯିଏ ଧନର ଲୋଭ ତ୍ୟାଗ କରି ଆମରି ପାଇଁ ପିଣ୍ଡ ଦାନ କରିବ? ବିଷ୍ଣୁ ପୁରାଣ ରେ ଶ୍ରାଦ୍ଧ କର୍ମର ସରଳ ଠାରୁ ସରଳ ଉପାୟ କୁହାଯାଇଛି। ଅତଏବ ଏତେ ସରଳତାରେ ହେବାକୁ ଥିବା କାର୍ଯ୍ୟକୁ ନ ଛାଡିବା ଉଚିତ। ଶ୍ରାଦ୍ଧକର୍ମ ପୂର୍ଣ୍ଣ ରୂପରେ ଆବଶ୍ୟକ ଅଟେ। ଏହା ଶାସ୍ତ୍ର ସମ୍ମତ ଅଟେ! ହଁ ବର୍ତ୍ତମାନ କାଳରେ ଲୋକମାନଙ୍କର ଏହି ରୀତି ହିଁ ଚାଲିଛି ଯେ, ଯେଉଁ ବିଷୟକୁ ସେମାନେ ବୁଝିଥାନ୍ତି ତାହା ହିଁ ସତ୍ୟ ବୋଲି ଭାବନ୍ତି ଓ ତାହା ତାଙ୍କ ମୁଣ୍ଡରୁ ଆଉ ହଟେ ନାହିଁ! କିନ୍ତୁ ଯେଉଁ ବିଷୟକୁ ବୁଝି ନପାରନ୍ତି, ଯାହା ତାଙ୍କ ବୁଝିବା ବାହାରେ, ତାହା ସେମାନଙ୍କୁ ମିଥ୍ୟା ଲାଗି ଥାଏ ଓ ଏହା ମିଥ୍ୟା ଅପପ୍ରଚାର ବୋଲି କହି ବୁଲନ୍ତି। କଳି କାଳରେ ଲୋକ ମାନେ ପ୍ରାୟତଃ ସ୍ୱାର୍ଥୀ ଅଟନ୍ତି! ସେମାନେ ଅନ୍ୟର ସୁଖ ଦେଖିଲେ ସହି ପାରନ୍ତି ନାହିଁ। ନିଜେ ତ ମିତ୍ରଙ୍କର ବଡ଼ ବଡ଼ ଭୋଜି ନିମନ୍ତ୍ରଣ ସ୍ୱୀକାର କରନ୍ତି ଓ ମିତ୍ରମାନଙ୍କୁ ନିଜ ଘରକୁ ଡାକି ବଡ଼ ବଡ଼ ଭୋଜି କରନ୍ତି । ଦିନ ରାତି ନିରର୍ଥକ ବ୍ୟୟର ଆନନ୍ଦ ଉଠାନ୍ତି । କିନ୍ତୁ ଶ୍ରାଦ୍ଧ କର୍ମରେ ଗୋଟିଏ ବ୍ରାହ୍ମଣ ଭୋଜନ କରାଇବାରେ ସେମାନଙ୍କୁ ବହୁତ ବଡ଼ ଭାର ଉଠାଇଲା ଭଳି ଲାଗେ। ଯେଉଁ ମାତା -ପିତାଙ୍କର ଜୀବନ ସାରା ସେବା କରିଲେ ବି ଆମେ ତାଙ୍କ ଋଣ ସୁଝି ପାରିବା ନାହିଁ, ସେଥି ନିମନ୍ତେ ତାଙ୍କ ଅନ୍ତେ ବି ତାଙ୍କୁ ମନେ ରଖିବାକୁ କିଛିଟା ଋଣ ଶୁଝିବା ନିମନ୍ତେ ତାଙ୍କ ପଛରେ ତାଙ୍କ ଶ୍ରାଦ୍ଧ କରିବା ଉଚିତ।

ଶ୍ରାଦ୍ଧକର୍ମରେ ଅନ୍ତରର ଶ୍ରଦ୍ଧା ହେଉଛି ମୁଖ୍ୟ । ଅନ୍ତରର ଶ୍ରଦ୍ଧା ନଥାଇ କୌଣସି କାର୍ଯ୍ୟ ଫଳଦାୟକ ହୁଏ ନାହିଁ । ଜଣେ ଗୃହସ୍ଥ ପକ୍ଷରେ ବର୍ଷକ ମଧ୍ୟରେ ଚାରିଗୋଟି ଶ୍ରାଦ୍ଧ ସ୍ୱତନ୍ତ୍ର ଭାବେ କରିବାର ବ୍ୟବସ୍ଥା ଅଛି, ଯଥାଃ ପିତୃଶ୍ରାଦ୍ଧ, ମାତୃଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ଓ ଦୀପଦାନ ବା ପୟାଶ୍ରାଦ୍ଧ । ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିଠାରୁ ଅପରପକ୍ଷ ଆରମ୍ଭ ହୋଇ ସେହି ମାସର ଅମାବାସ୍ୟା ତିଥିରେ, ମହାଳୟା ଶ୍ରାଦ୍ଧ ପରେ, ପିତୃପକ୍ଷର ପରିସମାପ୍ତି ହୁଏ । ଏହି ପିତୃପକ୍ଷରେ ପ୍ରତ୍ୟେକ ଦିନ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିବିଧାନରେ କରଣୀୟ । ଏହି ପକ୍ଷରେ ପିତୃପୁରୁଷମାନେ ନିଜନିଜର ଆତ୍ମୀୟମାନଙ୍କଠାରୁ ତିଳୋଦକ ଓ ଅନ୍ନବ୍ୟଞ୍ଜନ ପାଇବାକୁ ଆଗ୍ରହୀ ଥାଇ ମର୍ତ୍ତ୍ୟମଣ୍ଡଳକୁ ଅବତରଣ କରିଥାନ୍ତି । ପ୍ରତ୍ୟେକ ଦିନ ତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରି ତୃପ୍ତି କରିବାର ଅନୁକୂଳ ସମୟ । ଅସୁବିଧାବଶତଃ ପ୍ରତ୍ୟେକ ଦିନ ଶ୍ରାଦ୍ଧ ନ କରି ପାରିଲେ ଅନ୍ତତଃପକ୍ଷେ ପିତାଙ୍କର ଦେହାନ୍ତ ଯେଉଁ ତିଥିରେ ହୋଇଥିବ, ସେହିଦିନ ଶ୍ରାଦ୍ଧ କରିବା ବିଧେୟ । କିନ୍ତୁ ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ତର୍ପଣ ଚାଲୁ ରଖିବାକୁ ହେବ । ପ୍ରତ୍ୟହ ତର୍ପଣ ପରେ ବୈଶ୍ୱଦେବ କରିବା ଉଚିତ, କାରଣ ବୈଶ୍ୱଦେବ ଏକପ୍ରକାର ଶ୍ରାଦ୍ଧର ଅନ୍ତର୍ଗତ । ଯେଉଁ ଗୃହସ୍ଥଙ୍କ ପିତା ପୂର୍ଣ୍ଣିମା ତିଥିରେ ମୃତ୍ୟୁବରଣ କରିଥିବେ, ତାଙ୍କ ଉଦ୍ଦେଶ୍ୟରେ ଅମାବାସ୍ୟା ଦିନ ମହାଳୟା ବିଧିରେ ଶ୍ରାଦ୍ଧ କରାଯିବ। ଆମ ପାଞ୍ଜିର ସହାୟତା ମଧ୍ୟରୁ ଗୋଟିଏ ହେଲା ଆତ୍ମୀୟସ୍ୱଜନଙ୍କ ଶ୍ରାଦ୍ଧ। 'ନିତ୍ୟ', 'ନୈମିତ୍ତିକ' ଓ 'କାମ୍ୟ' ଭେଦରେ ଶ୍ରାଦ୍ଧ ତିନିପ୍ରକାର। ନୈମିତ୍ତିକ ଶ୍ରାଦ୍ଧ ପୁଣି ଦୁଇପ୍ରକାର- ଏକୋଦ୍ଦିଷ୍ଟ ଓ ପାର୍ବଣ। ପ୍ରତି ଅମାବାସ୍ୟା, ତିନି ଅଷ୍ଟକା, ତିନି ଅନ୍ୱଷ୍ଟକା ଆଦି ତିଥିରେ ନିତ୍ୟଶ୍ରାଦ୍ଧ ପାଳିତ ହୁଏ। ସେହିପରି ମେଷ, ତୁଳା, ମକର, କର୍କଟ, ଏହି ଚାରି ସଂକ୍ରାନ୍ତି, ବ୍ୟତିପାତ, ଜନ୍ମନକ୍ଷତ୍ର ଓ ଯାଗ ବ୍ରତ ବିବାହ ଆଦି ସମୟରେ କାମ୍ୟ ଶ୍ରାଦ୍ଧ କରାଯାଏ। ଏହା ପିଣ୍ଡଶୂନ୍ୟ ଶ୍ରାଦ୍ଧ। ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ତିଥିରେ ପ୍ରତିବର୍ଷ ଯେଉଁ ସାମ୍ବତ୍ସରିକ ଶ୍ରାଦ୍ଧ ପାଳନ କରାଯାଏ, ତାହା ନୈମିତ୍ତିକ ଶ୍ରାଦ୍ଧ। ଏକପୁରୁଷ ଅର୍ଥାତ୍ ଜନକଜନନୀଙ୍କ ଉଦ୍ଦେଶ୍ୟରେ ଯେଉଁ ଶ୍ରାଦ୍ଧ ପାଳିତ ହୁଏ, ତାହାକୁ ଏକୋଦ୍ଦିଷ୍ଟ ଶ୍ରାଦ୍ଧ କୁହାଯାଏ। ସେହିପରି, ତିନିପୁରୁଷଙ୍କ ଉଦ୍ଦେଶ୍ୟରେ ଯେଉଁ ଶ୍ରାଦ୍ଧ କରାଯାଏ ତାହାକୁ ପାର୍ବଣ ଶ୍ରାଦ୍ଧ କହନ୍ତି। ସ୍ୱର୍ଗତ ପିତାମାତାଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ମୃତ୍ୟୁ ତିଥିରେ ପ୍ରତିବର୍ଷ ସାମ୍ବତ୍ସରିକ ଶ୍ରାଦ୍ଧ କରିବାକୁ ହୋଇଥାଏ। ମୃତ୍ୟୁର ପ୍ରଥମ ବର୍ଷ ମୋଟ ୧୬ଟି ପ୍ରେତଶ୍ରାଦ୍ଧ କରିବାର ବିଧି ରହିଛି। ଦଶାହାଦି କ୍ରିୟା ଶେଷରେ ଏକାଦଶାହ ଦିନ ଯେଉଁ ଶ୍ରାଦ୍ଧ କରାଯାଏ, ତାହା ଆଦ୍ୟ ଶ୍ରାଦ୍ଧ। ଏହାପରେ, ବାରମାସରେ ୧୨ଟି ମାସିକ ଶ୍ରାଦ୍ଧ, ଗୋଟିଏ ତ୍ରିପାକ୍ଷିକ ଶ୍ରାଦ୍ଧ, ଗୋଟିଏ ଷାଣ୍ମାସିକ ଶ୍ରାଦ୍ଧ ଓ ବର୍ଷପୂରଣ ହେଲେ ସାମ୍ବତ୍ସରିକ ଶ୍ରାଦ୍ଧ କରାଯାଏ। ଶୁଦ୍ଧ ହେଉ ବା ମଳମାସ, ଷଷ୍ଠ ମାସରେ ଷାଣ୍ମାସିକ ଶ୍ରାଦ୍ଧ କରିବାକୁ ହୁଏ। ତିନି ପକ୍ଷ ପୂରିଗଲେ, ଅର୍ଥାତ୍ ମାତ୍ର ୪୫ ଦିନ ପୂରଣ ହେଲେ, ୪୬ ଦିନରେ ତ୍ରିପାକ୍ଷିକ ଶ୍ରାଦ୍ଧ ଦିଆଯାଏ। ଏହି ତ୍ରିପାକ୍ଷିକ ଶ୍ରାଦ୍ଧ ମଳମାସରେ ପଡ଼ିଲେ ମଧ ସେହିଦିନ କରାଯାଏ। ଯେବେ ଶ୍ରାଦ୍ଧ ଦିବସରେ ଅଶୌଚ ପଡ଼େ, ତେବେ ଅଶୌଚ ଶେଷ ହେବାର ପରଦିନ ଶୁଚି ହୋଇ ଶ୍ରାଦ୍ଧ କରିବାକୁ ହୁଏ। ଗୟା ଆଦି ତୀର୍ଥରେ ପିଣ୍ଡଦାନ ଓ ତର୍ପଣ କରିଥିଲେ ମଧ, ପ୍ରତିବର୍ଷ ଘରେ ଶ୍ରାଦ୍ଧ ଦିଆଯିବାରେ କୌଣସି ବାରଣ ନାହିଁ।


ସାଧାରଣତଃ ଲୋକେ ଭାବନ୍ତି, ଆମେ ଜୀବନରେ କାହାର କ୍ଷତି କରିନୁ, ତେଣୁ ଆମର କ୍ଷତି କାହିଁକି ହେଉଛି? ଗ୍ରହମାନଙ୍କ ପ୍ରଭାବ ଅନୁକୂଳ, ରାଜଯୋଗ ରହିଛି, ତଥାପି ବ୍ୟକ୍ତି ଅଭିଶପ୍ତ ଜୀବନ କାହିଁକି ଜିଉଛି? ପ୍ରକୃତରେ କେବେକେବେ ପୂର୍ବଜଙ୍କ କର୍ମଦୋଷ ବ୍ୟକ୍ତି ପାଇଁ ଅଭିଶାପ ହୋଇଯାଏ। ଆଉ କେତେକ ସ୍ଥାନରେ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ପୂର୍ବଜଙ୍କୁ କଷ୍ଟ ଦେଇ ଅଭିଶପ୍ତ ଜୀବନ ପାଇଁ ରାସ୍ତା ଖୋଲିଦିଏ। ଏହାକୁ ପିତୃଦୋଷ କୁହାଯାଏ। ତା'ହେଲେ ଆସନ୍ତୁ ଜାଣିବା ପିତୃଦୋଷ କେମିତି ଦୂର ହେବ। ଚନ୍ଦ୍ରମା ପୃଥିବୀକୁ ୨୭ଦିନ ୭ ଘଣ୍ଟା ୪୫ ମିନିଟ୍‌ରେ ପରିକ୍ରମା କରନ୍ତି। ଉଲ୍ଲେଖନୀୟ ଯେ, ଚନ୍ଦ୍ରମାର ଗୋଟିଏ ଅଂଶ ପୃଥିବୀ ଆଡ଼କୁ ରୁହେ, ଅନ୍ୟ ଅଂଶ ପୃଥିବୀ ଆଡ଼କୁ କେବେ ବି ଆସେ ନାହିଁ। ଚନ୍ଦ୍ରମାର ଏହି ଅଦୃଶ୍ୟ ଅନ୍ଧକାରମୟ ଅଂଶ ଯାହା ପୃଥିବୀ ଆଡ଼କୁ କେବେ ବି ଆସେ ନାହିଁ ତାହାକୁ ପିତୃଲୋକ କୁହାଯାଏ। ଚନ୍ଦ୍ରମାର ଭୌଗୋଳିକ ଏବଂ ଖଗୋଳୀୟ ସ୍ଥିତି ଆଧାରରେ ଏଠାରେ ଗୋଟିଏ ମାସ ଦିନ ଓ ରାତି ହୁଏ। ଏହାକୁ ଅହୋରାତ୍ର କୁହାଯାଏ।

ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥର ମାନ୍ୟତା ଅନୁଯାୟୀ ଯେତେବେଳେ ପୃଥିବୀରେ ଅମାବାସ୍ୟା ହୁଏ ସେତେବେଳେ ଚନ୍ଦ୍ରମାର ଅଦୃଶ୍ୟ ଅଂଶ ସୂର୍ଯ୍ୟଙ୍କ ଆଡ଼କୁ ଥିବାରୁ ପିତୃଲୋକରେ ମଧ୍ୟାହ୍ନ ହୁଏ। ସେମିତି ଯେତେବେଳେ ପୃଥିବୀରେ ପୂର୍ଣ୍ଣିମା ହୁଏ, ସେତେବେଳେ ଚନ୍ଦ୍ରମାର ଏହି ଅଂଶ ସୂର୍ଯ୍ୟଙ୍କଠାରୁ ଦୂରେଇ ଯାଉଥିବାରୁ ପିତୃଲୋକରେ ମଧ୍ୟରାତ୍ର ହୋଇଥାଏ। କୃଷ୍ଣପକ୍ଷ ଅଷ୍ଟମୀରେ ସୂର୍ଯ୍ୟୋଦୟ ଏବଂ ଶୁକ୍ଳପକ୍ଷ ଅଷ୍ଟମୀରେ ସୂର୍ଯ୍ୟାସ୍ତ ହୁଏ। ଶାସ୍ତ୍ର ଅନୁଯାୟୀ ପୃଥିବୀରେ ଅମାବାସ୍ୟା ସମୟରେ ପିତୃଲୋକରେ ମଧ୍ୟାହ୍ନ ହୁଏ, ଏହା ପୂର୍ବଜଙ୍କ ଭୋଜନର ସମୟ। ଜନ୍ମକୁଣ୍ଡଳୀରେ ଗ୍ରହସ୍ଥିତି ଆଧାରରେ ପିତୃଋଣ ବା ପିତୃଦୋଷ ସମ୍ପର୍କରେ ଜଣାପଡ଼େ। ଭାରତୀୟ ଜ୍ୟୋତିଷ ବିଜ୍ଞାନରେ ସୂର୍ଯ୍ୟ ପିତୃକାରକ ଏବଂ ଚନ୍ଦ୍ର ମାତୃକାରକ ଗ୍ରହ ଭାବରେ ସ୍ୱୀକୃତ। ପିତୃଦୋଷର ମୁଖ୍ୟ କାରକ ଏହି ଉଭୟ ଗ୍ରହ। ଏମାନେ ରାଶିଚକ୍ରରେ ରାହୁ ସହିତ ଥିଲେ କିମ୍ବା ରାହୁ ସହ ସୁସମ୍ପର୍କ ଥିଲେ ପିତୃଦୋଷ ବ୍ୟକ୍ତ କରେ। ସୂର୍ଯ୍ୟ ଓ ଶନି ଉପରେ ରାହୁର କୁପ୍ରଭାବ ବ୍ୟକ୍ତିକୁ ଭୀଷଣ କଷ୍ଟ ଓ ନାନା ଅବରୋଧର ସାମ୍ନା କରାଏ। ଚାତୁର୍ମାସ୍ୟ ବ୍ରତ ପାଳନ ଓ ମହାଳୟା ଶ୍ରାଦ୍ଧ ଦ୍ୱାରା ଏହି ଅବରୋଧ ଦୂର ହୁଏ। ହରିଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଶୃଙ୍ଖଳାର ଉତ୍ସବ ଶେଷ ହୁଏ ଦେବୋତ୍ଥାପନୀ ଏକାଦଶୀରେ। ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ। ଏହି ସମୟରେ ଚାଷବାସ କାମ ବନ୍ଦ ଥାଏ। ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ। ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ। ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହନ କରାଯାଏ। ଏହା ପରେ ପଡ଼ିଥାଏ ପିତୃପକ୍ଷ। ଯେଉଁମାନେ ପୂର୍ବଜଙ୍କୁ ସମ୍ପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଦାନଧର୍ମ କରିଥାନ୍ତି, ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ।

ପୌରାଣିକ ବିଶ୍ୱାସ ଅନୁଯାୟୀ, ମହାଦାନୀ କର୍ଣ୍ଣଙ୍କର ମୃତ୍ୟୁପରେ ତାଙ୍କ ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଲା, କିନ୍ତୁ ଅଭୁକ୍ତ ରଖାଗଲା, କିଛି ଖାଦ୍ୟ ଦିଆଗଲା ନାହିଁ, କାରଣ ଜୀବିତାବସ୍ଥାରେ ସେ କେବେ କୌଣସି ବ୍ୟକ୍ତିକୁ ଅନ୍ନଦାନ ଦେଇନଥିଲେ । ସେ ଚିନ୍ତିତ ହୋଇ ଯମରାଜଙ୍କୁ ପ୍ରାର୍ଥନା କରିବାରୁ, ତାଙ୍କୁ ମାତ୍ର ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ପଠାଯାଇଥିଲା । ସେହି ଚଉଦଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ଫଳସ୍ୱରୂପ ତାଙ୍କୁ ଆଉ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡ଼ି ନ ଥିଲା । ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦଦିନ ପିତୃପକ୍ଷ ଥିଲା । ଯଦି ଆମେ ଚିଠି ଉପରେ ନାମ ଠିକଣା ଲେଖି ଲେଟର ବାକ୍ସରେ ପକାଇବା ତାହେଲେ ସେହି ଠିକଣାର ଅଭିଷ୍ଟ ଲୋକକୁ ,ସେ ଯେଉଁଠାର ଠିକଣା ଦିଆଯାଇଥାଏ, ତାହାଙ୍କୁ ଅବଶ୍ୟ ମିଳିଥାଏ। ସେହିପ୍ରକାରେ ଶ୍ରାଦ୍ଧ ସମୟରେ ଯାହାଙ୍କ ନାମ ଉଚ୍ଚାରଣ କରାଯାଏ ସେହି ପିତୃଙ୍କୁ ହିଁ, ସେ ଯେଉଁ ଯୋନି ରେ ଜନ୍ମ ହୋଇଥିଲେ ମଧ, ଶ୍ରାଦ୍ଧ ପ୍ରାପ୍ତ ହୋଇଥାଏ। ଯେଉଁ ପ୍ରକାର ସବୁ ଚିଠି ପତ୍ର ପ୍ରଥମେ ବଡ଼ ଡାକ ଘରେ ଏକତ୍ରିତ ହୁଏ ଏବଂ ତାହାପରେ ସେଗୁଡିକୁ ଅଲଗା ଅଲଗା ବିଭାଗ ହୋଇ ଅଭିଷ୍ଟ ସ୍ଥାନରେ ପହଞ୍ଚିଯାଇ ଥାଏ, ସେହିପରି ଅର୍ପିତ ପଦାର୍ଥ ଗୁଡିକର ସୂକ୍ଷ୍ମ ଅଂଶ ସୂର୍ଯ୍ୟ ରଶ୍ମି ଗୁଡିକ ଦ୍ୱାରା ସୂର୍ଯ୍ୟ ଲୋକରେ ପହଞ୍ଚିଯାଇଥାଏ ଏବଂ ସେଠାରୁ ବଣ୍ଟା ଯାଇଥାଏ ଅର୍ଥାତ ଅଭିଷ୍ଟ ପିତୃଙ୍କୁ ପ୍ରାପ୍ତ ହୋଇ ଥାଏ। ତେଣୁ ପିତୃ ପକ୍ଷରେ ବିଦ୍ୱାନ ବ୍ରାହ୍ମଣଙ୍କ ଦ୍ୱାରା ଗୃହରେ ନିମନ୍ତ୍ରଣ କରି ଗୃହରେ ଆବାହନ କଲେ ପିତୃ ଗଣ ସ୍ୱୟଂ ତାଙ୍କ ଶରୀରରେ ସୂକ୍ଷ୍ମ ରୂପରେ ସ୍ଥିତ ହୁଅନ୍ତି ଓ ତାଙ୍କରି ସ୍ଥୁଳ ଅଂଶ ବ୍ରାହ୍ମଣ ଖାଆନ୍ତି କିନ୍ତୁ ସୂକ୍ଷ୍ମ ଅଂଶଟି ପିତୃ ମାନଙ୍କୁ ପ୍ରାପ୍ତ ହୋଇ ଥାଏ। ଯେପରି ଆମେ ଅନ୍ୟ ସହରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ କିଛି ଟଙ୍କା ପଠାଇବା ଦ୍ୱାରା ଆମକୁ ଜଣାପଡ଼େ କି ଅଭିଷ୍ଟ ବ୍ୟକ୍ତି ତ ସେଠାରେ ନାହାନ୍ତି, ମରି ଯାଇଛନ୍ତି ବା ଅନ୍ୟତ୍ର କେଉଁଆଡେ ଚାଲିଯାଇଛନ୍ତି ତ ସେହି ଟଙ୍କା ପୁଣି ଥରେ ଆମରି ପାଖକୁ ଫେରି ଆସେ ଓ ଆମକୁ ମିଳିଯାଇଥାଏ ଠିକ ସେହିପରି ପରମଧାମରେ ବାସ କରୁଥିବା ପିତୃଗଣଙ୍କ ନିମିତ୍ତ କରାଯାଇଥିବା ଶ୍ରାଦ୍ଧ ପୁଣ୍ୟ ରୂପରେ ଆମକୁ ହିଁ ମିଳିଯାଇଥାଏ। ବିଦେଶକୁ ଆମେ ଯେତେ ବି ଟଙ୍କା ପଠାଇବା, ସେତିକି ହିଁ ଟଙ୍କାର ଡ଼ଲାର ଆଦି (ଦେଶ ଅନୁସାରେ ବିଭିନ୍ନ ଟଙ୍କାର ନାମ ବା ସେ ଦେଶର ଟଙ୍କା) ହୋଇ ଅଭିଷ୍ଟ ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇ ଥାଏ। ସେହି ପ୍ରକାରେ ଶ୍ରଦ୍ଧା ପୂର୍ବକ ଅର୍ପିତ ଅନ୍ନ ପିତୃଗଣଙ୍କୁ, ସେ ଯେଉଁ ଆହାର ଯୋଗ୍ୟ ହୋଇ ଥାନ୍ତି, ସେହିପରି ହୋଇ ତାହାଙ୍କୁ ପ୍ରାପ୍ତ ହୋଇଥାଏ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ: ୮୨୪୯୫୦୨୭୭୬

# ପରମ ବୈଷ୍ଣବ ଶଙ୍କର



## ଶ୍ରୀହରିଗୁରୁ ଆଶ୍ରିତ ଅତୀଶ

ଶ୍ରୀମଦ ଭାଗବତର ଅନ୍ତିମ ଶ୍ଳୋକରେ କୁହାଯାଇଛି ନଦୀମାନଙ୍କ ମଧ୍ୟରେ ଯେପରି ଗଙ୍ଗା ଶ୍ରେଷ୍ଠ ସେହିପରି ବୈଷ୍ଣବ ମାନଙ୍କ ମଧ୍ୟରେ ଭଗବାନ ଶିବ ଶ୍ରେଷ୍ଠ ସେ ପରମ ଭାଗବତ। ଭଗବାନ ଆଶୁତୋଷ ଅଳ୍ପ ଉପଚାର ଓ ନିର୍ମଳ ଭକ୍ତି ଦେଖିଲେ ଭକ୍ତର ମନୋବାଞ୍ଛା ପୂରଣ କରନ୍ତି ହେଲେ ସେ ଯାହା ଉପରେ ବେଶୀ ଖୁସି ହୋଇଯାନ୍ତି ତାକୁ ଯୋଗ୍ୟ ଗୁରୁ ସହିତ ଶ୍ରୀ ହରିଙ୍କ ଭକ୍ତି ପ୍ରଦାନ କରନ୍ତି ଯାହାଦ୍ୱାରା ତାର ମାନବ ଜୀବନ ସଫଳ ହେବ ସେଥିପାଇଁ ଭାଗବତ କହିଲେ 'ମନୁଷ୍ୟ ଜନ୍ମେ ଲାଭ, ଯେବେ ଗୋବିନ୍ଦେ କରେ ଭାବ'। ମୋର ମାନସ ଗୁରୁ ଶ୍ରୀ ମଲୁକ ପୀଠାଧୀଶ୍ୱର ଶ୍ରୀ ରାଜେନ୍ଦ୍ର ଦାସ ମହାରାଜ କହନ୍ତି ଭଗବାନ ଭୂତଭାବନ ଶିବ ପ୍ରସନ୍ନ ହେଲେ ରାମକୃଷ୍ଣଙ୍କୁ ତୁମ କୋଳରେ ଆଣି ବସାଇ ଦେବ।

ଶ୍ରୀଧାମବୃନ୍ଦାବନ ଯମୁନା ନଦୀ କୂଳରେ ଶ୍ରୀଲସନାତନ ଗୋସ୍ୱାମୀ ବସି ଭାଗବତ ଚିନ୍ତା କରୁଥାନ୍ତି ଏହି ସମୟରେ ଜଣେ ବ୍ରାହ୍ମଣ ଆସି ତାଙ୍କୁ ପ୍ରଣାମ କଲେ ଓ ନିଜ ପରିଚୟ ପ୍ରଦାନ କଲେ କହିଲେ ମୋର ନାମ ଜୀବନ ଭଟ୍ଟାଚାର୍ଯ୍ୟ ମୋର ଘର ହେଉଛି ବର୍ଦ୍ଧମାନ ଜିଲ୍ଲାର ମାନକର ଗ୍ରାମରେ। ଆସିବା କାରଣ କହିଲେ ମୁଁ ଜଣେ ଦରିଦ୍ର ବ୍ରାହ୍ମଣ ମୋର ପିତାମାତା ନାହାନ୍ତି ଜୀବନ ନିର୍ବାହ କରି ପାରିବ ବହୁତ କଷ୍ଟ ହେଲା ତେଣୁ କାଶୀ ଯାଇ ସେଠାରେ ଶ୍ରୀ ବିଶ୍ୱନାଥଙ୍କ ପାଖରେ ଅଧିଆ ପଡ଼ିଲି ପ୍ରଭୁ ପ୍ରସନ୍ନ ହୋଇ କହିଲେ ତୁମେ ବୃନ୍ଦାବନ ଚାଲିଯାଅ ସେଠାରେ ମୋର ଭକ୍ତ ଶ୍ରୀସନାତନ ଗୋସ୍ୱାମୀ ଅଛନ୍ତି ସେ ତୁମର ମନ କାମନା ପୂର୍ଣ୍ଣ କରିବେ ତେଣୁ ଆପଣଙ୍କ ପାଖକୁ ଆସିଛି। ଏହି କଥା ଶୁଣି ସନାତନ ଗୋସ୍ୱାମୀ ଭାବିଲେ ମୁଁ ଜଣେ ବୈରାଗୀ ସନ୍ନ୍ୟାସୀ ଭିକ ମାଗି ଖାଉଛି ମୋର ପାଖରେ କ'ଣ ଅଛି



ଯେ ବାବା ବିଶ୍ୱନାଥ ମୋର ପାଖକୁ ଏହି ବ୍ରାହ୍ମଣଙ୍କୁ ପଠାଇଛନ୍ତି। ପୁଣି ଭାବିଲେ ବାବା ବିଶ୍ୱନାଥ ପଠାଇଛନ୍ତି ମାନେ ଏହା ଭିତରେ କିଛି ରହସ୍ୟ ରହିଛି। ହଠାତ ମନେ ପଡ଼ିଗଲା ପୂର୍ବକଥା ଦିନେ ସେ କଳକଳନାଦିନୀ ଯମୁନା ନଦୀରେ ସ୍ନାନ କଲାବେଳେ ପାଇଥିଲେ ଗୋଟେ ପରଶମଣି। ଏହି ପ୍ରକାର ମୂଲ୍ୟବାନ ପଥରେ ତାଙ୍କର ବା କ'ଣ କାମରେ ଆସିବ। ତେଣୁ ତାକୁ ସେ ଯମୁନା ନଦୀରେ ବିସର୍ଜନ କରିଦେଲେ। ସେହିକଥା ମନେ ପଡ଼ିବାରୁ ବ୍ରାହ୍ମଣକୁ କହିଲେ ସେହି ଯମୁନାରେ ଯାଇ ଖୋଜ ତୁମକୁ ପରଶ ମଣି ପ୍ରାପ୍ତ ହେବ। ବ୍ରାହ୍ମଣ ଜଣକ ତାହା ହିଁ କଲେ ଓ ତାଙ୍କୁ ପରଶମଣି ମିଳିଲା।

ଆନନ୍ଦରେ ଭରିଗଲା ବ୍ରାହ୍ମଣ ମନ। ଭାବିଲା ମୋର ଦରିଦ୍ରତା ଗଲା। ଏ ଧନ ତ ସାରିବାର ନାହିଁ ଯେତେବେଳେ ଚାହିଁବି ଲୁହରେ ପରଶମଣି ଛୁଆଁଇ ସୁନା କରିଦେବି। ଶ୍ରୀସନାତନ ଗୋସ୍ୱାମୀଙ୍କ ପାଦରେ ଦଣ୍ଡବତ କରି ବ୍ରାହ୍ମଣ କହିଲେ ଆପଣଙ୍କ କୃପାରୁ ପୁରୁଷାନୁକ୍ରମିକ ଭାବରେ ମୋର ଆଉ ଦରିଦ୍ରତା ରହିବ ନାହିଁ। ଶ୍ରୀସନାତନ ଗୋସ୍ୱାମୀଙ୍କ ଜୟ ହେଉ ମୋର ଉପରେ ଆପଣଙ୍କ କୃପା ଏହିପରି ଥାଉ ଏହାକହି ଆନନ୍ଦ ମନରେ ସେ ଚାଲିଲେ। କିଛି ବାଟ ଯିବା ପରେ ଜୀବନ ଭଟ୍ଟାଚାର୍ଯ୍ୟଙ୍କ ମନକୁ ହଠାତ୍ ଗୋଟିଏ କଥା ଆସିଲା। ଆଉ ଆଗକୁ ପାଦ ବଢ଼ି ପାରିଲେ ନାହିଁ ଫେରିଲେ ଯମୁନା କୂଳକୁ। ଭାବୁଛନ୍ତି ଏହି ବ୍ୟକ୍ତି ଯେତିକି ବିଚିତ୍ର ତାଠାରୁ ଅଧିକ ମହାନ ଏହାଙ୍କ ହୃଦୟ ତାହା ନହୋଇଥିଲେ ପରଶମଣି ପରି ରତ୍ନ ପାଇଲା ପରେ ତାକୁ ଯମୁନାକୁ କିପରି ଫୋପାଡ଼ି ଦେଇଥାନ୍ତେ? ଦୁଇ ପ୍ରକାର ଲୋକ ଏହି କାର୍ଯ୍ୟ କରନ୍ତି ଯେଉଁମାନେ ମାନିର ମୂଲ୍ୟ ବୁଝନ୍ତି ନାହିଁ ବା ପାଗଳ। ଆଉ ଯିଏ ମହାନ ସଂସାର ଭୋଗ ବାସନାର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ, ଯେ ଦିବ୍ୟତାର ସନ୍ଧାନ କରିପାରିବ। ଏହାଙ୍କ ସହିତ କଥା ହୋଇ ଜଣାଯାଉଛି ଏ ପାଗଳ ନୁହଁନ୍ତି ତା ହେଲେ ଭାବରୂପକ ରତ୍ନର ଅଧିକାରୀ ତେଣୁ ଜୀବନ ଭଟ୍ଟାଚାର୍ଯ୍ୟ ଫେରି ଆସିଲେ ଶ୍ରୀ ସନାତନ ଗୋସ୍ୱାମୀଙ୍କ ପାଖକୁ ଓ କହିଲେ ଆପଣ ଯେଉଁ ଅମୂଲ୍ୟ ଧନରେ ଧନୀ ହୋଇ ପରଶମଣି ପରି ରତ୍ନକୁ ତୁଚ୍ଛ କରିଦେଇଛନ୍ତି ମୋର ସେହି ରତ୍ନ ଦରକାର। ଶ୍ରୀସନାତନ ଗୋସ୍ୱାମୀ ନିଜେ ପରଶମଣି ପାଲଟି ଯାଇଛନ୍ତି ତାଙ୍କ ପ୍ରଭାବ ଜୀବନ ଭଟ୍ଟାଚାର୍ଯ୍ୟ ନ ଲାଗନ୍ତା କିପରି? ମୋର ଏହି ପରଶମଣି ଦରକାର ନାହିଁ ମୋତେ ଆପଣ ଭାବରୂପକ ରତ୍ନ ପ୍ରଦାନ କରନ୍ତୁ। ଏହା ଶୁଣି ଶ୍ରୀସନାତନ ଗୋସ୍ୱାମୀ ସେ ବ୍ରାହ୍ମଣଙ୍କୁ ପାଦରୁ ଉଠାଇ ହରିନାମ ରୂପକ ରତ୍ନ ଦକ୍ଷିଣ କର୍ଣ୍ଣରେ ପ୍ରଦାନ କରି ତାଙ୍କ ମନୁଷ୍ୟ ଜୀବନ ସଫଳ କଲେ।

ଜଣେ ମହାଶୟ ବାୟାଙ୍କୁ ପ୍ରଶ୍ନ କଲେ ବାବା ଆପଣ ଆଶ୍ରମରେ ବାବା ବିଶ୍ୱନାଥଙ୍କ ମନ୍ଦିର କରି ପୂଜା କାହିଁକି କରୁଛନ୍ତି ବୈଷ୍ଣବ ମାନେ ଶିବ ନିର୍ମାଲ୍ୟ ଗ୍ରହଣ କରନ୍ତି ନାହିଁ ବୋଲି ଶୁଣିଛି। ବାବା କହିଲେ ଆଜ୍ଞା ବାଟଟା ତାଙ୍କୁ ଜଣା? ସେ ମହାଶୟ କହିଲେ ମୁଁ ବୁଝି ପାରିଲିନି ବାୟା - ଭଗବାନ ମହାଦେବ ପରମଭାଗବତ ତାଙ୍କୁ ଦର୍ଶନ କରି କହିବା ମତେ ବାଟ ଦେଖା ସେ ତୁମକୁ ବୈକୁଣ୍ଠର ରାସ୍ତା ଦେଖାଇ ଦେବେ ଯାହା ଫଳରେ ତୁମେ ଯାତ୍ରା ସଫଳ ହେବ। ନିତାଇ ଗୋର ହରି ବୋଲ।

ଦୂରଭାଷ : ୬୩୭୧୫୮୦୫୨୪

# ଶିବଶମ୍ଭୁଙ୍କ ପ୍ରିୟ ବେଲପତ୍ର



## ସନ୍ତୋଷ କୁମାର ଦାଶ

ଆରମ୍ଭ ହୋଇ ଯାଇଛି ପବିତ୍ର ଶ୍ରାବଣ ମାସ। ଏହି ସମୟରେ ସାରା ଜଗତର ପାଳନ କର୍ତ୍ତା ଶ୍ରୀହରି ବିଷ୍ଣୁ ଶୟନ କରିଥିବାରୁ ଶ୍ରୀ ଶିବଶଙ୍କର ତାଙ୍କ ଦାୟିତ୍ୱ ନିର୍ବାହ କରନ୍ତି ବୋଲି ବିଭିନ୍ନ ପୁରାଣ ରେ ଉଲ୍ଲେଖ ରହିଛି। ଶ୍ରାବଣ ମାସ ଶିବ ଶଙ୍କରଙ୍କର ଅତି ପ୍ରିୟ ମାସ। କିମ୍ବଦନ୍ତୀ କୁହେ ଯେ, ଏହି ମାସ ରେ ମାତା ପାର୍ବତୀ ବର ଭାବେ ଶିବ ଶଙ୍କରଙ୍କୁ ପାଇବା ପାଇଁ ବ୍ରତ ରଖି ଘୋର ତପସ୍ୟା କରିଥିଲେ।

ସେଥିପାଇଁ ଶ୍ରାବଣ ମାସ ଶିବଶଙ୍କରଙ୍କ ଅତି ପ୍ରିୟ ମାସ। ଆଉ ଏକ କିମ୍ବଦନ୍ତୀ ଅନୁସାରେ ସମୁଦ୍ର ମନ୍ଥନ ବେଳେ ସମୁଦ୍ର ଗର୍ଭରୁ ବାହାରିଥିବା ହଳାହଳ ବିଷ ପ୍ରଭାବରୁ ସାରା ଜଗତକୁ ରକ୍ଷା କରିବା ପାଇଁ ଶିବଶଙ୍କର ନିଜେ ସେହି ହଳାହଳ ବିଷକୁ ପାନ କରିଥିଲେ। ହଳାହଳ ବିଷ ପ୍ରଭାବରେ ତାଙ୍କ ଶରୀରରେ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଥିଲା। ଏହି ଉତ୍ତାପ କୁ ହ୍ରାସ କରିବାକୁ ଆଉ ହଳାହଳ ବିଷ ଜ୍ୱାଳାର ଉପଶମ ପାଇଁ ଶ୍ରୀ ବିଷ୍ଣୁ ନାରାୟଣ ଙ୍କ ପରାମର୍ଶ କ୍ରମେ ଦେବତା ମାନେ ଶିବ ଶଙ୍କର ଙ୍କ ମସ୍ତକ ଉପରେ ପାଣି ଢ଼ାଳିଥିଲେ। ଏହା ଦ୍ୱାରା ଶିବ ଶଙ୍କର ଙ୍କୁ ଶୀତଳତା ମିଳିଥିଲା। ଏଣୁ ଏହି ମାସ ର ସୋମବାର ଦିନ ଶିବ ଶଙ୍କର ଙ୍କ ମସ୍ତକ ଉପରେ ପାଣି ଲାଗି କଲେ ଶିବ ଶଙ୍କର ପ୍ରଶନ୍ନ ହୋଇ ଭକ୍ତ ର ଅଶେଷ କାମନା ପୂରଣ କରିଥାନ୍ତି। ଶିବ ଶଙ୍କର ଙ୍କର ପ୍ରିୟ ହେଉଛି ବେଲ ଗଛ ର ତ୍ରିଶାଖା ବେଲ ପତ୍ର। ଏହି ବେଲ ଗଛ ସୃଷ୍ଟି ସମ୍ପର୍କ ରେ ଏକ ସୁନ୍ଦର କାହାଣୀ ରହିଛି। ଶ୍ରୀ ହରି ନାରାୟଣ ଙ୍କ ହୃଦୟ ରେ ସବୁବେଳେ ମହାଦେବ ବାସ କରନ୍ତି । ଦେବୀ ଲକ୍ଷ୍ମୀ ଶ୍ରୀ ବିଷ୍ଣୁଙ୍କ ହୃଦୟରେ ସ୍ଥାନ ପାଇବା ପାଇଁ ଅନୁରୋଧ



କରିବାରୁ ଶ୍ରୀ ବିଷ୍ଣୁଙ୍କ ଉପଦେଶ କ୍ରମେ ଦେବୀ ଲକ୍ଷ୍ମୀ ମହାଦେବଙ୍କ ଆରାଧନା କଲେ । ଦେବୀଙ୍କ ତପସ୍ୟା କଠୋର ରୁ କଠୋରତର ହେଲା । ମହାଦେବ ଦେବୀ ଲକ୍ଷ୍ମୀଙ୍କ ଭକ୍ତିର ପରୀକ୍ଷା ନେବା ପାଇଁ ୧୦୮ ପଦ୍ମରୁ ଏକ ପଦ୍ମ ଲୁଚେଇ ଦେଲେ । ଶ୍ରୀ ବିଷ୍ଣୁ ଦେବୀ ଲକ୍ଷ୍ମୀଙ୍କ ସ୍ତନକୁ ପଦ୍ମ କଳିକା ର ସୌନ୍ଦର୍ଯ୍ୟ ସହ ତୁଳନା କରୁଥିବାରୁ ଦେବୀ ଲକ୍ଷ୍ମୀ ସେହି କଥା ସ୍ମରଣ କରି ପଦ୍ମ କଳିକା ପରି ନିଜ ସ୍ତନକୁ କାଟି ଶିବଲିଙ୍ଗ ଉପରେ ସମର୍ପଣ କଲେ । ପରମେଶ୍ୱର ମହାଦେବ ଦେବୀ ଲକ୍ଷ୍ମୀଙ୍କ ଉପାସନାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦର୍ଶନ ପ୍ରଦାନ କଲେ ଆଉ ଭକ୍ତିର ପରାକାଷ୍ଠା ସଦୃଶ୍ୟ ହରି ହୃଦୟ ବିହାରିଣୀ ହେବାର ବରଦାନ ପ୍ରଦାନ କଲେ ଏବଂ ଦେବୀ ଯେଉଁ ସ୍ତନ ଭାଗ ଶିବଲିଙ୍ଗ ଠାରେ ଅର୍ପଣ କରିଥିଲେ ମହାଦେବଙ୍କ କୃପାରୁ ତାହା ବେଲ ବୃକ୍ଷରେ ପରିଣତ ହେଲା । ଆଉ ବେଲ ବୃକ୍ଷ ର ତ୍ରିଶାଖା ପତ୍ର ମହାଦେବ ଙ୍କ ଅତି ପ୍ରିୟ ହେବ ବୋଲି ବରଦାନ ପ୍ରଦାନ କଲେ । ତେଣୁ ବେଲ ବୃକ୍ଷକୁ ଶ୍ରୀ ଲକ୍ଷ୍ମୀଙ୍କ ନାମ ଅନୁସାରେ ଶ୍ରୀବୃକ୍ଷ ବୋଲି କୁହାଯାଏ ।ସେହି ଦିନ ଠାରୁ ବେଲ ଗଛ ଦେବ ବୃକ୍ଷ ର ମାନ୍ୟତା ପାଇଲା ଓ ତ୍ରିଶାଖା ବେଲ ପତ୍ର

ଶିବ ଶଙ୍କର ଙ୍କ ର ଅତି ପ୍ରିୟ ପାଲଟିଲା। ଶିବ ଶଙ୍କର ଙ୍କୁ ପୂଜା ସମୟ ରେ କିଛି ନ ଦେଲେ ବି ଯଦି ଲିଙ୍ଗ ଉପରେ ପାଣି ଲାଗି କରି ତ୍ରିଶାଖା ବେଲ ପତ୍ର ଲାଗି କରାଯାଇ ଥାଏ ତେବେ ପ୍ରଭୁ ସନ୍ତୁଷ୍ଟ ହୋଇ ଭକ୍ତ ର ମାନସିକ ପୂରଣ କରିଥାନ୍ତି।ବେଲପତ୍ର ଏପରି ଶୁଦ୍ଧ ଯେ, ଏହାକୁ ଧୋଇ ବାରମ୍ବାର ଶିବ ଶଙ୍କର ଙ୍କ ମସ୍ତକ ଉପରେ ଲାଗି କରା ଯାଇ ପାରିବ। ଶ୍ରୀ ବିଷ୍ଣୁ ନାରାୟଣ ଙ୍କ ର ତୁଳସୀ ପତ୍ର ଯେପରି ପ୍ରିୟ ସେପରି ପ୍ରଭୁ ଶିବ ଶଙ୍କର ଙ୍କ ର ବେଲ ପତ୍ର ସେପରି ପ୍ରିୟ।ବିଭିନ୍ନ ଭୋଗ ନୈବିଦ୍ୟ ସମୟ ରେ ଶିବ ଶଙ୍କର ଙ୍କୁ ବେଲ ପତ୍ର ରେ ପୂଜା କରାଯିବାର ବିଧି ରହିଛି। ଓଁ ନମଃ ଶିବାୟଃ।

ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮୮

## ବିଜାପୁରରେ ଲାଲବାହିନୀର ବର୍ବରତା

# ଦୁଇ ଗ୍ରାମବାସୀଙ୍କୁ ଡାକିନେଇ ନିର୍ମମ ହତ୍ୟା



**ବିଜାପୁର,୨୧।୭:** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀମାନେ ପୁଣି ଏକ ବର୍ବରକାଣ୍ଡ ଘଟାଇଛନ୍ତି। ତର୍ରେମ ଥାନା ଅଞ୍ଚଳର ଛୁଟବାଇ ଓ ବଡେ ତର୍ରେମ ଗାଁରେ ମାଓବାଦୀମାନେ ଦୁଇ ଜଣ ଗ୍ରାମବାସୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ନିର୍ମମ ହତ୍ୟା କରିଛନ୍ତି। ମୃତକମାନେ ଛୁଟବାଇ ଗାଁର ଯୋଗା କୱାସୀ (୫୦) ଓ ବଡେ ତର୍ରେମ ଗାଁର ମଙ୍ଗଲୁ କୁରସମ (୫୫) ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ମାଓବାଦୀମାନେ ଏହି ଦୁଇ ଗ୍ରାମବାସୀଙ୍କୁ ପୋଲିସ ଇନଫର୍ମର ବୋଲି ସନ୍ଦେହ କରି ହତ୍ୟା କରିଥିବା ଜଣାପଡ଼ିଛି। ଏହା ଗତ ଏକ ମାସ ମଧ୍ୟରେ ବିଜାପୁର ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ହୋଇଥିବା ଏଭଳି ତୃତୀୟ ଘଟଣା। ଯେଉଁଥିରେ ମୋଟ ଆଠଜଣଙ୍କୁ ହତ୍ୟା କରାଯାଇଛି। ଏହି ଆକ୍ରମଣକୁ ପୋଲିସ ଅଧିକାରୀମାନେ ମାଓବାଦୀଙ୍କର ଭୟଭୀତ କରାଇବା ପାଇଁ ଏକ ପ୍ରୟାସ ବୋଲି ଅଭିହିତ କରିଛନ୍ତି। ବିଜାପୁର ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଏବେ ମଧ୍ୟ ଜାରି ରହିଛି। ତେବେ ସୁରକ୍ଷା ବାହିନୀ ଗତ କିଛି ମାସରେ ନକ୍ସାଲବାଦ ବିରୋଧରେ ବଡ଼ ସଫଳତା ହାସଲ କରିଛି। ବସ୍ତର ଅଞ୍ଚଳର ଆଇଜି ସୁନ୍ଦରରାଜ ପଟ୍ଟିଲିଙ୍ଗମ କହିଛନ୍ତି, "ମାଓବାଦୀ ଆନ୍ଦୋଳନ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେମାନଙ୍କର ନେତୃତ୍ୱ ବିଚ୍ଛିନ୍ନ ଓ ନୈରାଶ୍ୟଗ୍ରସ୍ତ ହୋଇପଡ଼ିଛି। ଦଣ୍ଡାକାରଣ୍ୟ ଜୋନରେ ମାତ୍ର ୩୦୦ ସଶସ୍ତ୍ର କ୍ୟାଡର ବାକି ଅଛନ୍ତି, ଯେଉଁମାନେ ହୁଏତ ଆତ୍ମସମର୍ପଣ କରିବେ ଅଥବା ନିଶ୍ଚିତ ଯୁଦ୍ଧରେ ମୁକାବିଲା କରିବେ।" ଏହି ଘଟଣା ପୂର୍ବରୁ ଜୁନ ମାସରେ ମାଓବାଦୀମାନେ ତିନି ଜଣ ଗ୍ରାମବାସୀଙ୍କୁ ଗଳାକାଟି ହତ୍ୟା କରିଥିଲେ। ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଏକ ପ୍ରୟାସ ଥିଲା। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ମାଓବାଦୀ ବିରୋଧୀ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶରୁ ନକ୍ସାଲବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ ଘୋଷଣା କରିଛନ୍ତି।

## ବାଂଲାଦେଶରେ ଭୟଙ୍କର ବିମାନ ଦୁର୍ଘଟଣା

# କଲେଜ ଉପରେ ଖସିପଡ଼ିଲା ଜେଟ୍

**୨୦ ମୃତ, ୧୫୦ ଆହତ**



**ଢାକା,୨୧।୭:** ବାଂଲାଦେଶ ବାୟୁସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ । ବଢ଼ିଚାଲିଛି ମୃତକଙ୍କ ସଂଖ୍ୟା । ଘଟଣାରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ପିଲା ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ୬ଟି ହସପିଟାଲରେ ଭର୍ତ୍ତି କରାଯାଇଛି । ସୋମବାର ଦ୍ୱିପ୍ରହର ସମୟରେ ବାଂଲାଦେଶ ବାୟୁସେନାର ଏଫ୭ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଢାକାର ଉତ୍ତରାରେ ଥିବା ଦିଆବାରି ଅଞ୍ଚଳରେ ମାଇଲଷ୍ଟୋନ ସ୍କୁଲ ଆଣ୍ଡ କଲେଜ ପରିସରରେ ବିମାନଟି ଖସିପଡ଼ିଛି । ବିମାନ କଲେଜ ବିଲ୍ଡିଂରେ ଧକ୍କା ହୋଇଛି । ଦୁର୍ଘଟଣା ସମୟରେ କଲେଜରେ ପିଲାମାନେ ଉପସ୍ଥିତ ଥିବା କୁହାଯାଉଛି । ତେଣୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଅଧିକାରୀଙ୍କ କହିବାନୁସାରେ, ବିମାନଟି ଦିନ ପ୍ରାୟ ୧:୦୬ରେ ଉଡ଼ାଣ ଭରିଥିଲା ଏବଂ ଏହାର ତୁରନ୍ତ ପରେ ହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନଟି ସ୍କୁଲ୍ ଗେଟ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ପାଇଁ ଆଠଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା ।

ବର୍ତ୍ତମାନ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏଫ-୭ ବିମାନଟି ଚୀନର ଚେଙ୍ଗଡୁ ଏୟାରକ୍ରାଫ୍ଟ କର୍ପୋରେସନ ଦ୍ୱାରା ତିଆରି କରାଯାଇଛି। ଏହା ସୋଭିଏତ୍ ୟୁନିଅନର ମିଗ-୨୧ର ଏକ ଶସ୍ତା ଚୀନ ସଂସ୍କରଣ, ଯାହାକୁ ଚୀନ୍ ଶସ୍ତାରେ ଏବଂ ଦ୍ରୁତ ଉତ୍ପାଦନ ଆଧାରରେ ଅନେକ ଦେଶକୁ ବିକ୍ରି କରିଥିଲା।

### ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ମୋଦୀ

ବାଂଲାଦେଶର ରାଜଧାନୀ ଢାକାରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣାରେ ଅନେକ ଜୀବନ ହାନି ଘଟିଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଦୁର୍ଘଟଣାରେ ଅନେକ ଛାତ୍ରଛାତ୍ରୀଙ୍କ ସମେତ ୧୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଖବର ମୁତାବକ, ବାଂଲାଦେଶ ବାୟୁସେନା ଏକ ଚୀନ୍ ନିର୍ମିତ ଏଫ୍-୭ ବିଜିଆଇ ତାଲିମ ବିମାନ ନେଇ ଅଭ୍ୟାସ କରୁଥିବା ବେଳେ ଢାକାର ଉତ୍ତରାଞ୍ଚଳରେ ଥିବା ମାଇଲଷ୍ଟୋନ୍ ସ୍କୁଲ ଆଣ୍ଡ୍ କଲେଜ ପରିସରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, "ଢାକାରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣାରେ ଅନେକ ଜୀବନ, ବିଶେଷତଃ ଯୁବ ଛାତ୍ରଛାତ୍ରୀଙ୍କ ହ୍ରାସ ହେବାରୁ ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ମୋର ସମବେଦନା। ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ଭାରତ ବାଂଲାଦେଶ ସହିତ ଏକଜୁଟ୍ ହୋଇ ରହିଛି ଏବଂ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ ପାଇଁ ପ୍ରସ୍ତୁତ ଅଛି।"

## କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଚ୍ୟୁତାନନ୍ଦନଙ୍କ ପରଲୋକ

● ୧୦୧ ବର୍ଷରେ ନେଲେ ଶେଷ ନିଶ୍ୱାସ



**ନୂଆଦିଲ୍ଲୀ,୨୧।୭:** କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ମାର୍କ୍ସବାଦୀ ନେତା ଭି.ଏସ ଅଚ୍ୟୁତାନନ୍ଦନଙ୍କ ୧୦୧ ବର୍ଷ ବୟସରେ ପରଲୋକ ହୋଇଛି। ସିପିଆଇ(ଏମ) ପକ୍ଷରୁ ସୂଚନା ମିଳିଛି। ତାଙ୍କ ବିୟୋଗରେ କେରଳ ତଥା ଦେଶର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଖବର ମୁତାବକ, ଅଚ୍ୟୁତାନନ୍ଦନ ଦୀର୍ଘ ସମୟ ଧରି ରୋଗାଗ୍ରସ୍ତ ରହିଥିଲେ। ୧୦୧ ବର୍ଷୀୟ ଅଚ୍ୟୁତାନନ୍ଦନ ୨୩ ଜୁନରେ ହସପିଟାଲରେ ଭର୍ତ୍ତି ହୋଇଥିଲେ। ସେ ୨୦୨୧ରେ ପ୍ରଶାସନିକ ସୁଧାର ସମିତି ଅଧ୍ୟକ୍ଷ ପଦବରୁ ଇସ୍ତଫା ଦେବା ପରେ ଥିରୁଅନନ୍ତପୁରମରେ ପୁଅ କିମ୍ବା ଝିଅ ଘରେ ରହୁଥିଲେ। ବେଲିକକାଥୁ ଶଙ୍କରନ୍ ଅଚ୍ୟୁତାନନ୍ଦନ, ଯିଏ ଭିଏସ୍ ନାମରେ ବେଶି ପରିଚିତ ଥିଲେ, ୨୦୦୬ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ କେରଳ ୨ ଥର ମୁଖ୍ୟମନ୍ତ୍ରୀ ରହିଛନ୍ତି। ଅଚ୍ୟୁତାନନ୍ଦନ ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ କେରଳ ବିଧାନସଭାରେ ୧୫ ବର୍ଷ ଧରି ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିଥିଲେ। ୧୯୨୩ ମସିହା ଅକ୍ଟୋବର ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦନ କିଶୋର ବୟସରୁ ରାଜନୀତିରେ ସକ୍ରିୟ ଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

## ଅବତରଣ ପୂର୍ବରୁ କାମ ଦେଲାନି ଲ୍ୟାଣ୍ଡିଂ ଗିୟର

**ନୂଆଦିଲ୍ଲୀ,୨୧।୭:** ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଯାତ୍ରୀଙ୍କ ମନରେ ଏବେ ବି ଭୟ ଲାଗି ରହିଛି। ଏହି ଦୁର୍ଘଟଣା ପରେ ମଧ୍ୟ ବିଭିନ୍ନ ବିମାନରେ ଯାନ୍ତ୍ରୀକ ତ୍ରୁଟି ନେଇ ଖବର ଲୋକଙ୍କୁ ବିଚଳିତ କରୁଛି। ଆଜି ମୁମ୍ବାଇ ଏୟାରପୋର୍ଟରେ ଅବତରଣ ବେଳେ ଏକ ଏୟାର ଇଣ୍ଡିଆ ବିମାନ ରନଓ୍ବେରୁ ତଳକୁ ଖସିଯାଇଥିଲା। ଏତେ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଥିଲେ ଯାତ୍ରୀ। ଏହା ପରେ ସନ୍ଧ୍ୟାରେ ଆଉ ଏକ ଏୟାର ଇଣ୍ଡିଆ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦିଲ୍ଲୀ ଏୟାରପୋର୍ଟରୁ ଉଡ଼ାଣ ଭରିପାରି ନଥିଲା । ଏହି ଖବର ମଧ୍ୟରେ ଏକ ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି ନେଇ ଖବର ଚିନ୍ତା ବଢ଼ାଇଛି । ଗୋଆରୁ ଇନ୍ଦୋର ଆସୁଥିବା ଏକ ଇଣ୍ଡିଗୋ ବିମାନରେ ହଠାତ ଲ୍ୟାଣ୍ଡିଂ ଗିୟର ଖରାପ ହୋଇଯାଇଥିଲା। ଅବତରଣ କରିବା ପୂର୍ବରୁ ଏଭଳି ସମସ୍ୟା ଉପୁଜିଥିଲା । ଏହି ବିମାନରେ ୧୪୦ ଯାତ୍ରୀ ଥିଲେ । ଅନେକ ସମୟ ଆକାଶରେ ଚକ୍କର କାଟିବା ପରେ, ବହୁ ପ୍ରଚେଷ୍ଟା ପରେ ଖୋଲିଥିଲା ଲ୍ୟାଣ୍ଡିଂ ଗିୟର। ପରେ ବିମାନକୁ ସୁରକ୍ଷିତ ଲ୍ୟାଣ୍ଡ କରିବାରେ ସଫଳ ହୋଇଥିଲେ ପାଇଲଟ୍ । ଇନ୍ଦୋରର ଦେବୀ ଅହଲ୍ୟାବାଇ ହୋଲକର ବିମାନବନ୍ଦରରେ ସୋମବାର ଦିନ ଗୋଆରୁ ଇନ୍ଦୋର ଆସୁଥିବା ଏକ ଇଣ୍ଡିଗୋ ବିମାନର ପାଇଲଟ୍ ଏଟିସି ଟାୱାର ସହିତ ଯୋଗାଯୋଗ କରି ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ । ଇନ୍ଦୋର ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ, ପାଇଲଟ୍ ବିମାନର ନିୟନ୍ତ୍ରଣ ପ୍ରଣାଳୀରେ ଏକ ଅଣ୍ଡର କ୍ୟାରେଜ୍ ସତର୍କତା ସଙ୍କେତ ପାଇଥିଲେ। ଯାହା ସୂଚିତ କରେ ଯେ, ଲ୍ୟାଣ୍ଡିଂ ଗିୟର ଠିକ୍ ଭାବରେ କାମ କରୁନାହିଁ କିମ୍ବା ସମ୍ପୂର୍ଣ୍ଣ ଖୋଲା ନାହିଁ। ସୂଚନା ପରେ, ବିମାନବନ୍ଦରରେ ତୁରନ୍ତ ସମସ୍ତ ଜରୁରୀକାଳୀନ ପ୍ରସ୍ତୁତି କରାଯାଇଥିଲା। ପାଇଲଟ୍ ମଧ୍ୟ ଆକାଶରେ ଚକ୍କର ମାରିବା ପରେ ବିମାନକୁ ସୁରକ୍ଷିତ ଭାବରେ ଅବତରଣ କରିଥିଲେ ।





## ଇସ୍ରାଏଲ ହମଲାରେ, ୬୭ ପାଲେଷ୍ଟୀନିୟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୧।୭:** ୨୧ ମାସ ଧରି ଚାଲୁଥିବା ଯୁଦ୍ଧ ଗାଜାରେ ଧ୍ୱଂସ ଲୀଳା ରଚିଛି । ଧନ-ଜୀବନ ନଷ୍ଟ ହୋଇଛି । ଭୋକରେ ଡ଼ହଳ ବିକଳ ହେଉଛନ୍ତି ଲୋକ। ରିଲିଫ୍ ସାମଗ୍ରୀକୁ ଅପେକ୍ଷା କରି ରହିଥିବା ବେଳେ ଇସ୍ରାଏଲ ହମଲାରେ ୬୭ ପାଲେଷ୍ଟୀନିୟଙ୍କର ମୃତ୍ୟୁ ହୋଇଛି । କତରରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଅସ୍ତ୍ରବିରତି ଆଲୋଚନା ଭିତରେ ଗାଜାରେ ହିଂସା ଥମିବାର ନାମ ନେଉନାହିଁ। ରବିବାର ଉତ୍ତର ଗାଜାରେ ଇସ୍ରାଏଲ ସେନାରେ ଫାୟାରିଂରେ ରିଲିଫ୍ ସାମଗ୍ରୀ ପାଇଁ ଅପେକ୍ଷା କରି ରହିଥିବା ୬୭ ପାଲେଷ୍ଟୀନିୟଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଘଟଣାର ପୃଷ୍ଟି କରି କହିଛି । କ୍ଷୁଧା ଆଶଙ୍କା ବୃଦ୍ଧି- ସଂଯୁକ୍ତ ରାଷ୍ଟ୍ର ଏଜେନ୍ସିଂ ଡବ୍ଲ୍ୟୁଏଫପି କହିଛି ଯେ, ରିଲିଫ୍ ସାମଗ୍ରୀ ଧରି ସେମାନଙ୍କର ୨୫ ଟ୍ରକ ଗାଜାରେ ପ୍ରବେଶ କରିବା ମାତ୍ରେ ଲୋକଙ୍କ ଭିଡ଼ ଜମା ହୋଇଥିଲା। ଏହି ସମୟରେ ଗୁଳିଚାଳନା ହୋଇଥିଲା । ସେହି ସମୟରେ, ଗାଜାରେ ରହୁଥିବା ଲୋକମାନେ କହିଥିଲେ ଯେ, ବର୍ତ୍ତମାନ ଅଟା ଭଳି ମୌଳିକ ଜିନିଷ ପାଇବା ଅସମ୍ଭବ ହୋଇଗଲାଣି । ନୋପ୍ ଲିଓ ଗାଜାରେ କ୍ୟାଥୋଲିକ ଚର୍ଚ୍ଚ ଉପରେ ଆକ୍ରମଣକୁ ନିନ୍ଦା କରିଛନ୍ତି, ଯେଉଁଥିରେ ତିନି ଜଣ ଲୋକ ପ୍ରାଣ ହରାଇଥିଲେ। ସେ 'ଯୁଦ୍ଧର ବର୍ବରତା' ଶେଷ କରିବାକୁ ଅନୁରୋଧ କରିଛନ୍ତି ।

## କମ୍ପିବ ଗୃହ

### ଅପରେସନ ସିନ୍ଦୂର ଉପରେ ୧୬ ଘଣ୍ଟା ଆଲୋଚନା

**ନୂଆଦିଲ୍ଲୀ,୨୧।୭:** ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟା ଆଲୋଚନା କରାଯିବ। ରାଜ୍ୟସଭାରେ ଏହି ପ୍ରସଙ୍ଗ ଉପରେ ୯ ଘଣ୍ଟା ଚର୍ଚ୍ଚା କରାଯିବ । ତେବେ, ଏହି ଆଲୋଚନା ଆଗାମୀ ସପ୍ତାହରେ କେଉଁ ତାରିଖରେ ହେବ, ତାହା ବର୍ତ୍ତମାନ ସ୍ଥିର ହୋଇନାହିଁ। ବିଜନେସ୍ ଆଡଭାଇଜରି କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ବିରୋଧୀ ଚଳିତ ସପ୍ତାହରେ ଏହା ଉପରେ ଆଲୋଚନା ଓ ପ୍ରଧାନମନ୍ତ୍ରୀ ଜବାବ ରଖିବା ଦରକାର ବୋଲି ଦାବି କରୁଛନ୍ତି । ରିପୋର୍ଟ ଅନୁସାରେ କାର୍ଯ୍ୟ ପରାମର୍ଶଦାତା ସମିତି ବୈଠକରେ ସରକାରୀ ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚଳିତ ସପ୍ତାହରେ ହେବାକୁ ଥିବା ବିଦେଶ ଗସ୍ତକୁ ଦୃଷ୍ଟିରେ ରଖିଥିଲେ। ତେଣୁ ଆଗାମୀ ସପ୍ତାହରେ ହିଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା ସମ୍ଭବ ହୋଇପାରିବ । ଚଳିତ ସପ୍ତାହରେ ସରକାରୀ ଏଜେଣ୍ଡାରେ ଏହି ପ୍ରସଙ୍ଗକୁ ଆଲୋଚନାରେ ସାମିଲ ନକରାଯିବାକୁ ନେଇ ବିରୋଧୀ ଆପତ୍ତି ଉଠାଇଥିଲେ। କିଛି ବିରୋଧୀ ସାଂସଦ ବିହାର ମତଦାନ ସୂଚୀ ଗଣନା ଓ ମଣିପୁର ସ୍ଥିତି ଉପରେ ବି ଚର୍ଚ୍ଚା ପାଇଁ ଦାବି କରିଥିଲେ । ସୋମବାର ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ହିଁ ଲୋକସଭାରେ ପହଲଗାମ ଆତଙ୍କୀ ଆକ୍ରମଣ ଓ ଅନ୍ୟ ପ୍ରସଙ୍ଗ ଉପରେ ବିରୋଧୀ ସାଂସଦ ହଙ୍ଗାମା କରିଥିଲେ। ଏହାପରେ ସଂସଦକୁ ବାରମ୍ବାର ମୁଲତବି ଘୋଷଣା କରାଯାଇଥିଲା। ରାଜ୍ୟସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ, ପହଲଗାମ ଆକ୍ରମଣର ଆତଙ୍କୀ ଆଜି ଯାଏ ଧରାପଡ଼ି ନାହାନ୍ତି। ଏଲଜି ଜମ୍ମୁ କାଶ୍ମୀରରେ ଗୁଇନ୍ଦା ବିଫଳତା କହିଥିଲେ। ଟ୍ରମ୍ପ ବାରମ୍ବାର ଯୁଦ୍ଧ ଅଟକାଇବା କଥା କହୁଛନ୍ତି ।





## ୟୁକ୍ରେନ୍ ଉପରେ ହମଲା ୩୦ ମିସାଇଲ,୩୦୦ ଡ୍ରୋନ୍

**ନୂଆଦିଲ୍ଲୀ,୨୧।୭:** ୟୁକ୍ରେନ୍ ଉପରେ ବୋମା ବର୍ଷା ହୋଇଛି । ପୁଣି ବଡ଼ ହମଲା କରିଛି ଋଷ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ ସତ୍ତ୍ୱେ ଋଷକୁ କିଛି ଫରକ ପଡୁନାହିଁ । ଗତ ଶୁକ୍ରବାର ଏବଂ ଶନିବାର ଦୁଇଦିନ ମଧ୍ୟରେ ଋଷ ୟୁକ୍ରେନ ଉପରେ ଏକ ବଡ଼ ଡ୍ରୋନ୍ ଏବଂ ମିସାଇଲ ମାଡ଼ କରିଛି । ଯେଉଁଥିରେ ୩୦ଟି ମିସାଇଲ୍ ଓ ୩୦୦ଟି ଡ୍ରୋନ୍ ରହିଛି । କୃଷ୍ଣସାଗର ବନ୍ଦର ସହର ଓଡେସାରେ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୬ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣ ଫଳରେ ଅନେକ ସହର ପ୍ରଭାବିତ ହୋଇଛି । ଆବାସିକ କୋଠାରେ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଛି । ଜଳୁଥିବା କୋଠାରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଜେଲେସ୍କି ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ୟୁକ୍ରେନୀୟ ସହର ଉପରେ ୩୦୦ରୁ ଅଧିକ ଡ୍ରୋନ୍ ଏବଂ ୩୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଗତ ରାତିରେ, ବିଭିନ୍ନ ୟୁନିଟର ଆମର ଯୋଦ୍ଧାମାନେ ଋଷିଆ ଆକ୍ରମଣକୁ ପ୍ରତିହତ କରିଛନ୍ତି । ଲକ୍ଷ୍ୟ ନିପାତ ଏବେ ବି ଜାରି ରହିଛି । ଓଡେସାରେ ଆହତ ୬ଜଣଙ୍କ ମଧ୍ୟରେ ଜଣେ ଶିଶୁ ରହିଛନ୍ତି ।

## ବୈଷ୍ଣୋଦେବୀ ମାର୍ଗରେ ଭୂସ୍ଖଳନ; ଜଣେ ମୃତ



**ନୂଆଦିଲ୍ଲୀ,୨୧।୭:** ଜମ୍ମୁ କାଶ୍ମୀରର କଟରାରୁ ଏକ ଦୁର୍ଘଟଣାର ହୃଦୟ ବିଦାରକ ଖବର ସାମ୍ନାକୁ ଆସୁଛି। ମାତା ବୈଷ୍ଣୋ ଦେବୀ ମାର୍ଗରେ ଭୟଙ୍କର ଭୂସ୍ଖଳନ ହୋଇଛି। ସୂଚନା ଅନୁଯାୟୀ, ବୈଷ୍ଣୋ ଦେବୀ ଭବନ ମାର୍ଗର ବାଣଗଙ୍ଗା ନିକଟରେ ଭକ୍ତମାନେ ଭଗ୍ନାବଶେଷରେ ଫସି ରହିବା ସହ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅନେକ ଆହତ ହୋଇଛନ୍ତି । ସୋମାବର ସକାଳ ପ୍ରାୟ ୮ଟା ସମୟରେ ମାତା ବୈଷ୍ଣୋ ଦେବୀ ରୁଟର ବାଣଗଙ୍ଗା ନିକଟରେ ଏକ ବଡ଼ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ ଅନେକ ଯାତ୍ରୀ ଭଗ୍ନାବଶେଷରେ ଫସି ରହିଥିଲେ। ଏହି ଅଞ୍ଚଳରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, କଟରାରୁ ଭବନ ପର୍ଯ୍ୟନ୍ତ ପୁରୁଣା ରୁଟରେ ଅବସ୍ଥିତ ବାଣଗଙ୍ଗା ଅଞ୍ଚଳରେ ହଠାତ୍ ବଡ଼ ପଥର ପାହାଡ଼ରୁ ଖସି ପଡ଼ିଥିଲା। ଏହାକୁ ଦେଖି ଭକ୍ତମାନଙ୍କ ମଧ୍ୟରେ ଆତଙ୍କ ଖେଳିଗଲା। ସେଥିରେ ଅନେକ ଭକ୍ତ ଫସିରହିବା ସହ କିଛି ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମିଳିବା ମାତ୍ରେ, ବୈଷ୍ଣୋଦେବୀ ମନ୍ଦିର ବୋର୍ଡ, ସ୍ଥାନୀୟ ପ୍ରଶାସନ, ପୋଲିସ ବିଭାଗ, ସିଆରପିଏଫ୍, ବିପର୍ଯ୍ୟୟ ପରିଚାଳନା ଦଳ ଦ୍ରୁତ ଗତିରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଭକ୍ତଙ୍କ ଯାତାୟାତ ପାଇଁ ବାଣଗଙ୍ଗା ମାର୍ଗକୁ ବନ୍ଦ କରାଯାଇଛି। ବର୍ତ୍ତମାନ, ନୂତନ ତାରାକୋଟ ମାର୍ଗରୁ ବୈଷ୍ଣୋ ଦେବୀଙ୍କ ଯାତ୍ରା ସୁଗମ ରହିଛି। ହେଲିକପ୍ଟର ସେବା ସହିତ, ବ୍ୟାଟେରୀ କାର ସେବା ସମ୍ପୂର୍ଣ୍ଣ ବନ୍ଦ ଅଛି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଭୂସ୍ଖଳନ ଯୋଗୁଁ ଟ୍ରାକରେ ନିର୍ମିତ ସେଡ୍ ମଧ୍ୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ, ରିଲିଫ୍ କାର୍ଯ୍ୟ ସମୟ ମଧ୍ୟରେ ଆରମ୍ଭ ହୋଇଥିଲା, ଯାହା ଏକ ବଡ଼ ଜୀବନହାନିକୁ ଏଡାଇ ଦେଇଥିଲା।

## ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ଅସୁସ୍ଥ

● ଜାରି ରହିଛି ଚିକିତ୍ସା, ଆପୋଲୋ ହସ୍ପିଟାଲରେ ଭର୍ତ୍ତି



**ଚେନ୍ନାଇ,୨୧।୭:** ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ଆଜି ସକାଳେ ମର୍ଣ୍ଣି ୱାକ କରିବା ବେଳେ ଅସୁସ୍ଥ ଅନୁଭବ କରିବା ପରେ ଚେନ୍ନାଇର ଅପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ହସ୍ପିଟାଲର ଏକ ଆଧିକାରିକ ବିବୃତ୍ତି ଅନୁଯାୟୀ, ୭୨ ବର୍ଷୀୟ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଲକ୍ଷଣଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଭର୍ତ୍ତି କରାଯାଇଛି ଏବଂ ଆବଶ୍ୟକୀୟ ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା ନିରୀକ୍ଷା କରାଯାଉଛି ବୋଲି ସୂଚନା ମିଳିଛି। ଅପୋଲୋ ହସ୍ପିଟାଲର ଡାକ୍ତରୀ ସେବା ନିର୍ଦ୍ଦେଶକ ଡ. ଅନିଲ ବି.ଜି. ଏକ ବିବୃତ୍ତିରେ କହିଛନ୍ତି, "ତାମିଲନାଡୁର ମୁଖ୍ୟମନ୍ତ୍ରୀ ଶ୍ରୀ ଏମ.କେ. ଷ୍ଟାଲିନ ଆଜି ମର୍ଣ୍ଣି ୱାକ ସମୟରେ ସାମାନ୍ୟ ଚକ୍କର ଅନୁଭବ କରିଥିଲେ। ତାଙ୍କୁ ଲକ୍ଷଣଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଚେନ୍ନାଇର ଗ୍ରୀମ୍ସ ରୋଡ଼ସ୍ଥିତ ଅପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆବଶ୍ୟକୀୟ ରୋଗ ନିର୍ଣ୍ଣୟ ପରୀକ୍ଷା କରାଯାଉଛି।" ଡିଏମକେ ଜାରି କରିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ତାଙ୍କ ପୁତ୍ର ତଥା ଉପ-ମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ତାଙ୍କ ସହିତ ହସ୍ପିଟାଲରେ ଉପସ୍ଥିତ ଅଛନ୍ତି। ଆଜି ସନ୍ଧ୍ୟାରେ ଷ୍ଟାଲିନଙ୍କ ପତ୍ନୀ ଦୁର୍ଗା ଷ୍ଟାଲିନଙ୍କ ପୁସ୍ତକ 'ଆଭାରୁମ ନାନୁମ'ର ଦ୍ୱିତୀୟ ଭାଗର ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ବର୍ତ୍ତମାନ ସେ ଉପସ୍ଥିତ ରହିବେ କି ନାହିଁ ତାହା ଅସ୍ପଷ୍ଟ ରହିଛି। ଏହା ସହିତ, ତାଙ୍କର କୋଇମ୍ବାଟୁର ଏବଂ ତିରୁପୁର ଜିଲ୍ଲାକୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଡାକ୍ତରୀ ପରାମର୍ଶ ପରେ ଆଗକୁ ବଢ଼ିବ ବୋଲି ପାର୍ଟି ସୂଚନା ଦେଇଛି।

## ହସ୍ପିଟାଲ୍ ବେଡ୍‌ରେ ସ୍ତ୍ରୀଙ୍କୁ ୩ଥର ଛୁରି ଭୁସିଲା ସ୍ୱାମୀ

**ଚେନ୍ନାଇ,୨୧।୭:** ତାମିଲନାଡୁର କରୁର ଜିଲାରେ ଶନିବାର ସ୍ୱାମୀଙ୍କ ସହ ବଚସାରୁ ଗଣ୍ଡଗୋଳ ହୋଇ ଆହତ ହୋଇଥିବା ୨୭ ବର୍ଷୀୟ ସ୍ତ୍ରୀ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ ବେଡ୍‌ରେ ଅଚେତ ଅବସ୍ଥାରେ ଥିବା ସ୍ତ୍ରୀ ଶ୍ରୁଥିଙ୍କୁ ରବିବାର ସ୍ୱାମୀ ବିଶ୍ରୁଥ ୩ ଥର ଛୁରି ଭୁସି ହତ୍ୟା କରିଛନ୍ତି। ଅନ୍ୟ ରୋଗୀ ଓ ହସ୍ପିଟାଲ କର୍ମଚାରୀଙ୍କ ସମ୍ମୁଖରେ ହତ୍ୟାକାଣ୍ଡ ଘଟାଇ ବିଶ୍ରୁଥ ଫେରାର ହୋଇଯାଇଥିଲେ। କୁଲିଥଲାଇ ପୋଲିସ ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ ଖୋଜୁଛି। ଶ୍ରୁଥି ପଟ୍ଟଭର୍ଥତ୍ ଅଞ୍ଚଳର ବିଶ୍ରୁଥଙ୍କୁ ବିବାହ କରିଥିବାବେଳେ ସେମାନଙ୍କର ୨ ସନ୍ତାନ ଅଛନ୍ତି।

## ଯାତ୍ରୀବାହୀ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ

### ଜୀବନ ବିକଳରେ ପାଣିକୁ ଡେଇଁଲେ ଯାତ୍ରୀ

**ଇଣ୍ଡୋନେସିଆ,୨୧।୭:** ଇଣ୍ଡୋନେସିଆରେ ବଡ଼ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି। ସେଥିରେ ୩୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିବା ଜଣାପଡିଛି। ନିଜ ଜୀବନ ବଞ୍ଚାଇବା ପାଇଁ ଜାହାଜରୁ ଅନେକ ଯାତ୍ରୀମାନେ ମଧ୍ୟ ଡେଇଁ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୨୮୦ ଜଣଙ୍କୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ସ୍ଥାନାନ୍ତର କରିବାର ପ୍ରୟାସ ଜାରି ରହିଛି । ଯାହାର ଭିଡିଓ ସାମ୍ନାକୁ ଆସିଛି। ସୂଚନାନୁଯାୟୀ, ଜାହାଜଟି ତାଲାଉଡ୍ ଦ୍ୱୀପ ଜିଲ୍ଲାରୁ ଉତ୍ତର ସୁଲାୱେସି ପ୍ରଦେଶର ମାନାଡୋ ଅଭିମୁଖେ ଯାଉଥିବା ବେଳେ ତାଲିସେ ନିକଟରେ ଜାହାଜରେ ନିଆଁ ଲାଗିଯାଇଥିଲା ବୋଲି ଇଣ୍ଡୋନେସିଆନ ଫ୍ଲିଟ୍ କମାଣ୍ଡର ଭାଇସ୍ ଆଡମିରାଲ୍ ଡେନେହ ହେଣ୍ଡ୍ରାଟା କହିଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ ତିନୋଟି ନୌସେନା ଜାହାଜକୁ ନିୟୋଜିତ କରାଯାଇଥିଲା । ଏପର୍ଯ୍ୟନ୍ତ ୨୮୪ ଜଣ ଯାତ୍ରୀଙ୍କ ସମେତ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଏହି ଉଦ୍ଧାର କାର୍ଯ୍ୟ ପ୍ରକ୍ରିୟାରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ ସାମିଲ ରହିଛନ୍ତି। ଯେଉଁମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବା କିଛି ବଞ୍ଚିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ଏଥି ସହିତ ସେହି ଭିଡିଓରୁ ଦେଖିବାକୁ ମିଳିଛି ଯେ, ଅଗ୍ନିକାଣ୍ଡ ଘଟିବାରୁ ଜାହାଜଟି ଜଳି ଯାଇଥିଲା ।



### ମହିଳା ନିର୍ଯାତନା ପ୍ରସଙ୍ଗ

# ଆରଡିସି ଅଫିସ୍ ଘେରିଲା ବିଜେଡି

**ବ୍ରହ୍ମପୁର,୨୧।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା ନିର୍ଯାତନା ଓ ନାରୀ ବିରୋଧୀ ହିଂସା ପ୍ରତିବାଦରେ ଜୋରଦାର ଗର୍ଜନ କରିଛି ବିଜୁ ଜନତା ଦଳ। ବିଜେପି ସରକାର ଆସିବା ପରେ ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଯୌନ ନିର୍ଯ୍ୟାତନା, ହତ୍ୟା, ନ୍ୟାୟ ନ ପାଇ ଆତ୍ମହୁତି ଘଟଣା ବଢ଼ିଥିବା ଦଳ ଅଭିଯୋଗ କରି

### ହେବିୱେଟ ନେତାଙ୍କ ସମେତ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ସାମିଲ

ଆନ୍ଦୋଳନ କରିଛି। ଏନେଇ ଆଜି ବ୍ରହ୍ମପୁର ଠାରେ ଦଳର ତୁଙ୍ଗ ନେତୃତ୍ୱଙ୍କ ସମେତ ହଜାର ହଜାର ଦଳୀୟ କର୍ମୀ ବଡ ଧରଣର ପ୍ରତିବାଦ ସହ ଆରଡିସି ଅଫିସ୍ ଘେରାଉ କରିଥିଲେ।

ହଜାର ହଜାର କର୍ମୀଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଛକ ଦେଇ ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ଠାରେ



ପହଞ୍ଚିଥିଲେ। ଗୋପାଳପୁର ଗଣଦୁଷ୍କର୍ମ ଘଟଣା, ବ୍ରହ୍ମପୁର ହୋମିଓପ୍ୟାଥିକ ଡାକ୍ତର ମାମଲା,ଏଫଏମ୍ କଲେଜ ଛାତ୍ରୀ ଆତ୍ମହୁତି, ପିପିଲି ବଳଙ୍ଗା ଠାରେ ଯୁବତୀଙ୍କୁ ପେଟ୍ରୋଲ ଢାଳି ଜାଳିଦେବା ଭଳି ବିଭିନ୍ନ ଘଟଣାକୁ ନେଇ ଆରିଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ରାଜ୍ୟ ସରକାରକୁ ଟାର୍ଗେଟ୍ କରିଥିଲେ ଦଳୀୟ ହେବିୱେଟ। ନ୍ୟାୟିକ ତଦନ୍ତ ସହ ତୁରନ୍ତ ପୀଡିତା ଏବଂ ତାଙ୍କ ପରିବାରଙ୍କୁ ନ୍ୟାୟ ଦେବାକୁ ଦଳ ପକ୍ଷରୁ ଦାବି କରାଯାଇ ଏକ ସ୍ମାରକପତ୍ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା।

ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱରେ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡାର ପ୍ରମୁଖ ବିଜେଡି ନେତାଙ୍କ ସହ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଏଥିରେ ସାମିଲ ହୋଇ ଡବଲ ଇଞ୍ଜିନ୍ ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ଚନ୍ଦ୍ର ଶେଖର ସାହୁ, ରବି ନାରାୟଣ ନନ୍ଦ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ଝିନ୍ନ ହିକକ୍କା, ପ୍ରଦୀପ ମାଝୀ, ପ୍ରଫୁଲ୍ଲ ପାଙ୍ଗି,ପୁଷ୍ପେନ୍ଦ୍ର ସିଂ ଦେଓ, ଭୃଗୁବକ୍ସି ପାତ୍ର,ପଦ୍ମିନୀ ଦିଆନ, ଜଗନ୍ନାଥ ସାରକାଙ୍କ ସମେତ ବହୁ ପୂର୍ବତନ ମନ୍ତ୍ରୀ, ବିଧାୟକ, ଦଳୀୟ ହେବିୱେଟଙ୍କ ସମେତ ଯୁବ, ଛାତ୍ର, ମହିଳା ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପଟେ ବିଜେଡିର ଆନ୍ଦୋଳନକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ୍ ଫୋର୍ସ ମୃତୟନ କରାଯାଇଥିଲା।




## ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ଓ କୁଶପୁତଳିକା ଦାହ

**ବ୍ରହ୍ମପୁର,୨୧।୭ (ସଂଚାର ବ୍ୟୁରୋ):** କଂଗ୍ରେସର ଛାତ୍ର ନେତା ଉଦିତ୍ ପ୍ରଧାନ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି। ଏଭଳି ଧର୍ଷଣକାରୀ ଛାତ୍ର ନେତାଙ୍କୁ କଂଗ୍ରେସ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ କର୍ମୀମାନେ ସାମିଲ ହୋଇ ନାରୀ ସୁରକ୍ଷାର ଡିଣ୍ଡିମ ପିଟୁଥିବା କଂଗ୍ରେସ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଥିବା କହି ପ୍ରତିବାଦ କରିଥିଲେ। ଏହାସହ କଂଗ୍ରେସ ହେବିୱେଟ ରାହୁଲ୍ ଗାନ୍ଧୀ, ପିସିସି ସଭାପତି ଭକ୍ତ ଦାସଙ୍କ ସମେତ ରାଜ୍ୟ କଂଗ୍ରେସର ତୁଙ୍ଗ ନେତାଙ୍କ କୁଶପୁତଳିକ ଦାହ କରି ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ଟୁଟୁନ ପାତ୍ର, ବରିଷ୍ଠ ନେତା ରାମ ପାତ୍ର,ସୁନୀଲ କୁମାର ସାହୁ,କମଳ ପାତ୍ର,ଏସ୍ ରାଣୀଙ୍କ ସମେତ ବହୁ ଯୁବମୋର୍ଚ୍ଚା ସଦସ୍ୟ ପ୍ରମୁଖ ସାମିଲ ହୋଇଥିଲେ।



## ବିଶ୍ୱଭୂଷଣ ହରିଚନ୍ଦନ ପାଇବେ 'ଉତ୍କଳରତ୍ନ' ସମ୍ମାନ

**ଭୁବନେଶ୍ୱର,୨୧।୭ (ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ, ସାରସ୍ୱତ ସାଧକ ବିଶ୍ୱଭୂଷଣ ହରିଚନ୍ଦନ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପାଇବାକୁ ମନୋନୀତ ହୋଇଛନ୍ତି। ୨୭ତାରିଖ ସଂଧ୍ୟାରେ ସାହିତ୍ୟ ସମାଜର ୧୨୩ତମ ବାର୍ଷିକ ଉତ୍ସବରେ ଶ୍ରୀ ହରିଚନ୍ଦନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ରବିବାର ସଂଧ୍ୟାରେ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ସ୍ଥିର ହୋଇଛି। ଜୁଲାଇ ୨୬ ତାରିଖ ସଂଧ୍ୟାରେ ବାର୍ଷିକ ଉତ୍ସବ ଉଦ୍‌ଘାଟନ ହେବ। ୨୭ତାରିଖ ସଂଧ୍ୟାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ରଶ୍ମି ରାଉଳଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ରଜନୀକାନ୍ତ ମହାନ୍ତିଙ୍କୁ ଫକୀରମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ପୁରୁଷୋତ୍ତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଡ. ଦୀପ୍ତି ପଟ୍ଟନାୟକଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ମମତା ଦାଶଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡ. କୈଳାସ ଚନ୍ଦ୍ର ଦାଶଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସମ୍ମାନ, ସରଳା ପତ୍ରୀଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ହିମାଂଶୁ ଶେଖର ଖଟୁଆଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ବିଜୟ କୁମାର ପ୍ରଧାନଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ପଞ୍ଚାନନ କାନୁନ୍‌ଗୋଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଗୋବିନ୍ଦ ନାରାୟଣ ଆଧାତ୍ମିକ ସାହିତ୍ୟ ସମ୍ମାନ, ଡ. କବିତା ବାରିକ୍‌ଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ରମାକାନ୍ତ ସିଂହଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ମୁରଲୀଧର ସାମଲଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସୁବାସ ପାତ୍ର(ବାଇଡଙ୍କ ବାବା)ଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ଡ. ସତ୍ୟ ପଟ୍ଟନାୟକଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଚନ୍ଦ୍ରଶେଖର ଦାଶଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଚିତ୍ତରଂଜନ ପାଣିଙ୍କୁ କବିଚନ୍ଦ୍ର ସଂଗୀତଗୁରୁ ସମ୍ମାନ, ଗୀତା ଦାସଙ୍କୁ ଭିକାରି ବଳ କଣ୍ଠଶିଳ୍ପୀ ସମ୍ମାନ, ନିତ୍ୟାନନ୍ଦ ସାହୁଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ହଳଧର ଧୀରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ ପ୍ରଦାନ କରାଯିବ। ସେହିପରି ଶକ୍ତି ମହାନ୍ତିଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ବିନୋଦ ବିହାରୀ ବିଶୋଇଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ସନ୍ତୋଷ କୁମାର ରଥଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କୃପାସିନ୍ଧୁ ବିଶ୍ୱାଳଙ୍କୁ ବାଗ୍ମୀ ବିଶ୍ୱନାଥ କର ସଂପାଦନା ସମ୍ମାନ, ପ୍ରଭାତ ରାଉତରାୟଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଉତ୍ସବରେ ଯୋଗଦେବାକୁ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡ. ସୁନାମଣି ରାଉତ ଅନୁରୋଧ କରିଛନ୍ତି।

### ହାଇକୋର୍ଟ ଅଧିବକ୍ତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଉଦବେଗ ପ୍ରକାଶ କଲା ଭୁବନେଶ୍ୱର ବାର



**ବାଲେଶ୍ୱର,୨୧।୭ (ସଂଚାର ବ୍ୟୁରୋ):** ରେମୁଣା ଥାନା ଅନ୍ତର୍ଗତ ମୁଖରା ଗାଁରେ ହାଇକୋର୍ଟ ଓକିଲ ତଥା ଭାରତ ସରକାରଙ୍କ ନୋଟାରୀ ପ୍ରବୀର କୁମାର ଦାସଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ ଘଟଣାରେ ଉଦବେଗ ପ୍ରକାଶ କରିଛନ୍ତି ଭୁବନେଶ୍ୱର ବାର। ଗତ ରବିବାର ଶ୍ରୀ ଦାସ ଜେନାବରାଇ ମୌଜା ଅନ୍ତର୍ଗତ କମଳା ପୋଖରୀ ପାଖରେ ନିଜ ଜମିରେ ବାଉଁଶ ବୁଦା ସଫା କରାଉଥିବା ସମୟରେ ତାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା। ଏହି ମାମଲାରେ ରେମୁଣା ଥାନାରେ ମାମଲା ରୁଜୁ ହୋଇଛି।

ଶ୍ରୀ ଦାସଙ୍କ ଉପରେ ସେହି ଗାଁର ଜୟଚନ୍ଦ୍ର ବେହେରା ଓରଫ ବାଙ୍ଗରା ଏବଂ ତାଙ୍କ ପୁଅ ସଞ୍ଜୟ ବେହେରା ଓରଫ ବାଣ୍ଟୁ ଶ୍ରୀ ଦାସଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ । ଏହି ଆକ୍ରମଣରେ ପ୍ରବୀରଙ୍କ ଜଙ୍ଘ ଏବଂ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ବାଣ୍ଟୁ-ବାଙ୍ଗରା ଯୋଡ଼ି ପୂର୍ବରୁ ମଧ୍ୟ ଏଭଳି ଅନେକ ଅପରାଧୀକ ଘଟଣା ସହ ସମ୍ପୃକ୍ତ ଅଛନ୍ତି । ଜମିଜମା ମାମଲାରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ପୂର୍ବରୁ ବାଙ୍ଗରା ଜେଲ୍ ମଧ୍ୟ ଯାଇସାରିଛି। ସୂଚନାଯୋଗ୍ୟ ଯେ ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଦାସ ଭୁବନେଶ୍ୱରରେ ରହନ୍ତି। ତାଙ୍କ ବାପା ଗଙ୍ଗାଧର ଦାସଙ୍କ ଦେହାନ୍ତ ପରେ ସେ ନିଜ ଗାଁରେ ଥିବା ଜମିଜମା ବୁଝାବୁଝି କରିବା ପାଇଁ ଯାଇଥିଲେ। ନିଜ ବାଡ଼ିରେ କଣ୍ଟା ବାଉଁଶ ବୁଦା ଗୁଡ଼ିକ କାଟି ସେ ପରିଷ୍କାର କରୁ ଥିଲାବେଳେ ହଠାତ ଉତ୍ୟକ୍ତ ହୋଇ ବାଣ୍ଟୁ-ବାଙ୍ଗରା ବାପ ପୁଅ ତାଙ୍କ ଉପରକୁ କୋଦାଳ ଏବଂ ବାଉଁଶ ମୂଳୀ ସହାୟତାରେ ଆକ୍ରମଣ କରିଥିଲେ।

## ନାଉଗାଁ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ବିଧାୟକଙ୍କ ଅଚାନକ ଗସ୍ତ

**ନାଉଗାଁ,୨୧।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ସୋମବାର ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଅଚାନକ ଗସ୍ତ କରିଥିଲେ। ମହାବିଦ୍ୟାଳୟରେ ପହଞ୍ଚବା ପରେ ଅନେକ ଅଧାପକ ଓ କର୍ମଚାରୀ ଅନୁପସ୍ଥିତ ରହିଥିଲେ। ବିଧାୟକଙ୍କ ଆସିବା ଖବର ଶୁଣିବା ପରେ ମହାବିଦ୍ୟାଳୟରେ ଆସି ପହଞ୍ଚିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ଅଧାପକଙ୍କ ସହ ମହାବିଦ୍ୟାଳୟର ସମସ୍ୟା ସମ୍ପର୍କରେ



ଆଲୋଚନା କରିଥିଲେ। ପରେ ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବୁଲି ଦେଖିବା ସହିତ ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ଏହି ସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଦାସ ମହାବିଦ୍ୟାଳୟକୁ ୩ଟି ୮୦ ଲିଟର କ୍ଷମତା ସମ୍ପନ୍ନ ଆକ୍ୱାଗାର୍ଡ, ହାଇମାସ୍କ ଲାଇଟ, ଷ୍ଟାଫ କମନ ରୁମକୁ ଶୀତତାପ ନିୟନ୍ତ୍ରିତ କକ୍ଷ ସହିତ ୧୫ଲକ୍ଷ ଟଙ୍କାର ଅନୁଦାନ ପାଣ୍ଠି ଯୋଗାଇ ଦେବା ପାଇଁ କହିଛନ୍ତି। ସେହିପରି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ପାଠପଢ଼ା ଓ ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ମିନି ଷ୍ଟାଡିୟମ ଓ କନଫରେନ୍ସ ହଲ ନିର୍ମାଣ ପାଇଁ ଉଚ୍ଚ ଶିକ୍ଷା ବିଭାଗ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବୋରିଗୁମ୍ମା ଓ କୋରାପୁଟ ଗସ୍ତ

## ଅଧିକାରୀମାନେ ଚାହିଁଲେ ସମସ୍ୟା ଦୂର ହେବ

**ବୋରିଗୁମ୍ମା/କୋରାପୁଟ,୨୧।୭ (ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ରବିବାର କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଗସ୍ତରେ ଆସି ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା ବୈଠକ କରିଥିଲେ। ପରେ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦୁଇଦିନିଆ କୋରାପୁଟ ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ 'ହର ଘର ଜଳ', ଗ୍ରାମୀଣ ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ କିପରି ଗୃହ ପାଇବେ ସେଥିପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସରକାର ଲୋକଙ୍କ ପାଇଁ କାମ କରୁଛି ଏବଂ ଏଥିପାଇଁ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।




ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ଦରକାର ମୁତାବକ ପ୍ରକଳ୍ପ ହେଲେ ହିଁ ସମସ୍ୟାର ସମାଧାନ ହେଇପାରିବ ବୋଲି ସେକହିଥିଲେ। ବିଭାଗୀୟ ଅଧିକାରୀମାନେ ଚାହିଁଲେ ଜିଲାର ସମସ୍ୟା ଦୂର ହୋଇ ପାରିବ ବୋଲି ମନ୍ତ୍ରୀ କହିଥିଲେ।

ଏହି ସମୀକ୍ଷା ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଆଇଏଏସ ପ୍ରେବେଶନର ସନ୍ତୋଷ କୁମାର ପାତ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଗୌରୀ ଦାସ, ହିମାଂଶୁ ଶତପଥୀ ଓ ଅଂଶୁମାନ ପ୍ରଧାନ, ଜୟନ୍ତ ନାୟକ ପ୍ରମୁଖ କାର୍ଯକ୍ରମ ପରିଚାଳନରେ ସହଯୋଗ କରିଥିଲେ।

### ବ୍ରହ୍ମପୁର ମହାନଗର ନିଗମରେ ଅବ୍ୟବସ୍ଥା

## ପବ୍ଲିକ୍ ଟଏଲେଟ ନାହିଁ, ଲୋକେ ହନ୍ତସନ୍ତ




**ବ୍ରହ୍ମପୁର,୨୧।୭ (ସଂଚାର ବ୍ୟୁରୋ):** ବିଏମସି ସହରବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ପ୍ରତିଦିନ ଶହ ଶହ ଜନସାଧାରଣ ମହାନଗର ନିଗମ ଉପରେ ନିର୍ଭର କରନ୍ତି। ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇବା ଏବଂ ଆବଶ୍ୟକୀୟ କାଗଜପତ୍ର ପାଇଁ ରେଶମ ସହରବାସୀ ଏଠାକୁ ଆସନ୍ତି। ଘଣ୍ଟା ଘଣ୍ଟା ଧରି କାର୍ଯ୍ୟାଳୟ ପରିସରରେ ଥିବା ଭିନ୍ନ ଭିନ୍ନ ବିଭାଗରେ ନିଜ କାର୍ଯ୍ୟ ସକାଶେ ଅଟକିଥାନ୍ତି। କିନ୍ତୁ ଶୌଚାଳୟ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଅଧିକାରୀ ଏବଂ କର୍ମଚାରୀଙ୍କ ବ୍ୟବହାର ପାଇଁ ଶୌଚାଳୟ ଉପଲବ୍ଧ ରହିଛି। ହେଲେ ସାଧାରଣ ଲୋକଙ୍କ ପାଇଁ ଟଏଲେଟ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ନିକଟବର୍ତ୍ତୀ ଅଂଚଳରେ ମଧ କୌଣସି ଶୌଚାଳୟ ବ୍ୟବସ୍ଥା ନଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ସୂଚନା ଅନୁଯାୟୀ, ବହୁବାର କାର୍ଯ୍ୟାଳୟ ପରିସରରେ ପବ୍ଲିକ୍ ଟଏଲେଟ ନିର୍ମାଣ କରିବାକୁ ଦାବି ହୋଇଛି। ଅନେକ ବାର୍ କିଛି କର୍ପୋରେଟର ମଧ ଏହାକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି। କିନ୍ତୁ କର୍ତ୍ତୃପକ୍ଷ ଏହାକୁ ଦୃଷ୍ଟି ଦେଇନଥିବା ଜଣାପଡିଛି। ଏ ସମ୍ପର୍କରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳଙ୍କୁ ପଚାରିବାରୁ ସେ କହିଛନ୍ତି,ପୂର୍ବରୁ ଏନେଇ ବହୁବାର ଦାବି ହୋଇଛି। ତଥାପି ଏ ପ୍ରତି ଧ୍ୟାନ ଦିଆଯାଇନାହିଁ। ବିଶେଷ କରି ବୟସ୍କ, ମହିଳା ଓ ଛୋଟ ପିଲା ମାନେ ଶୌଚ ପାଇଁ ସମସ୍ୟାରେ ପଡୁଛନ୍ତି। ତେଣୁ ଏଭଳି ସମସ୍ୟାକୁ ଦୂର କରିବାକୁ ହେଲେ ତୁରନ୍ତ କାର୍ଯ୍ୟାଳୟ ପରିସରରେ ପବ୍ଲିକ୍ ଟଏଲେଟ ନିର୍ମାଣ ଜରୁରୀ।

## ଭୈରବ ଡିଗ୍ରୀ ମହାବିଦ୍ୟାଳରେ ନାରୀ ନିର୍ଯାତନା ସମ୍ପର୍କିତ ସଚେତନତା



**ବୋରିଗୁମ୍ମା,୨୧।୭ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ନାରୀ ନିର୍ଯ୍ୟାତନା ଓ ଯୌନ ଉତ୍ପୀଡ଼ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରୀ, ଅଧାପିକା ଓ କର୍ମଚାରୀଙ୍କୁ ଅଧକ୍ଷ ସଚେତନତା କରିବା ସହ କେହି ଯୌନ ଉତ୍ପୀଡ଼ନ କିମ୍ବା ନିର୍ଯ୍ୟାତନାର ଶିକାର ହେଲେ ଚୁପ ନ ରହି ଅନୁଷ୍ଠାନର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଜଣାନ୍ତୁ ବୋଲି ମତ ରଖିଥିଲେ। ୮ ଜଣ ସଦସ୍ୟଙ୍କୁ ନେଇ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଛି। ଏଥିରେ ସମାଜ ସେବୀ ଏମ ମାଙ୍ଗମା, ମହାବିଦ୍ୟାଳୟ ୩ ଜଣ ଛାତ୍ରୀ ଅଂଶିତା ନାୟକ, ବୈଜୟନ୍ତୀ ହନ୍ତଲା, ଗୀତାଞ୍ଜଳି ହାଲବା ଏବଂ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡ ସଦାଶିବ ତ୍ରିପାଠୀ, ରାଜନୀତି ବିଭାଗର ମୁଖ୍ୟ ସନ୍ତୋଷିନୀ ପାଢ଼ୀ, ଅଧାପିକା ଉମା ମହେଶ୍ୱରୀ ଓ ବରିଷ୍ଠ କିରାଣୀ ଦେବେନ୍ଦ୍ର ନାଥ ପଣ୍ଡାଙ୍କୁ ଚୟନ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ରେ ବି.ଇ.ଡି.ଟି ର ସଭାପତି ରାମ ଚନ୍ଦ୍ର ପାଢ଼ୀ, ଉପ ସଭାପତି ପି. ଗଣପତି ରାଓ, ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ଆଇନଜୀବି ସୁବାସ ନାୟକ, ବୋରିଗୁମ୍ମା ଥାନା ଏସ. ଆଇ. ରଚିତା ମାଡ଼କାମୀ ଓ ସମାଜସେବୀ ଏମ. ମାଙ୍ଗମା ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଯୌନ ଉତ୍ପୀଡ଼ନର ନିରାକରଣ ତଥା ଆବଶ୍ୟକ ସଚେତନତା ସମ୍ପର୍କରେ ମତ ରଖିଥିଲେ।

## ଟେଣ୍ଡର ପ୍ରକ୍ରିୟାରେ ଇପିସି ବ୍ୟବସ୍ଥା ଉଚ୍ଛେଦ ଓ ଅଣଓଡ଼ିଆ ଠିକାଦାରଙ୍କୁ ତୁରନ୍ତ ହଟେଇବାକୁ ପରାମର୍ଶ

**ଭୁବନେଶ୍ୱର,୨୧।୭ (ସଂଚାର ବ୍ୟୁରୋ):** ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ "ରାଜ୍ୟରେ ସରକାରୀ ପ୍ରକଳ୍ପ ପରିଚାଳନାରେ ଉପୁଜୁଥିବା ସମସ୍ୟା ଓ ସମାଧାନ" ସମ୍ପର୍କରେ ଏକ ସିଭିଲ ସୋସାଇଟି ପରାମର୍ଶ ବୈଠକ ଡକାଯାଇଥିଲା। ଅଭିଯାନର ରାଜ୍ୟ ଆବାହକ ବୈଠକରେ ୧୦୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ, ସମାଜସେବୀ, ଅବସରପ୍ରାପ୍ତ ସରକାରୀ ଅଧିକାରୀ, ବିଶେଷଜ୍ଞ, ଓଡ଼ିଆ ଠିକାଦାର, ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ଚାଲିଥିବା ଦୁର୍ନୀତି ଟେଣ୍ଡର ଅନୀୟମିତତା, ଓଡ଼ିଆ ଠିକାଦାରଙ୍କୁ ଅଣଦେଖା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ।

ଗତ ସରକାରରେ ରାଜ୍ୟର ସମସ୍ତ ବଡ଼ ଓ ଛୋଟ ପ୍ରକଳ୍ପଗୁଡ଼ିକୁ ଅଣଓଡ଼ିଆ ଠିକାଦାରମାନଙ୍କୁ ଟେକି ଦିଆଯାଇଥିଲା। ପ୍ରାୟ ୫ବର୍ଷ ବିତିଯାଇଥିଲେ ମଧ ଏହି ସବୁ ପ୍ରକଳ୍ପ ଏବେ ବି ସରିନାହିଁ। ଏହି ଠିକାଦାରମାନେ ଏବେବି ସମସ୍ତ ପ୍ରକଳ୍ପ ହାତେଇ ନେଇଛନ୍ତି। ବର୍ତ୍ତମାନର ବିଜେପି ସରକାର ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ବୈଠକରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଅର୍ଥନୀତିଜ୍ଞ ଡକ୍ଟର ପ୍ରଭାସ ମିଶ୍ର, ୱାଟ୍‌କୋର ପୂର୍ବତନ ମୁଖ୍ୟଯନ୍ତ୍ରୀ ପି.କେ. ସ୍ୱାଇଁ ଓଡ଼ିଶା ଠିକାଦାର ସଂଘର ସଭାପତି ଜଗଦୀଶ ପାତ୍ର, ଚାଟାର୍ଡ଼ ଆକାଉଣ୍ଟାଣ୍ଟ ରାଜୀବ ସାହୁ ପ୍ରମୁଖ ସରକାରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ଅରାଜକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଣୁ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଏକ ସ୍ମାରକ ପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

## ସୋଆରେ ଉଦ୍‌ଭାବନକୁ ନେଇ ଏଫ୍‌ଡିପି ଆୟୋଜିତ



**ଭୁବନେଶ୍ୱର,୨୧।୭ (ସଂଚାର ବ୍ୟୁରୋ):** ଉଦ୍‌ଭାବନ ଓ ଉଦ୍ୟୋଗୀକରଣ ବର୍ତ୍ତମାନ ସାରା ବିଶ୍ୱର ଅର୍ଥନୈତିକ ସମୃଦ୍ଧି ଓ ସାମାଜିକ ବିକାଶର ମୂଳମନ୍ତ୍ର ପାଲଟିଛି ବୋଲି ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ୫ ଦିନିଆ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫ୍‌ଡିପି)ରେ ବକ୍ତାମାନେ ମତ ରଖିଛନ୍ତି।

ଉଦ୍‌ଭାବନର ଆବଶ୍ୟକତା ବେଶ ବ୍ୟାପକ ଥିବା ବେଳେ ଆମେ ଯଦି କିଛି ଉଦ୍‌ଭାବନ କରୁ ନାହୁଁ ତେବେ ଆମେ କୌଣସି କାର୍ଯ୍ୟ କରୁନାହୁଁ ବୋଲି କହିଛନ୍ତି ଟାଟା ପାୱାର ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍)ର ସିଏସ୍‌ଆର ମୁଖ୍ୟ ପ୍ରଦୀପ ଘୋଷାଲ।

ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ), ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ଇନୋଭେସନ୍ ସେଲ୍‌ଫ (ଏମ୍‌ଆଇସି) ଏବଂ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ମିଳିତ ଆନୁକୂଲ୍ୟରେ ଏହି ଏଫଡିପିର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଶିକ୍ଷାନୁଷ୍ଠାନର ଫ୍ୟାକଲ୍ଟିମାନେ ପୂର୍ବରୁ କେବଳ ଜ୍ଞାନ ପ୍ରଦାନର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ଆଗକୁ ଆସି ଅଭିନବ ଉପାୟ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାର ଅବକାଶ ଆସିଛି। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ଉଦ୍‌ଭାବନର ଆବଶ୍ୟକତା ଏବଂ କ୍ଲାସ୍‌ରୁମରେ ଏହାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ।


ଏହି କାର୍ଯ୍ୟକ୍ରମର ସଞ୍ଚାଳକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଥିଲେ ଯେ ସାରା ଓଡ଼ିଶାର ୨୮ଟି ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଏହି ଏଫ୍‌ଡିପିରେ ଯୋଗ ଦେଇଛନ୍ତି। ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପାପଡ଼ାହାଣ୍ଡିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୨୧।୭ (ସଂଚାର ବ୍ୟୁରୋ):** ଆଜି ପାପଡ଼ାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବ୍ଲକ ଅଧକ୍ଷା ହେମଲତା ମାଝୀ, ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ବିଡିଓ କପିଳଦେବ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୫ଟି ଅଭିଯୋଗ ମଧ୍ୟରୁ ୩୪ଟି ବ୍ୟକ୍ତିଗତ ସମସ୍ୟା ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଅଭିଯୋଗ ଥିଲା।

# ଜାତୀୟ ସ୍ୱଚ୍ଛ ସହର ସର୍ବେକ୍ଷଣରେ ଆସ୍କା



## ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ଦେଲେ ବିଧାୟକ

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) : ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଚଳିତ ମାସ ୧୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଛନ୍ତି। ଆଜି ଲୋକସେବା ଭବନ ଠାରେ ଆସ୍କା ବିଧାୟକ ଶ୍ରୀ ସରୋଜ କୁମାର ପାଢ଼ୀ ଏବଂ ଅଧ୍ୟକ୍ଷା ବିନୀତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ଖୁସିବ୍ୟକ୍ତ କରିବା ସହିତ ଉଭୟ ବିଧାୟକ ଓ ଅଧ୍ୟକ୍ଷାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ପ୍ରଥମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ୟାଟେଗୋରିରେ ଗଞ୍ଜାମ ଜିଲ୍ଲାର ଆସ୍କା, ଦେଶରେ ସ୍ୱଚ୍ଛ ସହର ଭାବେ ଦ୍ୱିତୀୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇଛି ।

# ସ୍ଥାପନ ହେବ ଓଡ଼ିଶାରେ ପ୍ରଥମ ଏମ୍. ଆର୍. ଓ.



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) : ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୂତନ ଗନ୍ତବ୍ୟ ନୀତି ଦ୍ୱାରା ପରିଚାଳିତ ଓଡ଼ିଶା ଏହାର ବେସାମରିକ ବିମାନ ଚଳାଚଳ ପରିଦୃଶ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖୁଛି। ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ପରିଚାଳିତ ଏହି ନୀତିର ଉଦ୍ଦେଶ୍ୟ ହେଉଛି ବିମାନ ଚଳାଚଳ ପାଇଁ ସଂରଚିତ ପ୍ରୋତ୍ସାହନ, ମାର୍ଗ ସହାୟତା ଏବଂ ସୁବିଧା ମାଧ୍ୟମରେ ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ବିସ୍ତାର କରିବା। ବିମାନ ଚଳାଚଳ ଭିତ୍ତିଭୂମିକୁ ଏକ ରଣନୈତିକ ପ୍ରୋତ୍ସାହନ ସ୍ୱରୂପ, ଓଡ଼ିଶା ସରକାର ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ରକ୍ଷଣାବେକ୍ଷଣ, ମରାମତି ଏବଂ ପୁନଃସ୍ଥାପନ (ଏମ. ଆର. ଓ.) ସୁବିଧା ପ୍ରତିଷ୍ଠା ପାଇଁ ସମସ୍ତ ଔପଚାରିକତା ପୂରଣ କରିଛନ୍ତି, ଯାହା ବିମାନ ଚଳାଚଳ ସହ ଜଡ଼ିତ ଆର୍ଥିକ ଇକୋସିଷ୍ଟମ ସୃଷ୍ଟି କରିବାରେ ଏକ ବଡ଼ ପଦକ୍ଷେପ।

ସ୍ୱଳ୍ପ ସମୟ ମଧ୍ୟରେ, ଏହି ନୀତି ଉଭୟ ବିଶ୍ୱ ତଥା ଘରୋଇ ସ୍ତରରେ ଓଡ଼ିଶାର ବିମାନ ଚଳାଚଳ ପଦଚିହ୍ନକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ନୂତନ ଗନ୍ତବ୍ୟ ନୀତି ଅଧୀନରେ ମୋଟ ୧୩ ଟି ନୂତନ ଆନ୍ତର୍ଜାତୀୟ ଏବଂ ଘରୋଇ ବିମାନ ସେବା କାର୍ଯ୍ୟକ୍ଷମ ହୋଇଛି, ଯାହା ବାଣିଜ୍ୟ, ପର୍ଯ୍ୟଟନ ଏବଂ ଆଞ୍ଚଳିକ ଏକୀକରଣ ପାଇଁ ନୂତନ କରିଡର ଖୋଲିଛି। ଆନ୍ତର୍ଜାତୀୟ କ୍ଷେତ୍ରରେ, ଭୁବନେଶ୍ୱରରୁ ଦୁବାଇ ଏବଂ ଆବୁଧାବି ପର୍ଯ୍ୟନ୍ତ ସିଧାସଳଖ ବିମାନ ଚଳାଚଳ ଓଡ଼ିଶାକୁ ବିଶ୍ୱ ବିମାନ ଚଳାଚଳ ମାନଚିତ୍ରରେ ସ୍ଥାନିତ କରିଛି, ପ୍ରବାସୀମାନଙ୍କ ସମ୍ପର୍କକୁ ମଜବୁତ କରିଛି ଏବଂ ବିଶ୍ୱ ବଜାର ପ୍ରବେଶକୁ ଉନ୍ନତ କରିଛି। ଘରୋଇ ଭାବେ ଝାରସୁଗୁଡ଼ା-ମୁମ୍ବାଇ, ଝାରସୁଗୁଡ଼ା-ହାଇଦ୍ରାବାଦ, ଭୁବନେଶ୍ୱର-ଗୋଆ, ଭୁବନେଶ୍ୱର-ଜୋରହାଟ ଏବଂ ଭୁବନେଶ୍ୱର-ପୋର୍ଟ ବ୍ଲେୟାର ଭଳି ମାର୍ଗଗୁଡ଼ିକ ଆଦିବାସୀ ଅଞ୍ଚଳ, ଶିଳ୍ପ କ୍ଷେତ୍ର ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକ ସହିତ ସଂଯୋଗ ବୃଦ୍ଧି କରିଛନ୍ତି। ଉଡ଼ାନ୍ ଯୋଜନା ଅଧୀନରେ ଜୟପୁର, ରାଉରକେଲା, ଉତ୍କେଲା ଏବଂ ରଙ୍ଗାଲୁଣ୍ଡାରେ ଆଞ୍ଚଳିକ ଏୟାରଷ୍ଟ୍ରିପ୍ ପରିଚାଳନା ଦ୍ୱାରା ଏହି ସେବାଗୁଡ଼ିକ ଆହୁରି ସମର୍ଥିତ, ଯାହା ନିରବଚ୍ଛିନ୍ନ ଶେଷ ମାଇଲ ସଂଯୋଗ ସୁନିଶ୍ଚିତ କରେ ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରସ୍ତାବିତ ପୁରୀ ବିମାନ ବନ୍ଦର ପ୍ରକଳ୍ପ ନୋକାସ ୨.୦ ( ଏନ୍‌ଓସିଏଏସ୍ ୨.୦ ) ଇଣ୍ଟରାକ୍ଟିଭ୍ କଲର କୋଡେଡ୍ ଜୋନିଂ ମ୍ୟାପ୍ (ସିସିଜେଡ୍‌ଏମ) ର ଶୁଭାରମ୍ଭ ସହିତ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଏହି ପରିବର୍ତ୍ତନଶୀଳ ଡିଜିଟାଲ ଉପକରଣ ଅନଲାଇନ୍ ଉଚ୍ଚତା କ୍ଲିୟରାନ୍ସ ପ୍ରକ୍ରିୟାକରଣକୁ ସକ୍ଷମ କରିଥାଏ, ଯାହା ସୁନିଶ୍ଚିତ କରେ ଯେ ବିମାନ ଚଳାଚଳ ଯୋଜନା ନିରାପଦ ସହରାଞ୍ଚଳ ବିକାଶ, ନିୟନ୍ତ୍ରିତ ଭିତ୍ତିଭୂମି ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ସହିତ ସମନ୍ୱିତ। ପୁରୀ ପାଇଁ ସି. ସି. ଜେଡ. ଏମ. ର ସଂଯୋଜନ ଏକ ଅଗ୍ରଣୀ ପଦକ୍ଷେପ, ନିୟାମକ ଦକ୍ଷତା ବୃଦ୍ଧି କରିବା ଏବଂ ଓଡ଼ିଶାର ଆଧ୍ୟାତ୍ମିକ ରାଜଧାନୀରେ ଏକ ସୁରକ୍ଷିତ ତଥା ସ୍ଥାୟୀ ବିମାନ ବନ୍ଦର ବିକାଶ ପାଇଁ ମଞ୍ଚ ପ୍ରସ୍ତୁତ କରିବା। ନିଜର ଭବିଷ୍ୟତ ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରି ଓଡ଼ିଶା ସରକାର ଏକ ସମର୍ପିତ ଡ୍ରୋନ୍ ନୀତି ପ୍ରଣୟନ କରିବା ଏବଂ ବିମାନ ବନ୍ଦର ଭିତ୍ତିଭୂମି ପାଇଁ ଜମି ଆବଣ୍ଟନକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟାରେ ଅଛନ୍ତି, ଯାହା ଏକ ନମନୀୟ ଏବଂ ନବସୃଜନ ପରିଚାଳିତ ବିମାନ ଚଳାଚଳ ଇକୋସିଷ୍ଟମ ନିର୍ମାଣ ପାଇଁ ନିଜର ଲକ୍ଷ୍ୟକୁ ସୁଦୃଢ଼ କରୁଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ।

## ନଦୀ ଓ ଖେଳ ପଡ଼ିଆରେ ବୁଲିଲା କୁମ୍ଭୀର



ପଟ୍ଟାମୁଣ୍ଡାଇ, ୨୧।୭ (ସଂଚାର ବ୍ୟୁରୋ) : ପୁଣି ବ୍ରାହ୍ମଣୀ ନଦୀରେ ବୁଲିଲା କୁମ୍ଭୀର। କେନ୍ଦ୍ରାପଡ଼ାର ବନ୍ୟା ଅଞ୍ଚଳରେ କୁମ୍ଭୀର ଆତଙ୍କ। ଆଜି ପୁଣି ଥରେ କୁମ୍ଭୀର ନଦୀକୂଳରେ ବୁଲୁଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ପଞ୍ଚାୟତର ଜେନାପାଶୋଣ ଗାଁରେ ଏକ କୁମ୍ଭୀର ଦେଖିବାକୁ ମିଳିଛି । ବ୍ରାହ୍ମଣୀ ନଦୀରୁ କୁମ୍ଭୀର ଉଠି ଆସି ଗାଁରେ ଥିବା ଖେଳ ପଡ଼ିଆରେ ବୁଲୁଥିବା ଦେଖିବାକୁ ମିଳିଛି । ଜଳସ୍ତର କମୁଥିବାରୁ କୁମ୍ଭୀରଟି ଯାଇ ନପାରି ଖେଳ ପଡ଼ିଆରେ ରହିଯାଇଥିବା ଅନୁମାନ କରାଯାଉଛି।

## ଚୋରା ବାଇକ ପାର୍ଟସ୍ ବିକ୍ରି କରି ୭ ଗିରଫ



ରାଉରକେଲା, ୨୧।୭ (ସଂଚାର ବ୍ୟୁରୋ) : ବାଇକ ଚୋରି କରି ପାଟର୍ସ କାଟି ଚଳାଇଥିଲେ ଗ୍ୟାଙ୍ଗ । ରାଉରକେଲା ସହରର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରି ଏହାକୁ କାଟି ସ୍କ୍ରାପ କରି ବିକ୍ରି କରୁଥିଲେ ଅଭିଯୁକ୍ତ । ଚୋର , ଗ୍ୟାରେଜ ମାଲିକ ଏବଂ ସ୍କ୍ରାପ ଡିଲରଙ୍କ ମଧ୍ୟରେ ଡିଲ ହୋଇ ଚାଲିଥିଲା ବାଇକ ଚୋରି ଗ୍ୟାଙ୍ଗ। ବର୍ତ୍ତମାନ ରାଉରକେଲା ସହରରେ ମାତିଛନ୍ତି ବାଇକ ଚୋର । ରାଉରକେଲା ସହରର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନ ଯେଭଳି ମଲ, ମାର୍କେଟ ଆଦି ସ୍ଥାନକୁ ଟାର୍ଗେଟ କରୁଥିଲେ । ଲୋକେ ଗାଡି ଛିଡା କରି ଯିବା ପରେ ଏହାକୁ ନଜର ରଖି ବାଇକ ଲୁଟେରା ମାନେ ଲକ ଭାଙ୍ଗି ବାଇକକୁ ନେଇ ଛୁ ମାରୁଥିଲେ । ପରେ ଗ୍ୟାରେଜକୁ ନେଇ ଗ୍ୟାରେଜ ମାଲିକ ସହ ମିଶି ବାଇକକୁ ବିଭିନ୍ନ ପାର୍ଟ ପାର୍ଟ କରି କାଟି ଦେଉଥିଲେ । ଏଥିରୁ ବାହାରୁଥିବା ଭଲ ପାର୍ଟସକୁ ଲୋକଙ୍କ ପାଖରେ ବିକ୍ରି କରୁଥିଲେ । ଅନ୍ୟ ସବୁ ପାର୍ଟସକୁ ସ୍କ୍ରାପ୍ ଡିଲରଙ୍କ ସହ ମିଶି ସେଗୁଡିକୁ ବିକ୍ରି କରିଦେଉଥିଲେ । ଏହି ଭଳି କରି ୧୦୦ରୁ ଉର୍ଦ୍ଧ୍ୱ ବାଇକକୁ ଚୋରି କରି ତାକୁ କାଟି ସଫା କରିଦେଇଛନ୍ତି ଏହି ଲୁଟେରା ଗ୍ୟାଙ୍ଗ । ତେବେ ପୋଲିସ ତଦନ୍ତ କରି ଏହି ମାମଲାରେ ୭ ଜଣ ଅଭିଯୁକ୍ତ ବାଇକ ଚୋର ସହ ଗ୍ୟାରେଜ ମାଲିକ ଏବଂ ସ୍କ୍ରାପ ଡିଲରଙ୍କୁ ଗିରଫ କରିଛି ରାଉରକେଲା ପ୍ଲାଣ୍ଟସାଇଡ଼ ପୋଲିସ । ବର୍ତ୍ତମାନ ପୋଲିସ ପାଞ୍ଚଟି ବାଇକକୁ ଜବତ କରିଥିବା ଜଣାପଡିଛି । ଏହାସହ ଆଉ କିଛି ଚୋରି ବାଇକ୍ ଉଦ୍ଧାର ହେବା ସହ ଏହି ଗ୍ୟାଙ୍ଗ ରେ ଅନ୍ୟ କେଉମାନେ ସମ୍ପୃକ୍ତ ଅଛନ୍ତି ତାର ତଦନ୍ତ ଚଳାଇଛି ପୋଲିସର ସ୍ୱତନ୍ତ୍ର ଟିମ୍ ।

## ରୋଷେଇ କରୁଥିବା ବେଳେ ପୋଡ଼ି ହୋଇ ମହିଳା ମୃତ

ବ୍ରହ୍ମପୁର, ୨୧।୭ (ସଂଚାର ବ୍ୟୁରୋ) : ରୋଷେଇ କରୁଥିବା ବେଳେ ଅଘଟଣ। ବ୍ରହ୍ମପୁର ନୀଳାଞ୍ଚଳ ନଗର ବାସିନ୍ଦା ତଥା ଜଣେ ଅବସର ପ୍ରାପ୍ତ ପୋଲିସ ଅଧିକାରୀଙ୍କ ପତ୍ନୀ ରୋଷଇ ଘରେ ପୋଡି ହୋଇ ମୃତ୍ୟୁ ଅଭିଯୋଗ ହୋଇଛି । ରାନ୍ଧୁ ଥିବା ବେଳେ ଗ୍ୟାସ ନିର୍ଗତ ହୋଇ ଏପରି ଦୁର୍ଘଟଣା ଘଟିଥିବାର ଅନୁମାନ କରାଯାଉଛି । ତେବେ ସେତେବେଳେ ଘରେ ଅନ୍ୟ କିଏ ନଥିବା କୁହାଯାଉଛି। ଏମ୍‌କେସିଜି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ପ୍ରକୃତ କାରଣ ଆଉ କିଛି ରହିଛି ନା ନାହିଁ ଜାଣିବା ପାଇଁ ପୋଲିସର ତଦନ୍ତ ଆରମ୍ଭ କରିଛି । ଆସନ୍ତା କାଲି ଶବ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି ।

## ଚିକିତ୍ସା ଅବହେଳା ନେଇ ଡାକ୍ତରଙ୍କୁ ମାଡ଼

ବ୍ରହ୍ମପୁର, ୨୧।୭ (ସଂଚାର ବ୍ୟୁରୋ) : ଚିକିତ୍ସା ଅବହେଳା ଅଭିଯୋଗରେ ଏମ୍‌କେସିଜି ଜଣେ ଡକ୍ଟରଙ୍କୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ଆକ୍ରମଣକାରୀଙ୍କୁ କାବୁ କରି ଥାନାରେ ଅଟକ ରଖିଛି। କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ଯେଉଁଭଳି ଆକ୍ରମଣ ହୋଇଥିଲା ସଂଘ ପକ୍ଷରୁ ତାହାର ନିନ୍ଦା କରାଯାଇଛି। ଡାକ୍ତରଙ୍କ ସୁରକ୍ଷାକୁ ନେଇ ଦାବି କରାଯାଉଥିଲେ ମଧ୍ୟ ବିଭିନ୍ନ ସମୟରେ ଡାକ୍ତରମାନଙ୍କୁ ରୋଗୀ ସମ୍ପର୍କୀୟମାନେ ଆକ୍ରମଣ କରୁଛନ୍ତି। ଘଟଣାରୁ ପ୍ରକାଶ ଯେ, ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇ ଏମ୍‌କେସିଜି ମେଡିକାଲ ଆସିଥିଲେ। ଡାକ୍ତର ସେଠାରେ ଆହତଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ସେଠାରେ ଥିବା ଜଣେ ରୋଗୀ ସମ୍ପର୍କୀୟ ଚିକିତ୍ସା ଅବହେଳା ଦର୍ଶାଇ ଉତ୍ତେଜିତ ହୋଇ ଡାକ୍ତରଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ସମ୍ପୃକ୍ତ ଡାକ୍ତରଙ୍କୁ ସେ ମାଡ଼ ମଧ୍ୟ ମାରିଥିଲେ। ଯାହାକୁ ନେଇ ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମେଡିକାଲ ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ଓ ତାଙ୍କ ଟିମ ସେଠାରେ ପହଞ୍ଚି ଉତ୍ତେଜନା ପ୍ରତିହତ କରିଥିଲେ। ଡାକ୍ତରଙ୍କ ଅଭିଯୋଗ ଆଧାରରେ ଆକ୍ରମଣକାରୀଙ୍କୁ ଧରି ଥାନାକୁ ନିଆଯାଇଥିଲା।

## ଅଗ୍ନିଶମ ବାହିନୀ ଗାଡ଼ି ଧକ୍କାରେ ଛାତ୍ର ମୃତ

ପୁରୀ, ୨୧।୭ (ସଂଚାର ବ୍ୟୁରୋ) : ଅଗ୍ନିଶମ ବାହିନୀ ଗାଡ଼ି ଧକ୍କାରେ ଛାତ୍ର ମୃତ। ମୃତ ଛାତ୍ର ହେଲେ ପୁରୀ ଏସସିଏସ କଲେଜର ସ୍ୱୟଂ ଶୁଭମ୍ ସେନାପତି। ମୃତ ଛାତ୍ର ଯୁକ୍ତ ତିନି ବିଜ୍ଞାନ ଶେଷ ବର୍ଷ ଛାତ୍ର । ଭୁଲ ରୁଟରେ ଆସି ଫାୟାର ଗାଡ଼ି ଧକ୍କା ଦେଇଥିବା ସୂଚନା। ଛାତ୍ର ଜଣଙ୍କ ବାଇକ୍ ଯୋଗେ କଲେଜରୁ ଘରକୁ



ଫେରୁଥିଲେ। ଓଡ଼ିଶା ପୋଲିସ ହାଇୱେ ପାଟ୍ରୋଲିଂ ଗାଡ଼ି ଉଦ୍ଧାର କରି ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ - ଭୁବନେଶ୍ୱର ଜାତୀୟ ରାଜପଥ ତୁଳସୀ ଚଉରା ଛକରେ ଘଟିଛି ଘଟଣା । ପୁରୀ ଅଗ୍ନିଶମ କାର୍ଯ୍ୟାଳୟ ଆଗରେ ଉତ୍ତ୍ୟକ୍ତ ଛାତ୍ରଙ୍କ ରାସ୍ତାରୋକ କରାଯାଇଛି । ପୁରୀ ଭିଆଇପି ରୋଡ ଦେଇ ଗମନାଗମନ ବ୍ୟାହତ ହୋଇଛି।

# ନୂଆପଡ଼ାରେ ପହଞ୍ଚିଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଟିମ୍



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) : ନୂଆପଡ଼ା ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଆଜି ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସପିଟାଲର ବିଶେଷଜ୍ଞ ଟିମ୍ ନୂଆପଡ଼ା ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଞ୍ଚିଛନ୍ତି । ଏହି ଟିମ୍ ନୂଆପଡ଼ାରେ ୨୪ ତାରିଖ ପର୍ଯ୍ୟନ୍ତ ରହି ବିଶେଷଜ୍ଞ ସେବା ଦରକାର କରୁଥିବା ତାଲିକାଭୁକ୍ତ ରୋଗୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇବେ । ଏଣ୍ଡୋକ୍ରାଇନୋଲୋଜି ବିଭାଗର ଡାକ୍ତର ଭବାନୀ ଶଙ୍କର ଧଳ, ନେଫ୍ରୋଲୋଜି ବିଭାଗର ଡାକ୍ତର ବିଶ୍ୱଜିତ୍ ମହାନ୍ତି, ୟୁରୋଲୋଜି ବିଭାଗ ଡାକ୍ତର ଲିଙ୍ଗନ ମହାନ୍ତି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଡାକ୍ତର ସନନ୍ଦ କୁମାର ସେଠୀ, ନ୍ୟୁରୋଲୋଜି ଡାକ୍ତର ସୋନାଲିକା ବେହେରା, ଏବଂ ହୃଦରୋଗ ଡାକ୍ତର ପଙ୍କଜ କୁମାର ମାରଭୀ ପ୍ରମୁଖ ଏହି ଟିମ୍ ରେ ସଦସ୍ୟ ଅଛନ୍ତି । ପ୍ରାପ୍ତ ସୂଚନାରୁ ଜଣାପଡିଛି, ବର୍ତ୍ତମାନ ସୁଦ୍ଧା ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୬୩୨ ଜଣ ରୋଗୀଙ୍କୁ ବିଶେଷଜ୍ଞ ସେବା ନିମନ୍ତେ ତାଲିକାଭୁକ୍ତ କରାଯାଇଛି । ଏହି ଟିମ୍ ପ୍ରତି ରୋଗୀଙ୍କର ପ୍ରାଥମିକ ପରୀକ୍ଷା ନିରୀକ୍ଷା କରି ଚିକିତ୍ସା ନିମନ୍ତେ ସେମାନଙ୍କର ସବିଶେଷ ତଥ୍ୟ ପ୍ରସ୍ତୁତ କରିବେ । ଆସନ୍ତା କାଲି ସିନିୟର୍ ବିଶେଷଜ୍ଞ ଟିମ୍ ସେମାନଙ୍କର ଆବଶ୍ୟକୀୟ ଚିକିତ୍ସା ଓ ଅପରେସନ ଆଦି କରିବେ ।

## ସ୍କୁଲ ଭିତରେ ଛାତ୍ରୀଙ୍କୁ ଅସଦାଚରଣ: ବନ୍ଦୀ ହେଲେ ୨ ଶିକ୍ଷକ

ଜଳେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) : ସ୍କୁଲରେ ନବମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଦୁଇ ଶିକ୍ଷକ ଗିରଫ ହୋଇଛନ୍ତି। ଚମାରଗାଁ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଓ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପାଳଙ୍କୁ ଗିରଫ କରିଛି ରାଇବଣିଆ ପୋଲିସ। ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଦୀର୍ଘ ଦିନ ଧରି ଛାତ୍ରୀଙ୍କୁ ଶ୍ରେଣୀରେ ଅସଦାଚରଣ କରିବା, ତାଙ୍କ ପ୍ରାଇଭେଟ ରୁମ୍‌କୁ ଡାକିବା ଓ ବିଭିନ୍ନ ଧମକ ଚମକ ଦେଉଥିଲେ। ଛାତ୍ରୀଙ୍କ ମାଆଙ୍କ ଅଭିଯୋଗ ମୂଳେ ରାଇବଣିଆ ପୋଲିସ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳରେ, ଚମାର ଗାଁସ୍ଥିତ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଜ୍ ଏକ ନବମ ଶ୍ରେଣୀ ଛାତ୍ରୀକୁ କ୍ଲାସ୍‌ରେ ପାଠ ପାଇବା ସମୟରେ ଛାତ୍ରୀଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ହାତ ମାରିବା ଓ ଅଶାଳୀନ ଇଙ୍ଗିତ କରିବା ସହିତ ନିଜର ବ୍ୟକ୍ତିଗତ କୋଠରିକୁ ଡାକିଥିଲେ।

## ରେଭେନ୍ସାର ୧୦ ଛାତ୍ରଙ୍କୁ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ

କଟକ, ୨୧।୭ (ସଂଚାର ବ୍ୟୁରୋ) : ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଗିଂ ଅଭିଯୋଗ। ୧୦ ଜଣ ହଷ୍ଟେଲ ଅନ୍ତେବାସୀ ଛାତ୍ରଙ୍କୁ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଆଣ୍ଟି ଗ୍ୟାଙ୍ଗି ସେଲ୍‌ର ବୈଠକ ପରେ ନିଆଗଲା ନିଷ୍ପତ୍ତି। ଇଷ୍ଟ୍ ହଷ୍ଟେଲ୍‌ରେ ରହୁଥିବା ୟୁଜି ପ୍ରଥମ ବର୍ଷର କିଛି ଛାତ୍ରଙ୍କୁ କିଛି ସିନିୟର୍ ଛାତ୍ର ରାଗିଂ କରିଥିବା ଅଭିଯୋଗକୁ ଆଧାର କରି କାର୍ଯ୍ୟାନୁଷ୍ଠାନ । ବିଳମ୍ବିତ ରାତିରେ ଖବର ପାଇ ହଷ୍ଟେଲରେ ପହଞ୍ଚି ଥିଲେ କୁଳପତି, ୱାର୍ଡେନ୍ ଏବଂ ଅନ୍ୟାନ୍ୟ ଅଧ୍ୟାପକ। ଅଭିଯୋଗର ତଦନ୍ତ କରିବ ଏକ କମିଟି ।

# ଡିଏଫ୍‌ଓଙ୍କ ପାଖରେ ଲକ୍ଷ ଲକ୍ଷ ଟଙ୍କା, ଗଦା ପାସ୍‌ବୁକ୍



କେନ୍ଦୁଝର, ୨୧।୭ (ସଂଚାର ବ୍ୟୁରୋ) : ଓଡ଼ିଶା ଦୁର୍ନୀତି ବିଭାଗ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଦ୍ୱିତୀୟ ଦିନ ଚଢାଉ ଜାରି ରଖିଛି । ଆଜି କେନ୍ଦୁଝରର ଅଫିସ ଓ ଆବାସିକ ଘର ଉପରେ ଚଢାଉ ବେଳେ ୮.୫ ଲକ୍ଷ ଟଙ୍କା ଭିଜିଲାନ୍ସ ବିଭାଗ ଜବତ କରିଥିବା ବେଳେ ଏହାକୁ ମିଶାଇ ସମୁଦାୟ ଜବତ ନଗଦ ଟଙ୍କା ପରିମାଣ ୧୦ ଲକ୍ଷ ଟଙ୍କା ଟପିଛି । ଗତ କାଲି ଚଢାଉ ବେଳେ ୧ ଲକ୍ଷ ୫୫ ହଜାର ଜବତ ହୋଇଥିଲା । ଏହା ଛଡା ଚଢାଉ ବେଳେ ବହୁ ଜମିଜମା ଦସ୍ତାବିଜ, ବ୍ୟାଙ୍କ ପାସ ବୁକ, ବୀମା ଜମା ସାର୍ଟିଫିକେଟ, ଜବତ କରାଯାଇ ସେସବୁ ର ଯାଂଚ ଚାଲିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଗତକାଲି ଚଢାଉ ବେଳେ ଅନୁଗୋଳରେ ୪ ମହଲା କୋଠା, ୧୫୫ ଟି ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ଜମି ପ୍ଲଟ ଠାବ ହୋଇଛି। ଯାହାର ବିକ୍ରି ଡିଡ ଅନୁଯାୟୀ ୨.୫୫ କୋଟି କିନ୍ତୁ ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ। ସେହିପରି ନଗଦ ୧.୫୫ ଲକ୍ଷ ଟଙ୍କା, ୨୦୦ ଗ୍ରାମ ସୁନା, ୨ ଟି ଚାରି ଚକିଆ ଗାଡି ଠାବ କରିଥିଲା ଭିଜିଲାନ୍ସ। ଜବତ ଆସବାବ ପତ୍ରର ମୂଲ୍ୟ ପ୍ରାୟ ୧୫ ଲକ୍ଷ ହେବ । ତାଙ୍କ ନାମରେ ୫୫ ଟି ପ୍ଲଟ, ୪୨ ଟି ତାଙ୍କ ସ୍ତ୍ରୀଙ୍କ ନାମରେ, ୧୬ ଟି ଦୁଇ ପୁଅ ଏବଂ ୪ ଟି ଝିଅ ନାମରେ ରହିଥିବା ଜଣାପଡିଛି । ସେହିପରି ସେ କେବଳ ୧୨ ଟି ପ୍ଲଟ କୁ ନିଜର ସମ୍ପତ୍ତି ତାଲିକାରେ ଦର୍ଶାଇଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କ ଏସଂକ୍ରାନ୍ତରେ ଜେରା କରୁଛି।

## ୨ ଜଣଙ୍କୁ ହତ୍ୟା କରି ଫିଙ୍ଗିଦେଲେ ମାଓବାଦୀ

ମାଲକାନଗିରି, ୨୧।୭ (ସଂଚାର ବ୍ୟୁରୋ) : କିଛି ଦିନର ନୀରବତା ପରେ ପୁଣି ମାଓବାଦୀମାନେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ବର୍ବରକାଣ୍ଡ ଭିଆଇଛନ୍ତି। ମାଓବାଦୀମାନେ ୨ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରି ଫିଙ୍ଗ ଦେଇଥିବା ସୂଚନା ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ମୃତକ ହେଲେ କାୱାସି ଜୋଗୀ ଏବଂ ମଙ୍ଗଲୁ କୁର୍ସମ ବୋଲି ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସରଣ୍ଡା ଜଙ୍ଗଲରୁ ବିସ୍ଫୋରକ ଜବତ



ମାଲକାନଗିରି, ୨୧।୭ (ସଂଚାର ବ୍ୟୁରୋ) :ଓଡ଼ିଶା ଝାଡ଼ଖଣ୍ଡ ସୀମା ସରଣ୍ଡା ଜଙ୍ଗଲରୁ ବିପୁଳ ପରିମାଣର ବିସ୍ଫୋରକ ଜବତ। ବିପୁଳ ଆଇଇଡି ସହ ହ୍ୟାଣ୍ଡ ଗ୍ରେନେଡ ଏବଂ ବିସ୍ଫୋରକ ପାଉଡର ଜବତ କଲା ସୁରକ୍ଷା ବାହିନୀ । ଓଡ଼ିଶା ଝାଡ଼ଖଣ୍ଡ ସୀମା ସରଣ୍ଡା ଜଙ୍ଗଲରେ ଜୋରଦାର ଭାବେ ଚାଲିଛି ମାଓ ବିରୋଧୀ ସର୍ଚ୍ଚ ଅପରେସନ। ଯବାନଙ୍କୁ ଆକ୍ରମଣ ଉଦ୍ଦେଶ୍ୟରେ ଆଇଇଡି ଖଞ୍ଜା ଯାଇଥିଲା । ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଚାଇବାସା ଟୋକଲ ଥାନା ଏବଂ ସରାଇକେଲା ଖରସୁଆଁ କୁଚାଇ ଥାନା ଅଞ୍ଚଳ ଅନ୍ତର୍ଗତ ସରଣ୍ଡା ଜଙ୍ଗଲରେ ୨ କେଜିର୧୪ଟି ଆଇଇଡି ବୋମା ସହ ଦେଶୀ ଗ୍ରେନେଡ଼ ଏବଂ ଆମୋନିଅମ ନାଇଟ୍ରେଟ ପାଉଡର, ବାରୁଦ ଆଦି ଜବତ କରିଛି ସୁରକ୍ଷା ବାହିନୀ । ଏଥିସହ ସମସ୍ତ ମାଓ ସାମଗ୍ରୀକୁ ଉଦ୍ଧାର ପରେ ନଷ୍ଟ କରାଯାଇଛି। ଝାଡ଼ଖଣ୍ଡ ଜାଗୁଆର ଏବଂ ସିଆରପିଏଫ୍ ସହ ଚାଇବାସା ଏବଂ ସରାଇକେଲା ପୋଲିସର ସର୍ଚ୍ଚ ଅପରେସନ ଜାରି ରହିଛି। ସୂଚନା ଅନୁଯାୟୀ ସରଣ୍ଡା ଜଙ୍ଗଲରେ ଟପ ମାଓନେତା ଅସୀମ ମଣ୍ଡଳ ସହ ମିସିର ବେସରା ଏବଂ ମୋଚ୍ଛୁ ଅନମୋଲ ମାନେ ଆକ୍ଟିଭ ରହିଥିବା ନେଇ ଲଗାତାର ଚଢ଼ାଉ କରାଯାଉଛି।

## ହକି ପ୍ରଶିକ୍ଷଣ ପାଇଁ ଆସିଥିବା ନାବାଳିକାଙ୍କୁ ଗଣ ବଳାତ୍କାର



ଯାଜପୁର, ୨୧।୭(ସଂଚାର ବ୍ୟୁରୋ): ଯାଜପୁରରେ ବଡ଼ କାଣ୍ଡ । ହକି ପ୍ରଶିକ୍ଷଣ ପାଇଁ ଆସିଥିବା ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ୨ ହକି ପ୍ରଶିକ୍ଷକଙ୍କ ସମେତ ୩ ଜଣଙ୍କ ନାଁରେ ନାବାଳିକା ଅଭିଯୋଗ କରିଛନ୍ତି। ଟାଉନ ଥାନାରେ ମାମଲା ରୁଜୁ ହୋଇଥିବାବେଳେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ୨ ହକି ପ୍ରଶିକ୍ଷକ ଅଟକ ରହିଥିବା ସୂଚନା। ଆଉ ଜଣେ ଅଭିଯୁକ୍ତ ଫେରାର୍ ଥିବା କୁହାଯାଉଛି। ଏକ ଲଜ୍‌କୁ ନେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ୨ ହକି ପ୍ରଶିକ୍ଷକଙ୍କ ସମେତ ୩ ଜଣଙ୍କ ନାଁରେ ନାବାଳିକାଙ୍କ ଅଭିଯୋଗ ପରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ୨ ହକି ପ୍ରଶିକ୍ଷକ ଓ ସହଯୋଗୀଙ୍କୁ ମିଶାଇ ୪ ଅଟକ ।

# ମିଶ୍ରଣ ପରେ ବନ୍ଦ ଥିବା ୪୬ ସ୍କୁଲ ଖୋଲିଲା

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ) : ରାଜ୍ୟରେ ମିଶ୍ରଣ ପରେ ବନ୍ଦ ହୋଇଥିବା ସ୍କୁଲ ମଧ୍ୟରୁ ରାଜ୍ୟ ସରକାର ୪୬ଟିରୁ ତାଲା ଖୋଲିଛନ୍ତି। ଆଉ ୪ଟି ସ୍କୁଲ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ପୂର୍ବ ସରକାରଙ୍କ ସମୟରେ ଛାତ୍ରୀଛାତ୍ରଙ୍କ କମ୍ ଉପସ୍ଥାନ ଥିବା ରାଜ୍ୟର ପ୍ରାୟ ୭୭୫୧ଟି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ସେତେବେଳେ ଭାଜପା ସମେତ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ଏହାଦ୍ୱାରା ସ୍କୁଲରେ ଡ୍ରପ୍‌ଆଉଟ୍ ହାର ବଢ଼ିବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଥିବା ଅଭିଯୋଗ ଉଠିଥିଲା। ହେଲେ ତତ୍କାଳୀନ ସରକାର ଏଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରି ନ ଥିବାବେଳେ ଏବେ ଭାଜପା ସରକାର ଏହାକୁ ଗୁରୁତ୍ୱର ସହ ନେଇ ବନ୍ଦ ହୋଇଯାଇଥିବା ସ୍କୁଲଗୁଡ଼ିକୁ ପୁଣି ଖୋଲିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ତଥ୍ୟ ଅନୁସାରେ, ସରକାରଙ୍କ ନିଷ୍ପତ୍ତିକ୍ରମେ ସ୍କୁଲଗୁଡ଼ିକର ଭିତ୍ତିଭୂମିକୁ ସଜଡା ଯାଇ ତୁରନ୍ତ ଖୋଲିବାକୁ ବ୍ୟବସ୍ଥା କରାଯାଉଛି। ଢେଙ୍କାନାଳରେ ସର୍ବାଧିକ ୨୨ଟି ମିଶ୍ରଣ ସ୍କୁଲ ଖୋଲିଥିବା ବେଳେ ଦେବଗଡ ଜିଲାରେ ୧୦ଟି ସ୍କୁଲ ଖୋଲାଯାଇଛି। ସେହିପରି ବରଗଡରେ ୭, ଯାଜପୁରର ୪ ଏବଂ ଖୋର୍ଦ୍ଧାର ୩ଟି ସ୍କୁଲ ଖୋଲିଛି। ଏହାବାଦ୍ ଯାଜପୁରର ବିଞ୍ଝାରପୁର, ଖୋର୍ଦ୍ଧାର ବାଣପୁର, ଦେବଗଡ଼ର ରିଆମାଳ ଏବଂ ତେଲେଇବଣୀ ସ୍କୁଲ ଖୋଲାଯିବାକୁ ପ୍ରକ୍ରିୟା ଚାଲିଥିବା ଜଣାଯାଇଛି।

ଶିକ୍ଷକ, ଭିତ୍ତିଭୂମି ଏବଂ ପାଠପଢ଼ା ଭଳି ବିଭିନ୍ନ ସମସ୍ୟା ଲାଗି ରହିବାରୁ ପୂର୍ବ ସରକାର କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ପାଖ ସରକାରୀ ସ୍କୁଲରେ ମିଶ୍ରଣ କରିଥିଲେ। ମିଶ୍ରଣ ପାଇଁ ନିର୍ଦ୍ଦେଶ ଥିବା ୭୭୫୧ଟି ସ୍କୁଲ ମଧ୍ୟରୁ ଗତ ୧୦ ତାରିଖ ସୁଦ୍ଧା ୫୬୩୦ଟି ସମ୍ପୂର୍ଣ୍ଣ ଭାବେ ମିଶ୍ରଣ ହୋଇଥିଲା। ଏହି ପ୍ରକ୍ରିୟାରେ ରାଜ୍ୟରେ ଅନେକ ପୁରୁଣା ସ୍କୁଲ ମଧ୍ୟ ବନ୍ଦ ହୋଇଯାଇଛି। କୋମଳମତି ପିଲାମାନେ ଅନ୍ୟ ଗାଁକୁ ପାଠପଢ଼ିବାକୁ ଯିବାବେଳେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନଦୀନାଳ ପାର ହୋଇ ସ୍କୁଲକୁ ଯିବାକୁ ପଡୁଥିବାରୁ ଓ ସ୍କୁଲ ଦୂର ହେଉଥିବାରୁ ବହୁ ପିଲା ଇତିମଧ୍ୟରେ ପାଠପଢ଼ା ବନ୍ଦ କରିଦେଇଥିବା ଜଣାପଡିଛି। ତେଣୁ ତୁରନ୍ତ ମିଶ୍ରଣ ସ୍କୁଲଗୁଡ଼ିକୁ ଅଲଗା କରି ପୁଣି ଖୋଲିବା ପାଇଁ ଅଭିଭାବକ ସଂଘ ସମେତ ବହୁ ସଙ୍ଗଠନ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁଥିଲେ। ବାସ୍ତବ ସ୍ଥିତି ଅନୁଧ୍ୟାନ ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ହେଉଥିବା ମିଶ୍ରଣ ହୋଇଥିବା ସ୍କୁଲ୍‌ଗୁଡ଼ିକୁ ପୁଣି ସ୍ୱତନ୍ତ୍ର ଭାବେ ଖୋଲିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁଠାରେ ଭୌଗୋଳିକ ସ୍ଥିତି ଜଟିଳ ଥିବ, ସେକ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୨୦ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ବିଚାରକୁ ନେଇ ବିଦ୍ୟାଳୟ ଖୋଲା ଯିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ତଥା ସଂରକ୍ଷିତ ଅଞ୍ଚଳରେ ୨୦ ଏବଂ ଅଣସଂରକ୍ଷଣ ଅଞ୍ଚଳରେ ୪୦ ଜଣ ଛାତ୍ରୀଛାତ୍ର ଥିଲେ ସ୍କୁଲ ଖୋଲାଯାଇ ପାରିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ।


ମିଶ୍ରଣ ହୋଇଥିବା ୫୬୩୦ ସ୍କୁଲ ମଧ୍ୟରୁ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୫୭ ସ୍କୁଲ ରହିଥିବା ବେଳେ ପୁରୀରେ ଗୋଟିଏ ବି ସ୍କୁଲ ମିଶ୍ରଣ ହୋଇନାହିଁ। ସେହିପରି କଟକରେ ୪୫୨, ଗଜପତିରେ ୪୨୬, କୋରାପୁଟରେ ୩୪୬, ଗଞ୍ଜାମରେ ୩୩୪, ଯାଜପୁରରେ ୩୦୯, କନ୍ଧମାଳରେ ୨୭୮, ବରଗଡରେ ୨୫୦, ଭଦ୍ରକରେ ୨୦୭, କେନ୍ଦ୍ରାପଡାରେ ୨୦୩, ଢେଙ୍କାନାଳରେ ୧୯୨, ଜଗତ୍‌ସିଂହପୁରରେ ୧୯୦, ସମ୍ବଲପୁରରେ ୧୬୦, ସୁନ୍ଦରଗଡରେ ୧୩୬, ରାୟଗଡାରେ ୧୨୧, ନୂଆପଡାରେ ୧୧୭, ନବରଙ୍ଗପୁର୧୩୪, ଖୋର୍ଦ୍ଧାରେ ୧୫୬, କଳାହାଣ୍ଡିରେ ୧୫୫, ବୌଦ୍ଧରେ ୧୧୦, ବଲାଙ୍ଗୀରରେ ୧୩୯, ଅନୁଗୋଳରେ ୧୬୬, ବାଲେଶ୍ୱରରେ ୧୧୮, ନୟାଗଡରେ ୯୯, ସୋନପୁରରେ ୬୮, ମାଲକାନଗିରି ଓ କେନ୍ଦୁଝରରେ ୮୪, ଝାରସୁଗୁଡା ୭୦ ଏବଂ ଦେବଗଡରେ ୬୯ଟି ସ୍କୁଲକୁ ମିଶ୍ରଣ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଓଡ଼ିଶାରେ କାର୍ଯ୍ୟକାରୀ ହେବ ୭୬ ଭିତ୍ତିଭୂମି ପ୍ରକଳ୍ପ

- ବ୍ୟୟ ଅଟକଳ ୧,୪୧,୭୦୨ କୋଟି
- ଖର୍ଚ୍ଚ ହୋଇଛି ୬୬,୧୪୦ କୋଟି



ଭୁବନେଶ୍ୱର, ୨୧।୭: କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାରେ ୭୬ଟି ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକରେ ମୋଟ୍ ବ୍ୟୟ ୧,୪୧,୭୦୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ମାତ୍ର କିଛି ପ୍ରକଳ୍ପର କାର୍ଯ୍ୟକାରିତା ବିଳମ୍ବିତ ହେଉଥିବାରୁ ପ୍ରକଳ୍ପ ଖର୍ଚ୍ଚ ୧,୪୬,୩୮୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହି ତାଲିକାରେ ୧୫୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକୁ ବିଚାରକୁ ନିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକରେ ୬୬,୧୪୦ କୋଟି ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଓଡ଼ିଶାରେ ସଡ଼କ ପରିବହନ ଓ ରାଜପଥ କ୍ଷେତ୍ରରେ ସର୍ବାଧିକ ୩୫ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହା ବ୍ୟତୀତ ରେଳବାଇର ୧୬, ଇସ୍ପାତରେ ୨, ବିଦ୍ୟୁତ୍ ଶକ୍ତିରେ ୨, ଖଣିରେ ୬, କୋଇଲା କ୍ଷେତ୍ରରେ ୧୩ ଏବଂ ପେଟ୍ରୋଲିୟମ୍ ଓ ଶିକ୍ଷା କ୍ଷେତ୍ରରେ ଗୋଟିଏ ଲେଖାଏଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ୧୯୯୪ରେ ମଞ୍ଜୁର ହୋଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର କାମ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ ହେବା ଆଶା କରାଯାଉଛି। ଏହି ପ୍ରକଳ୍ପରେ ୩୫୫୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ପ୍ରାରମ୍ଭିକ ପର୍ଯ୍ୟାୟରେ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବିଳମ୍ବ କାରଣରୁ ପ୍ରକଳ୍ପ ମୂଲ୍ୟ ୫,୦୮୯.୩୭ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପରେ ୪୯୧୦.୨୨ କୋଟି ଟଙ୍କା ବ୍ୟୟ ହୋଇସାରିଲାଣି। ପ୍ରକଳ୍ପର ୮୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ସେହିପରି, ୨୦୧୭ରେ ମଞ୍ଜୁର ହୋଇଥିବା ଜୟପୁର-ନବରଙ୍ଗପୁର ରେଳପଥ ପ୍ରକଳ୍ପ ଲାଗି ୭୪୮ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିଲେ ମଧ ଟଙ୍କାଟିଏ ବି ଖର୍ଚ୍ଚ ହୋଇନାହିଁ। ୨୦୦୫ରେ ମଞ୍ଜୁର ହୋଇଥିବା ତାଳଚେର-ବିମଳାଗଡ଼ ରେଳପଥର ୪୦ ପ୍ରତିଶତ କାମ ଶେଷ ହୋଇଛି। ସେଥିରେ ୧୭୫୭.୭୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ପ୍ରକଳ୍ପରେ ୧୧୨୮ କୋଟି ଟଙ୍କା ବ୍ୟୟ କରିବାକୁ ଅଟକଳ ଧାର୍ଯ୍ୟ କରାଯାଇଛି। ୨୦୨୨ ଅଗଷ୍ଟରେ ମଞ୍ଜୁର ହୋଇଥିବା ତାଳଚେର ଥର୍ମାଲ୍ ବିଦ୍ୟୁତ୍ ପ୍ରକଳ୍ପ ତୃତୀୟ ପର୍ଯ୍ୟାୟରେ ୧୧,୮୪୪ କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପର ୨୧.୪୦ ପ୍ରତିଶତ କାମ ଶେଷ ହୋଇଥିବା ବେଳେ ସେଥିରେ ୩୭୦୩ କୋଟି ଟଙ୍କା ବ୍ୟୟ କରାଯାଇଛି। ୨୦୨୭ ଡିସେମ୍ବରରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ସେହି ସମୟ ବେଳକୁ ପ୍ରକଳ୍ପ ଖର୍ଚ୍ଚ ୧୨,୫୩୯ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

## ବର୍ଷକୁ ୧.୫୨ ଲକ୍ଷ କୋଟିର ଫଳ, ପନିପରିବା ନଷ୍ଟ



ନୂଆଦିଲ୍ଲୀ, ୨୧।୭: ପ୍ରତିବର୍ଷ ଦେଶରେ ୭୩.୬ ଲକ୍ଷ ଟନ୍ ଫଳ ଓ ୧.୨ କୋଟି ଟନ୍ ପନିପରିବା ନଷ୍ଟ ହେଉଛି। କ୍ଷେତ କିମ୍ବା ବାଡ଼ିରେ ଉତ୍ପାଦନ ହେଉଥିବା ଏହି ଫଳ ଓ ପନିପରିବାଗୁଡ଼ିକ ଲୋକଙ୍କ ଭୋଜନ ହେବା ପୂର୍ବରୁ ନଷ୍ଟ ହୋଇଯାଉଛି। ତାହାର ମୂଲ୍ୟ ୧.୫୨ ଲକ୍ଷ କୋଟି ଟଙ୍କା ବୋଲି ନାବ୍‌କନ୍‌ସ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଏହା ଦେଶରେ ଉତ୍ପାଦିତ ହେଉଥିବା ଫଳର

### ୭୩.୬ ଲକ୍ଷ ଟନ୍ ଫଳ, ୧.୨ କୋଟି ଟନ୍ ପରିବା

୬-୧୫ ପ୍ରତିଶତ ଏବଂ ପନିପରିବାର ୫-୧୨ ପ୍ରତିଶତ ସହ ସମାନ। ଉତ୍ପାଦିତ ଫଳ ଓ ପନିପରିବା ନଷ୍ଟ ହେବା କେବଳ ଅର୍ଥନୈତିକ କ୍ଷତି ନୁହେଁ। ଏହା ଦ୍ୱାରା ୧୨.୫ କୋଟିରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଚାଷ କାମରେ ଲଗାଇଥିବା ଅର୍ଥ ଓ ସମୟ, ମୂଲ୍ୟବାନ ଭୂତଳ ଜଳ, ଶକ୍ତି ଏବଂ ଅନ୍ୟାନ୍ୟ ଇନ୍‌ପୁଟ୍‌ର ଅପଚୟ ମଧ ହେଉଛି। ଦେଶରେ ୧୯.୪ କୋଟି ଲୋକ ପୁଷ୍ଟିକର ଖାଦ୍ୟ ଅଭାବରୁ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ଫଳ ଓ ପନିପରିବା ଏଭଳି ନଷ୍ଟ ହେବା ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି। ମାକିନ୍‌ସେ ପକ୍ଷରୁ ଆକଳନ କରାଯାଇଛି ଯେ ଢାଞ୍ଚାଗତ ସଂସ୍କାର ଜରିଆରେ ଭାରତର କୃଷି କ୍ଷେତ୍ର ୨୦୩୬ ସୁଦ୍ଧା ୧୨୦ ଲକ୍ଷ କୋଟି ଟଙ୍କା ଓ ୨୦୪୭ ସୁଦ୍ଧା ୨୭୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। କିନ୍ତୁ ପ୍ରତିବର୍ଷ ୧.୫ ଲକ୍ଷ କୋଟି ଟଙ୍କାର ଫସଲ ନଷ୍ଟ ହେଉଥିବାରୁ ଏହି ଲକ୍ଷ୍ୟ ହାସଲ କରିବା କଷ୍ଟକର। ଭାରତରେ ଧାନ, ଗହମ ଓ କିଛି ତୈଳବୀଜ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସୁରକ୍ଷା ରହିଛି। କିନ୍ତୁ ଫଳ ଓ ପନିପରିବା ପାଇଁ ସେଭଳି କିଛି ସୁରକ୍ଷା ନାହିଁ। ତେଣୁ ଏହି କ୍ଷତିକୁ ରୋକିବା ଲାଗି ଏମ୍‌ଏସ୍‌ପିକୁ ଲାଗୁ କରିବା ଏକପ୍ରକାର ବାଧ୍ୟତାମୂଳକ ହୋଇପଡ଼ିଛି। ଏହି ଦୁଇ ପ୍ରକାର ଫସଲ ପାଇଁ ପ୍ରକ୍ରିୟାକରଣ ୟୁନିଟ୍ ଓ ସମବାୟ ଆନ୍ଦୋଳନର ଆବଶ୍ୟକତା ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଛନ୍ତି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦.୧୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୦,୦୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୦୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୯୫୦ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୯ ୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୧, ୦୦,୦୫୦ ଓ ୯୧ ହଜାର ୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୬ ,୦୦୦ ଟଙ୍କା ହୋଇଛି।

## ଇପିଏଫ୍‌ଓରେ ଆସିଲା ନୂଆ ନିୟମ

# ଆକାଉଣ୍ଟ ଥିଲେ ପରିବାରକୁ ମିଳିବ ୫୦ ହଜାର



**ନୂଆଦିଲ୍ଲୀ,୨୧।୭:** ଇପିଏଫ୍ ଆକାଉଣ୍ଟଧାରୀଙ୍କ ପାଇଁ ଏକ ଖୁସି ଖବର ଆସିଛି। ଇପିଏଫଓ ନିୟମରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ଇପିଏଫ୍ ଆକାଉଣ୍ଟ ଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ପରିବାରକୁ ୫୦ ହଜାର ଟଙ୍କା ମିଳିବ। ଇପିଏଫଓର ଏମ୍ପ୍ଲୋଇସ୍ ଡିପୋଜିଟ୍ ଲିଙ୍କଡ୍ ଇନ୍ସୁରାନ୍ସ ଯୋଜନାର ନିୟମରେ ବଡ଼ ପରିବର୍ତ୍ତନ କରିଛି ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ। ଯଦି ଜଣେ କର୍ମଚାରୀଙ୍କ ପିଏଫ୍ ବାଲାନ୍ସ ୫୦,୦୦୦ ରୁ କମ୍ ଥାଏ, ତେବେ ତାଙ୍କ ମୃତ୍ୟୁ ପରେ କର୍ମଚାରୀଙ୍କ ପରିବାରକୁ ଅତି କମରେ ୫୦,୦୦୦ ର ବୀମା ଲାଭ ମିଳିବ। ଇପିଏଫଓ ନିୟମ ଆନୁସାରେ, ପୂର୍ବରୁ ଏହି ଲାଭ ପାଇବା ପାଇଁ କର୍ମଚାରୀଙ୍କ ଆକାଉଣ୍ଟରେ ନିର୍ଦ୍ଦିଷ୍ଟ ବାଲାନ୍ସ ରହିବା ଆବଶ୍ୟକ ଥିଲା, କିନ୍ତୁ ବର୍ତ୍ତମାନ ଏହି ସର୍ତ୍ତକୁ ହଟାଇ ଦିଆଯାଇଛି। ଏହା କର୍ମଚାରୀମାନଙ୍କୁ ଲାଭ ଦେବ ଯେଉଁମାନେ କମ୍ ଦରମା କ୍ଷେତ୍ରରେ କାମ କରୁଛନ୍ତି। କେବଳ ଏତିକି ନୁହେଁ, ଚାକିରି ସମୟରେ ଶେଷ ପିଏଫ ଅବଦାନର ୬ ମାସ ମଧ୍ୟରେ ଯଦି ଜଣେ କର୍ମଚାରୀଙ୍କ ମୃତ୍ୟୁ ହୁଏ ତେବେ ଏହି ଯୋଜନା ଅନୁଯାୟୀ ପରିବାରକୁ ମଧ ବୀମା ରାଶି ଦିଆଯିବ। ଏହା ବ୍ୟତୀତ, ଏବେ ୧୨ ମାସର ନିରନ୍ତର ସେବା ଗଣନା କରିବା ସମୟରେ, ଯଦି ଜଣେ କର୍ମଚାରୀଙ୍କ ଦୁଇଟି ଚାକିରି ମଧ୍ୟରେ ୬୦ ଦିନ ବ୍ୟବଧାନ ଥାଏ, ତେବେ ଏହାକୁ ଆଉ ବିରତି ଭାବରେ ବିବେଚନା କରାଯିବ ନାହିଁ। ବୀମାର ସମ୍ପୂର୍ଣ୍ଣ ଲାଭ ମିଳିବ। ଏହି ପରିବର୍ତ୍ତନ ଦ୍ୱାରା ସରକାର କର୍ମଚାରୀମାନଙ୍କୁ କେବଳ ସଞ୍ଚୟ କରିବାର ସୁଯୋଗ ଦେବା ପାଇଁ ନୁହେଁ, ବରଂ ଅସୁବିଧା ସମୟରେ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚେଷ୍ଟା କରୁଛନ୍ତି। ଏହା କର୍ମଚାରୀମାନଙ୍କୁ ମାନସିକ ଶାନ୍ତି ଏବଂ ସେମାନଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବ।

## ଆମେରିକାର ଟି-ମୋବାଇଲକୁ ପଛରେ ପକାଇ ବିଶ୍ୱରେ ଏକ ନମ୍ବର ହେଲା ଜିଓ

ମୁମ୍ବାଇ, ୨୧।୭: ରିଲାଏନ୍ସ ଜିଓ ଏଫଡବ୍ଲୁଏ ବା ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ସେବା କ୍ଷେତ୍ରରେ ବିଶ୍ୱର ଏକ ନମ୍ବର କମ୍ପାନୀ ହୋଇଛି। ୭୪ ଲକ୍ଷରୁ ଅଧିକ ଗ୍ରାହକ ଜିଓର ଏଫଡବ୍ଲୁଏ ସେବା ସହିତ ଯୋଡି ହୋଇଛନ୍ତି, ଯାହା ବିଶ୍ୱରେ ସର୍ବାଧିକ। ରିଲାଏନ୍ସ ଜିଓ ଏବେ ଆମେରିକାର ଟି-ମୋବାଇଲ କମ୍ପାନୀକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ରିଲାଏନ୍ସ ଜିଓ ଏଫଡବ୍ଲୁଏ ଅର୍ଥାତ୍ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ଅଧୀନରେ ଜିଓଏୟାରଫାଇବର ସେବା ପ୍ରଦାନ କରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ କମ୍ପାନୀର ତ୍ରୈମାସିକ ଫଳାଫଳ ଘୋଷଣା ଅବସରରେ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଜିଓଏୟାରଫାଇବର ସହିତ ଜିଓଫାଇବର ମଧ ବେଶ ଭଲ ପ୍ରଦର୍ଶନ କରୁଛି। ଜିଓ ଦୁଇ କୋଟିରୁ ଅଧିକ ଘର ଓ ପରିସରକୁ ହାଇସ୍ପିଡ଼ ହୋମ ବ୍ରଡ଼ବ୍ୟାଣ୍ଡ ସଂଯୋଗ କରିଛି। କମ୍ପାନୀ ୫ଜି କ୍ଷେତ୍ରରେ ମଧ ବେଶ ଦ୍ରୁତ ଗତିରେ ଗ୍ରାହକ ଯୋଡିଛି। ୨୧ କୋଟି ୩୦ ଲକ୍ଷରୁ ଅଧିକ ଗ୍ରାହକ ଜିଓ ଟ୍ରୁ ୫ଜି ନେଟୱାର୍କ ସହିତ ସଂଯୁକ୍ତ ହୋଇଛନ୍ତି। ଆର୍ଥିକ ପ୍ରଦର୍ଶନରେ ମଧ କମ୍ପାନୀ ଅନେକ ରେକର୍ଡ ସ୍ଥାପନ କରିଛି। ଜିଓର ଗ୍ରାହକ ପିଛା ମାସିକ ହାରାହାରି ରାଜସ୍ୱ ୨୦୮.୭ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ, କମ୍ପାନୀର ତ୍ରୈମାସିକ ନେଟ୍ ଲାଭ ଗତ ବର୍ଷ ତୁଳନାରେ ୨୪.୮ ପ୍ରତିଶତ ବୃଦ୍ଧି ପାଇ ୭,୧୧୦ କୋଟି ଟଙ୍କାରେ ପହଞ୍ଚିଛି।


## ଡିଜିଟାଲ୍ ପେମେଣ୍ଟ୍‌ରେ ଭାରତ ଏକ ନମ୍ବର




ନୂଆଦିଲ୍ଲୀ, ୨୧।୭: ଦ୍ରୁତ ଓ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ୍‌ରେ ଭାରତ ସମଗ୍ର ବିଶ୍ୱରେ ଶୀର୍ଷ ସ୍ଥାନ ହାସଲ କରିଛି। ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (ୟୁପିଆଇ)ର ଗ୍ରହଣୀୟତା ଓ ବ୍ୟବହାରରେ ବୃଦ୍ଧି ଭାରତକୁ ଏହି ମୁକୁଟ ପ୍ରଦାନ କରିଛି। ନ୍ୟାସନାଲ୍ ପେମେଣ୍ଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ୨୦୧୬ରେ ୟୁପିଆଇ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହା ଡିଜିଟାଲ୍ ପେମେଣ୍ଟ୍ କାରବାରରେ ସବୁଠୁ ସରଳ ଓ ଲୋକପ୍ରିୟ ମାଧ୍ୟମରେ ପରିଣତ ହୋଇଛି। ୟୁପିଆଇ ଜରିଆରେ ଲୋକମାନେ ଗୋଟିଏ ମୋବାଇଲ୍ ଆପ୍‌ରେ ନିଜର ଏକାଧିକ ବ୍ୟାଙ୍କ ଖାତାକୁ ଯୋଡ଼ିପାରୁଛନ୍ତି। ଏନ୍‌ପିସିଆଇ ଅନୁସାରେ ପ୍ରତି ମାସରେ ୧୮୦୦ କୋଟିରୁ ଅଧିକ ଥର ୟୁପିଆଇ କାରବାର ହେଉଛି। ଗତ ଜୁନ୍‌ରେ ୨୪.୦୩ ଲକ୍ଷ କୋଟି ଟଙ୍କାର ୧୮୩୯ କୋଟି ୟୁପିଆଇ କାରବାର ହୋଇଥିଲା। ୨୦୨୪ ଜୁନ୍‌ରେ ହୋଇଥିବା କାରବାର ତୁଳନାରେ ତାହା ୩୨ ପ୍ରତିଶତ ଅଧିକ। ୟୁପିଆଇ ଭାରତକୁ ନଗଦ ରାଶି ଓ କାର୍ଡ ଭିତ୍ତିକ ଅର୍ଥନୀତିରୁ ବାହାର କରି ଏକ ଡିଜିଟାଲ୍ ସଶକ୍ତ ଅର୍ଥନୀତିରେ ପରିଣତ କରିଛି। କେବଳ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ନୁହେଁ, ଏହାକୁ ଛୋଟମୋଟ ଦୋକାନୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ବ୍ୟବହାର କରୁଛନ୍ତି। ଭାରତରେ ହେଉଥିବା ଡିଜିଟାଲ୍ ପେମେଣ୍ଟଗୁଡ଼ିକ ମଧ୍ୟରୁ ୮୬ ପ୍ରତିଶତ ୟୁପିଆଇ ଜରିଆରେ ହେଉଛି। ୪୯.୧ କୋଟି ବ୍ୟବହାରକାରୀ, ୬.୫ କୋଟି ବ୍ୟବସାୟୀ ଓ ୬୭୫ ବ୍ୟାଙ୍କ ୟୁପିଆଇରେ ଯୋଡ଼ିହୋଇଛନ୍ତି। କେବଳ ଦେଶ ଭିତରେ ନୁହେଁ, ବିଦେଶରେ ମଧ ୟୁପିଆଇ ପ୍ରାୟ ୫୦ ପ୍ରତିଶତ ବାସ୍ତବ ସମୟ ଡିଜିଟାଲ୍ ପେମେଣ୍ଟ୍ ସମ୍ଭାଳୁଛି। ଭାରତରେ ପ୍ରସ୍ତୁତ କରାଯାଇଥିବା ଏହି ସମାଧାନ ଏବେ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଓ ମରିସସ୍‌ରେ ମଧ ବ୍ୟବହୃତ ହେଉଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।



# ଟାଟାର ନୂଆ 'ହାରିୟର.ଇଭି'




ଭୁବନେଶ୍ୱର, ୨୧।୭: ସାମନ୍ତରାପୁରସ୍ଥିତ ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍‌ସ ଓ ଟାଟା ଇଭିର ସ୍ୱୀକୃତିପ୍ରାପ୍ତ ଡିଲର୍‌ସିପ୍ ଡିଅନ୍ ଅଟୋମୋଟିଭ୍‌ରେ ଟାଟା ହାରିୟର୍.ଇଭିକୁ ଉନ୍ମୋଚନ କରାଯାଇଛି। ଏହା ହେଉଛି ଏକମାତ୍ର ଡିଲର୍‌ସିପ୍ ଯେଉଁଠାରେ ଗ୍ରାହକମାନେ ଟାଟା ମୋଟର୍ସର ସମସ୍ତ ପେଟ୍ରୋଲ୍, ଡିଜେଲ୍, ସିଏନ୍‌ଜି ଓ ଇଲେକ୍ଟ୍ରିକ୍ ମଡେଲ୍ ପାଇପାରିବେ। ୫-ଷ୍ଟାର୍ ବିଏନ୍‌ସିଏପି ମାନର ବଡି ଢାଞ୍ଚା ଓ ଲେବଲ୍ ୨ ଏଡିଏଏସ୍‌ର ବୁଦ୍ଧିମତା ସହ ଏହାକୁ ଏଭଳି ଢଙ୍ଗରେ ପ୍ରସ୍ତୁତ କରାଯାଇଛି ଯାହା ତତ୍କାଳ ଟର୍କ ପ୍ରଦାନ କରୁଥିବା ବେଳେ ସହରାଞ୍ଚଳ ହେଉ କିମ୍ବା ପ୍ରାକୃତିକ ଅଞ୍ଚଳ, ସବୁ ଜାଗାରେ ତାହା ଚମତ୍କାର ପ୍ରଦର୍ଶନ କରୁଛି। ନୂଆ ହାରିୟର.ଇଭିକୁ ପରିବହନ କମିସନର ଅମିତାଭ ଠାକୁର, ଭୁବନେଶ୍ୱରର ଆର୍‌ଟିଓ-୧ ବିକାଶ ଚନ୍ଦ୍ର ଚୌଧୁରୀ ଅତିଥି ଭାବେ ଯୋଗଦେଇ ହାରିୟର. ଇଭି ଉନ୍ମୋଚନ କରିଥିଲେ। ଏହି ଅବସରରେ କମ୍ପାନି ପ୍ରତିନିଧି ଶୈଳେଶ ରାଏ, ହର୍ଷ ରାଜ, ରମେଶ ଦେ, ରାମପୁରୀ ଭାମ୍‌ସି, ରାହୁଲ ତ୍ରିପାଠୀ ଏବଂ ଡିଅନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ମନୋଜ କୁମାର ସାହୁ, ସିଇଓ ସତ୍ୟମ ପଟ୍ଟନାୟକ ଓ ବିକ୍ରି ମୁଖ୍ୟ ସନ୍ଦୀପ କାନୁନ୍‌ଗୋ ଉପସ୍ଥିତ ଥିଲେ। ଏହି ଅବସରରେ ପରିବହନ କମିସନର ଶ୍ରୀ ଠାକୁର କହିଥିଲେ ଯେ ସବୁ ବର୍ଗରେ ଓଡ଼ିଶାରେ ଇଭି ଗ୍ରହଣୀୟତାରେ ଉଲ୍ଲେଖନୀୟ ଉତ୍ସାହ ରହିଛି। ଡିଅନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଶ୍ରୀ ସାହୁ କହିଥିଲେ ଯେ ଇଲେକ୍ଟ୍ରିକ୍ ଯାନ ପାଇଁ ତ୍ରିନାଥ ରଥଙ୍କ ନେତୃତ୍ୱରେ ଆମର ଏକ ଉତ୍ସର୍ଗୀକୃତ ଟିମ୍ ରହିଛି।

## 'ଯୁବୋଦୟ'ର ଆଚିଭର୍ସ ମିଟ୍

**ଭୁବନେଶ୍ୱର, ୨୧।୭(ସଂଚାର ବ୍ୟୁରୋ):** ନିଟ୍ ଓ ଜେଇଇ ୨୦୨୫ରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଯୁବୋଦୟ ପକ୍ଷରୁ ଆଚିଭର୍ସ ମିଟ୍ ଆୟୋଜନ କରାଯାଇଥିଲା। ଏହି ଦୁଇ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ସମେତ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ଜଷ୍ଟିସ୍ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଅନ୍ତର୍ଜାତୀୟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଡ. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡ. ଶିଶୁ ଶଙ୍କର ମିଶ୍ର ଓ ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ସମର୍ପଣ ଭାବ ନେଇ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ସେମାନେ ଯୁବ ପ୍ରତିଭାମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବୋଦୟର ଅଧ୍ୟକ୍ଷ ଡ. ଅଭିରାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ମିତ୍ରବିନ୍ଦା ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ପ୍ରତିବର୍ଷ ଯୁବୋଦୟରୁ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏମ୍ସ ଓ ପ୍ରତିଷ୍ଠିତ ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ନାମ ଲେଖାଇବା ପାଇଁ ଚୟନ ହେଉଛନ୍ତି। ସେହି ଧାରା ବଜାୟ ରଖି ଚଳିତ ବର୍ଷ ମଧ ୧୨୦ରୁ ଅଧିକ ଛାତ୍ରଛାତ୍ରୀ ସରକାରୀ ମେଡିକାଲ୍ କଲେଜ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୁବୋଦୟର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ମଧ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ ଅଧ୍ୟୟନ ଓ ବୈଷୟିକ ଶିକ୍ଷା ପାଇଁ ଯୁବୋଦୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



## ପିଲାଙ୍କ ପାଇଁ ଏଆଇ ଆପ୍ ଆଣିବେ ମସ୍କ

ନୂଆଦିଲ୍ଲୀ, ୨୧।୭: ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କ ଛୋଟ ପିଲାମାନଙ୍କ ଲାଗି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମାଧାନ ଆଣିବେ ବୋଲି ଘୋଷଣା କରିଛନ୍ତି। ତାଙ୍କ ଏଆଇ କମ୍ପାନି 'ଏକ୍ସଏଆଇ'ର ପୂର୍ବରୁ 'ଗ୍ରୋକ୍' ନାମରେ ଚାଟ୍‌ବଟ୍ ରହିଛି ଯାହା ତାଙ୍କ ନିଜ ସୋସିଆଲ ମିଡିଆ 'ଏକ୍ସ' (ପୂର୍ବରୁ ଟ୍ୱିଟର୍) ଏବଂ ସ୍ୱାଧୀନ ଆପ୍ ଭାବେ ଉପଲବ୍ଧ ହେଉଛି। ସେହି ଗ୍ରୋକ୍‌ର ଶିଶୁ ଭର୍ସନ ଆଣିବାକୁ ସେ ଘୋଷଣା କରିଛନ୍ତି। ବେବି ଗ୍ରୋକ୍ ନାମକ ଏହି ଚାଟ୍‌ବଟ୍ ହେଉଛି ଶିଶୁମାନଙ୍କୁ ସୁହାଇବା ଭଳି ଏକ ଆପ୍। ଏଥିରେ ସେମାନଙ୍କ ପାଇଁ ନିରାପଦ ଓ ଶିକ୍ଷଣୀୟ ବିଷୟ ରହିବ।

## ଗାଡ଼ି ରପ୍ତାନିରେ ୨୨% ବୃଦ୍ଧି

ନୂଆଦିଲ୍ଲୀ, ୨୧।୭: ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଗାଡ଼ି ରପ୍ତାନିରେ ୨୨ ପ୍ରତିଶତ ବୃଦ୍ଧି ଘଟିଛି। ଏହି ତିନି ମାସରେ ୧୪ ଲକ୍ଷ ୫୭ ହଜାର ୪୬୧ ଗାଡ଼ି ରପ୍ତାନି କରାଯାଇଛି ଯାହା ପୂର୍ବବର୍ଷ ସେହି ସମୟରେ ୧୧,୯୨,୫୬୬ ଗାଡ଼ି ଥିଲା ବୋଲି ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକ୍‌ଚର୍ସ (ସିଆମ୍) ପକ୍ଷରୁ ସୂଚନା ଦିଆଯାଇଛି। ଆଲୋଚ୍ୟ ତିନି ମାସରେ ୨,୦୪,୩୩୦ଟି କାର୍ ରପ୍ତାନି କରାଯାଇଛି ଯାହା ପୂର୍ବବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ। ମଧ୍ୟପ୍ରାଚ୍ୟ ଓ ଲାଟିନ୍ ଆମେରିକାରେ ଭାରତ ନିର୍ମିତ ଗାଡ଼ି ପାଇଁ ପ୍ରବଳ ଚାହିଦା ରହିଛି। ଶ୍ରୀଲଙ୍କା, ନେପାଳ ଓ ଜାପାନକୁ ମଧ ବହୁ ସଂଖ୍ୟାରେ ଗାଡ଼ି ରପ୍ତାନି କରାଯାଇଛି। ଦେଶର ମୋଟ ଗାଡ଼ି ରପ୍ତାନିରେ କେବଳ ମାରୁତି ସୁଜୁକିର ପ୍ରାୟ ଅଧା ଭାଗ ରହିଛି। ମାରୁତି ୯୬,୧୮୧ଟି ଗାଡ଼ି ରପ୍ତାନି କରିଛି।

# ପ୍ରତ୍ୟେକ ରଙ୍ଗ କିଛି ନା କିଛି କହିଥାଏ

ଭାରତକୁ ପର୍ବପର୍ବାଣୀର ଦେଶ ବୋଲି କୁହାଯାଏ। ଭାରତରେ ଦୁଇଟି ପର୍ବ ସବୁଠାରୁ ଅଧିକ ପାଳନ କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି ଦୀପାବଳି ଓ ଅନ୍ୟଟି ହେଉଛି ହୋଲି। ହୋଲି ପର୍ବ ହେଉଛି ରଙ୍ଗର ପର୍ବ। ଲୋକମାନେ ଏହି ପର୍ବକୁ ଉତ୍ସାହର ସହ ଅପେକ୍ଷା କରିଥାନ୍ତି। ଲୋକମାନେ ନିଜର ସମସ୍ତ ପୁରୁଣା ଅଭିଯୋଗକୁ ଭୁଲି ପରସ୍ପରକୁ ଭଲ ପାଇବା ସହ ହୋଲି ଖେଳିଥାନ୍ତି। ସେମାନେ ପରସ୍ପରକୁ ରଙ୍ଗ କରନ୍ତି। ଧନୀ, ଦାରିଦ୍ର୍ୟ, ଉଚ୍ଚ ଓ ନିମ୍ନ, ସମସ୍ତ ଭେଦଭାବକୁ ଭୁଲି ଲୋକମାନେ ଏକାଠି ହୋଲି ଖେଳନ୍ତି। ହିନ୍ଦୁ ଧର୍ମରେ ମଧ୍ୟ ହୋଲି ପର୍ବର ବହୁତ ମହତ୍ତ୍ୱ ରହିଛି ବୋଲି ବିବେଚନା କରାଯାଏ। ହୋଲି ଦିନ ପ୍ରୟୋଗ କରାଯାଉଥିବା ରଙ୍ଗର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ଆସନ୍ତୁ ଜାଣିବା ହୋଲି ରଙ୍ଗର ମହତ୍ତ୍ୱ କ'ଣ। ଆପଣ କେଉଁ ରଙ୍ଗରେ ଖେଳିବା ଉଚିତ?



### ପିଲାଙ୍କ ଉପରେ ଲାଲ ରଙ୍ଗ ଲଗାନ୍ତୁ

ହୋଲିରେ ଯେଉଁ ରଙ୍ଗ ସବୁଠାରୁ ଅଧିକ ବ୍ୟବହୃତ ହୁଏ ତାହା ହେଉଛି ଲାଲ ରଙ୍ଗ। ଲାଲ ରଙ୍ଗର ଅନେକ ଅର୍ଥ ରହିଛି। ଏହା ଅଭିଳାଷ, ଉତ୍ସାହ, କ୍ରୋଧ, ଉତ୍ସାହ, ବୀରତ୍ୱ ଏବଂ ସାହସର ପ୍ରତୀକ ଅଟେ। ଲାଲ ରଙ୍ଗ ମଧ୍ୟ ପ୍ରେମୀଯୁଗଳଙ୍କୁ ଖୁବ୍ ଆନନ୍ଦଦାୟକ ହୋଇଥାଏ। ନାଲି ରଙ୍ଗର ଗୁଲାଲ ହୋଲିରେ ଶକ୍ତି ପ୍ରଦାନ କରିଥାଏ। ଧାର୍ମିକ ଦୃଷ୍ଟିକୋଣରୁ ହୋଲି ପର୍ବ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏବଂ ଧାର୍ମିକ କାର୍ଯ୍ୟରେ ମଧ୍ୟ ଲାଲ ରଙ୍ଗକୁ ବହୁତ ବ୍ୟବହାର କରାଯାଏ। ହୋଲିରେ ଆପଣ ଛୋଟ ପିଲା ଓ ପିଲାଙ୍କ ଉପରେ ଲାଲ ଗୁଲାଲ ଲଗାଇପାରିବେ।

### ମହିଳାଙ୍କ ଉପରେ ହଳଦିଆ ରଙ୍ଗ ଲଗାନ୍ତୁ

ହଳଦିଆ ରଙ୍ଗକୁ ସୁଖ ଓ ସମ୍ମାନର ପ୍ରତୀକ ବୋଲି ବିବେଚନା କରାଯାଏ। ହୋଲିରେ ଏହି ରଙ୍ଗକୁ ବହୁତ ବ୍ୟବହାର କରାଯାଏ। ହଳଦିଆ ରଙ୍ଗ ଲଗାଇବା ପରେ ଏହା ମୁହଁରେ ବହୁତ ଭଲ ଦେଖାଯାଏ। ତେଣୁ ହଳଦିଆ ରଙ୍ଗର ଗୁଲାଲାକୁ ଘରର ମହିଳାଙ୍କ ଉପରେ ଲଗାଯାଇପାରିବ।

### ବୃଦ୍ଧଙ୍କୁ ସବୁଜ ରଙ୍ଗ ଲଗାନ୍ତୁ

ସବୁଜ ରଙ୍ଗକୁ ଶୀତଳତା, ବିଶ୍ରାମ, ସତେଜତା ଏବଂ ସକାରାତ୍ମକତାର ପ୍ରତୀକ ବୋଲି ବିବେଚନା କରାଯାଏ। ସବୁଜ ରଙ୍ଗ ପ୍ରକୃତି ସହ ମଧ୍ୟ ଜଡ଼ିତ। ଏହି ରଙ୍ଗ ଶାରୀରିକ ଓ ମାନସିକ ଚାପରୁ ମଧ୍ୟ ମୁକ୍ତି ଦେଇଥାଏ। ସବୁଜ ରଙ୍ଗ ମଧ୍ୟ ଭାଗ୍ୟଶାଳୀ ଏବଂ ସମୃଦ୍ଧି ଦେଇଥାଏ ବୋଲି କୁହାଯାଏ। ହୋଲି ପର୍ବରେ ଆପଣ ନିଜ ବଡ଼ ଭାଇ, ସମ୍ପର୍କୀୟ ଏବଂ ଆପଣଙ୍କଠାରୁ ବଡ଼ ବ୍ୟକ୍ତିଙ୍କୁ ସବୁଜ ରଙ୍ଗ ଲଗାଇପାରିବେ। କମଳା ରଙ୍ଗକୁ ସୁଖ ଓ ସୌହାର୍ଦ୍ଦ୍ୟର ପ୍ରତୀକ ବୋଲି କୁହାଯାଏ। ହୋଲି ଦିନ ଅନେକ ଲୋକ ପରସ୍ପର ଉପରେ କମଳା ରଙ୍ଗର ଗୁଲାଲ ଲଗାନ୍ତି। ଆପଣ ନିଜର ଘନିଷ୍ଠ ବନ୍ଧୁ ଏବଂ ଆପଣଙ୍କ ଘନିଷ୍ଠ ପରିବାରକୁ କମଳା ଗୁଲାଲ ଲଗାଇପାରିବେ, ଏହା ସମ୍ପର୍କରେ ସାମାଜିକତା ଏବଂ ଖୁସି ବଢ଼ାଇଥାଏ।

# ସଫଳତାର ଚିହ୍ନ



ହାତର ଏହି ଚିହ୍ନ ଯୋଗୁଁ ବଦଳିଥାଏ ଭବିଷ୍ୟ, ମିଳିଥାଏ ଅନେକ ସଫଳତା। ଆମ ଭବିଷ୍ୟ ବିଷୟରେ ଅନେକ କିଛି ସଂକେତ ଦେଇଥାଏ। ବର୍ତ୍ତମାନ ଆସନ୍ତୁ ଜାଣିବା ହାତରେ ଥିବା ଏହି ବିଶେଷ ଚିହ୍ନ ବିଷୟରେ...

**ପାପୁଲିରେ ହାତି ଚିହ୍ନ:** ହସ୍ତରେଖା ଶାସ୍ତ୍ର ଅନୁଯାୟୀ ଯଦି ଜଣେ ବ୍ୟକ୍ତିଙ୍କ ପାପୁଲିରେ ହାତୀ ଚିହ୍ନ ଥାଏ, ତେବେ ସେହି ବ୍ୟକ୍ତିଙ୍କ ବୁଦ୍ଧି ତୀକ୍ଷ୍ଣ ହୋଇଥାଏ। ଏହିପରି ଲୋକମାନେ ଭାଗ୍ୟର ପୂର୍ଣ୍ଣ ସମର୍ଥନ ପାଆନ୍ତି। ଏତତ୍ ବ୍ୟତୀତ ଏହି ବ୍ୟକ୍ତିମାନେ ବ୍ୟବସାୟ ମାଧ୍ୟମରେ ସର୍ବଦା ଲାଭରେ ରହିଥାନ୍ତି। ହାତରେ ହାତୀ ଚିହ୍ନ ଥିବା ବ୍ୟକ୍ତିମାନେ ଏକ ସୁଖମୟ ଜୀବନଯାପନ କରନ୍ତି।

**ମାଛ ଚିହ୍ନ:** ହାତରେ ମାଛ ଚିହ୍ନ ବହୁତ ଶୁଭ ହୋଇଥାଏ। ଏଥିସହିତ ଏହି ବ୍ୟକ୍ତିଙ୍କ ଭାଗ୍ୟରେ ବିଦେଶ ଭ୍ରମଣର ସମ୍ଭାବନା ରହିଛି। ଏହିପରି ଲୋକମାନେ ଧନୀ ଏବଂ ସୁଖମୟ ଜୀବନଯାପନ କରନ୍ତି।

**ସ୍ୱସ୍ତିକ ଚିହ୍ନ:** ହସ୍ତରେଖା ଶାସ୍ତ୍ର ଅନୁଯାୟୀ ହାତରେ ଥିବା ସ୍ୱସ୍ତିକ ଚିହ୍ନ ଭାଗ୍ୟ ସହିତ ସଂଯୋଗ କରିଥାଏ। ଏପରି ଚିହ୍ନ ଥିବା ବ୍ୟକ୍ତିମାନେ ଶିକ୍ଷା କ୍ଷେତ୍ରରେ ଏକ ଭଲ କ୍ୟାରିୟର କରନ୍ତି। ଏହିପରି ଲୋକମାନେ ତାଙ୍କ ଜୀବନରେ ବହୁତ ସମ୍ମାନ ପାଆନ୍ତି। ହାତରେ ଥିବା ଏହି ଚିହ୍ନର ଲୋକମାନେ ଏକ ଉଚ୍ଚ ସ୍ଥାନରେ ବସିଛନ୍ତି।

**ଜାହାଜ ଚିହ୍ନ:** ଯଦି କୌଣସି ବ୍ୟକ୍ତିର ହାତରେ ଜାହାଜର ଚିହ୍ନ ଥାଏ, ତେବେ ସେ ଭାଗ୍ୟବାନ ହୋଇଥାନ୍ତି। ଏହି ବ୍ୟକ୍ତିମାନଙ୍କ ଧନ ଏବଂ ଖାଦ୍ୟରେ କେବେବି ଅଭାବ ରହିନଥାଏ। ଏହି ବ୍ୟକ୍ତିମାନେ ତାଙ୍କ ଜୀବନରେ ବହୁତ ଉନ୍ନତି କରିବା ସହ ସଫଳତାର ଶିର୍ଷରେ ପହଞ୍ଚିଥାନ୍ତି।

**ହାତରେ ସୂର୍ଯ୍ୟ ଚିହ୍ନ:** ହସ୍ତରେଖା ଶାସ୍ତ୍ର ଅନୁସାରେ ପାପୁଲିରେ ଥିବା ସୂର୍ଯ୍ୟ ଚିହ୍ନ ବହୁତ ଶୁଭ ବୋଲି ବିବେଚନା କରାଯାଏ। ଏହିପରି ଲୋକମାନେ ସେମାନଙ୍କ ଜୀବନରେ ଧନୀ ହୋଇଥାନ୍ତି। ସେମାନଙ୍କ ଜୀବନରେ କୌଣସି ପ୍ରତିବନ୍ଧକ ନଥାଏ ଏବଂ ସେମାନଙ୍କ ଜୀବନ ଖୁସିରେ ବିତାଇଥାଏ।

# ମୁଖ୍ୟଦ୍ୱାରରେ ଶୁଭ କଳସ ରଖୁଛନ୍ତି କି?



କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକରି ଯିବାଦ୍ୱାରା କାର୍ଯ୍ୟସିଦ୍ଧି ହୋଇଥାଏ।। ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଜାଣିରଖନ୍ତୁ। ମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ। ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡ଼ିପାରୁଥିବ। ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ।

# ନେଚର ଥେରାପିର ଫାଇଦା


ଆୟୁର୍ବେଦ ରେ ଅନେକ ରୋଗର ଚିକିତ୍ସା ଅଲଗା ଅଲଗା ଭାବରେ କରାଯାଇ ଥାଏ। ଏଥିରେ ଗୋଟିଏ ହେଉଛି ନସ୍ୟ ଉପଚାର ବିଧି ଆୟୁର୍ବେଦ ଉପଚାର ରେ ଏହି ଉପାୟ ଅଟେ। -ଇମ୍ୟୁନ ଡିସ ଅର୍ଡର ରେ ଖୁବ ସାହାଯ୍ୟ କରିଥାଏ। ଏହାଦ୍ୱାରା ଥାଇରଏଡ, ରିଯୁମାଟିଯିମ, ଆର୍ଥ୍ରାଇଟିସ , ମଲ୍ଟିପୁଲ ଅର୍ଗାନ ଡ୍ୟାମେଜ ସମସ୍ୟା ରୁ ଆରାମ ମିଳିଥାଏ। ଆୟୁର୍ବେଦ ଅନୁସାରେ ନସ୍ୟ ଉପଚାର ବିଧି ରେ ବିଶେଷ ଭାବେ ଆୟୁର୍ବେଦ ତୈଳ କିମ୍ବା ଘିଅ ର ବ୍ୟବହାର ହୋଇଥାଏ।

### ଆସନ୍ତୁ ଜାଣିବା ନସ୍ୟ କ୍ରିୟା କଣ

ଯେଉଁ ଲୋକମାନେ ସବୁବେଳେ ମାନସିକ ଚିନ୍ତାରେ ରହି ଥାଆନ୍ତି ସେମାନେ ମାନସିକ ସମସ୍ୟା ରେ ପୀଡିତ ହୋଇ ଥାଆନ୍ତି। ବାରମ୍ବାର ମୁଣ୍ଡ ବିନ୍ଧିବା, ଏବଂ ଅଧିକ ଗରମ ଲାଗିବା, କୌଣସି ଜିନିଷ ଉପରେ ଫୋକସ କରିପାରନ୍ତି ନାହିଁ, ଚକ୍ଷୁ ସମସ୍ୟା ହୋଇଥାଏ, ଶୁଣିବାରେ ବାଧା ଆସିଥାଏ, ଠିକ ଭାବରେ ନିଦ ହୋଇ ନଥାଏ, ସେମାନଙ୍କ ପାଇଁ ଏହି କ୍ରିୟା ଖୁବ ଆବଶ୍ୟକ।

### ନେଚର ଥେରାପି କ୍ରିୟା କିପରି ହୋଇଥାଏ ?

ଆୟୁର୍ବେଦ ଚିକିତ୍ସକ ଙ୍କ ମତ ଅନୁସାରେ, ଶୋଇବା ସମୟରେ ୨ ନାକ ରେ ଗାଈ ଘିଅ ମାତ୍ର ୨ ବୁନ୍ଦା ପକାନ୍ତୁ। କିନ୍ତୁ ଏହି ଘିଅ ତରଳ ଓ ଉଷୁମ ହୋଇଥିବା ଜରୁରୀ। ଆପଣ ଏହାକୁ କୌଣସି ତୁଳା , ଡ୍ରପର ସାହାଯ୍ୟ ରେ ନିଜ ନାକରେ ନିୟମିତ ପକାନ୍ତୁ। ଏହି ନସ୍ୟ କ୍ରିୟା ଶାରୀରିକ ଓ ମାନସିକ ଭାବରେ ଅନେକ ସମସ୍ୟା ଦୂର କରିଥାଏ।



# ଟିକି ମାଛର ତୀବ୍ର ଗର୍ଜନ


ଏକ କ୍ଷୁଦ୍ର ସ୍ୱଚ୍ଛ ମାଛ କଂକ୍ରିଟଖୋଳା ଯନ୍ତ୍ର ପରି ଭୀଷଣ ଶବ୍ଦ କରୁଥିବା ବର୍ଲିନ୍‌ର ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି। 'ଡାନିଓନେଲା ସେରେବ୍ରମ୍' ପ୍ରଜାତିର ଏହି ମାଛକୁ ସେମାନେ ପରୀକ୍ଷାଗାରରେ ଅନୁଧ୍ୟାନ କରିଥିଲେ। ଉକ୍ତ ମାଛ ଦେହରେ ଥିବା ଏକ ଭାସମାନ ଥଳି ପିଟି ହୋଇ ସେଥିରୁ ନିର୍ଗତ ହେଉଥିବା ଏକ ଶକ୍ତ ତରଙ୍ଗ ହିଁ ଏପରି ତୀବ୍ର ଶବ୍ଦ କରେ ବୋଲି ଜଣାପଡ଼ିଛି। ଉକ୍ତ ମାଛ ୧୪୦ ଡେସିବେଲ୍ ତୀବ୍ରତାର ଶବ୍ଦ ସୃଷ୍ଟି କରେ, ଯାହା ବନ୍ଧୁକରେ ଗୁଳି ଫୁଟିବା ଶବ୍ଦ ସହ ସମାନ! ୧୨ ମିଲିମିଟର ଲମ୍ବ ବିଶିଷ୍ଟ ଏହି କ୍ଷୁଦ୍ର ମାଛଟି ତାହା ଆକାରର ପ୍ରଜାତିଙ୍କ ଭିତରେ ସବୁଠୁ ଗର୍ଜନଶୀଳ ବୋଲି ଜଣାପଡ଼ିଛି। ସାଧାରଣତଃ ସ୍ଥଳଭାଗରେ ବିଚରଣ କରୁଥିବା ଜୀବମାନଙ୍କର ଶରୀର ଆକାର ଅନୁପାତରେ ସେମାନଙ୍କର ଗର୍ଜନ ଅଧିକ ତୀବ୍ର ହୋଇଥାଏ। ମାତ୍ର ଜଳଚରଙ୍କ କ୍ଷେତ୍ରରେ ଏହାର ବିପରୀତ ଦେଖିବାକୁ ମିଳିଛି। ଆଉ ଏକ ଗର୍ଜନଶୀଳ କ୍ଷୁଦ୍ର ଜଳଚର ହେଉଛି 'ପିସ୍ତଲ ଚିଙ୍ଗୁଡ଼ି', ଯିଏ ଶିକାର କଲା ବେଳେ ୨୦୦ ଡେସିବେଲ୍ ତୀବ୍ରତାର ଶବ୍ଦ ଛାଡ଼ିଥାଏ। ପ୍ରତ୍ୟେକ ଅସ୍ଥିଳ ମାଛର ଏପରି ପବନଭର୍ତ୍ତି ଭାସମାନ ଥଳି ରହିଥାଏ, ଯାହା ସେମାନଙ୍କୁ ପାଣି ଭିତରେ ଭାସିବାରେ ସାହାଯ୍ୟ କରିଥାଏ। ଅନେକ ପ୍ରଜାତିର ମାଛ ନିଜ ମାଂସପେଶୀ ଦ୍ୱାରା ଏହି ଥଳିକୁ ଆଘାତ କରି ଏପରି ଶବ୍ଦ ବାହାର କରିଥା'ନ୍ତି। ମାତ୍ର ଡାନିଓନେଲାର ଥଳିରୁ ଏକ ଜଟିଳ ପ୍ରକ୍ରିୟାରେ ଏପରି ଭୀଷଣ ଗର୍ଜନ ବାହାରିଥାଏ। କେବଳ ପୁରୁଷ ଡାନିଓନେଲା ହିଁ ଏପରି ଶବ୍ଦ କରିବାକୁ ସକ୍ଷମ ବୋଲି ଗବେଷକମାନେ ଜାଣି ପାରିଛନ୍ତି।

> ମାତ୍ର ୧୨ ମିଲିମିଟର ଲମ୍ବ ବିଶିଷ୍ଟ ଏହି କ୍ଷୁଦ୍ର ମାଛଟି ୧୪୦ ଡେସିବେଲ୍ ତୀବ୍ରତାର ଶବ୍ଦ ସୃଷ୍ଟି କରେ, ଯାହା ବନ୍ଧୁକରେ ଗୁଳି ଫୁଟିବା ଶବ୍ଦ ସହ ସମାନ!



# ବିଭାଜନ ପରେ ଭାରତ ଆସିଥିବା ଫିଲ୍ମ ଷ୍ଟାର

ଡିସେମ୍ବର ୧୯୨୨ରେ ପେଶାୱାରରେ ଜନ୍ମଗ୍ରହଣ କରିଥିବା ଦିଲୀପ କୁମାର (ପ୍ରକୃତ ନାମ ମହମ୍ମଦ ୟୁସୁଫ ଖାନ) ତାଙ୍କର ପ୍ରଥମ ୧୨ ବର୍ଷ ପେଶାୱାରରେ ଥିବା ଘରେ ବିତାଇଥିଲେ। ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଅନେକ ପ୍ରସିଦ୍ଧ ଅଭିନେତା, ଲେଖକ, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ ଅଛନ୍ତି, ଯେଉଁମାନେ ଅବିଭକ୍ତ ଭାରତର ସେହି ଅଂଶରେ ଜନ୍ମଗ୍ରହଣ କରିଥିଲେ ଯାହାକୁ ଆଜି ପାକିସ୍ତାନ କୁହାଯାଏ, କିନ୍ତୁ ସେମାନେ ବିଭାଜନ ସମୟରେ କିମ୍ବା ଏହା ପୂର୍ବରୁ ଭାରତକୁ ଆସିଥିଲେ।



### ପୃଥ୍ୱୀରାଜ କପୁର

ହିନ୍ଦୀ ସିନେମାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଅଳ୍ପ କିଛି ଲୋକଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପୃଥ୍ୱୀରାଜ କପୁର, ନଭେମ୍ବର ୧୯୦୬ରେ ପାକିସ୍ତାନର ଲୟାଲପୁର (ବର୍ତ୍ତମାନ ଫୈସଲାବାଦ) ରେ ପୋଲିସରେ ସବ୍-ଇନ୍ସପେକ୍ଟର ଥିବା ଦିୱାନ ବସବେଶ୍ୱର ନାଥ କପୁରଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ସ୍ୱପ୍ନ ଥିଲା ଅଭିନେତା ହେବା। ଏହି କାରଣରୁ ପୃଥ୍ୱୀରାଜ ୧୯୨୯ମସିହାରେ ତାଙ୍କ ପରିବାର ସହ ମୁମ୍ବାଇ ଆସିଥିଲେ। ପୃଥ୍ୱୀରାଜ କପୁରଙ୍କ ତିନି ପୁଅ ରାଜ କପୁର, ଶମ୍ମି କପୁର ଏବଂ ଶଶି କପୁର ମଧ୍ୟ ଫିଲ୍ମରେ ପ୍ରସିଦ୍ଧ ଥିଲେ।


### ରାଜ କପୁର




ପ୍ରଖ୍ୟାତ ଭାରତୀୟ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ରାଜ କପୁର ୧୪ ଡିସେମ୍ବର ୧୯୨୪ରେ ପାକିସ୍ତାନର ପେଶାୱାରରେ ଜନ୍ମଗ୍ରହଣ କରିଥିଲେ। ପାକିସ୍ତାନରେ ଜନ୍ମ ହୋଇଥିଲେ ମଧ୍ୟ ରାଜ କପୁର ୧୯୨୯ମସିହାରେ ନିଜ ପରିବାର ସହ ଭାରତ ଆସିଥିଲେ ଏବଂ ବଲିଉଡରେ ତାଙ୍କର ଅବଦାନ ପାଇଁ ଜଣାଶୁଣା ବଲିଉଡରେ ଏକ ଆଇକନିକ ବ୍ୟକ୍ତିତ୍ୱ ପାଲଟି ଯାଇଥିଲେ।

### ସୁନୀଲ ଦତ୍ତ

ସୁନୀଲ ଦତ୍ତ ଅବିଭକ୍ତ ଭାରତର ଝେଲମ ଜିଲ୍ଲାର ଖୋର୍ଦ୍ଦ ଗ୍ରାମରେ ୧୯୨୯ ମସିହା ଜୁନ୍ ମାସରେ ଜନ୍ମଗ୍ରହଣ କରିଥିଲେ। ୨୦୦୫ମସିହାରେ ଏକ ସାକ୍ଷାତକାରରେ ସେ ବର୍ଣ୍ଣନା କରିଥିଲେ ଯେ କିପରି ବିଭାଜନ ସମୟରେ ତାଙ୍କ ବାପାଙ୍କ ଜଣେ ବନ୍ଧୁ ତାଙ୍କ ପୂରା ପରିବାରକୁ ମୁଖ୍ୟ ସହର ଜେଲମକୁ ପଳାଇ ଯିବାରେ ସାହାଯ୍ୟ କରି ବଞ୍ଚାଇଥିଲେ। ସୁନୀଲ ଦତ୍ତ ଆହୁରି ମଧ୍ୟ କହିଛନ୍ତି ଯେ ମାଟ୍ରିକ୍ ପାସ୍ କରିବା ପରେ ଯେତେବେଳେ ତାଙ୍କୁ ୧୮ ବର୍ଷ ହୋଇଥିଲା, ସେତେବେଳେ ବିଭାଜନର କାହାଣୀ ଆରମ୍ଭ ହୋଇଥିଲା। ପାକିସ୍ତାନରେ ସୁନୀଲ ଦତ୍ତଙ୍କ ପରିବାର ଜମିଦାର ହୋଇଥିବାରୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ଓ ପ୍ରସିଦ୍ଧ ଥିଲେ।






### ଦେବ ଆନନ୍ଦ

ଦେବ ସାହେବ ନାମରେ ମଧ୍ୟ ପରିଚିତ ଦେବ ଆନନ୍ଦ ୧୯୨୩ ମସିହା ସେପ୍ଟେମ୍ବର ମାସରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶର ଶକରଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଦେବ ଆନନ୍ଦ ବିଭାଜନ ପୂର୍ବରୁ ଭାରତ ଆସିଥିଲେ।

### ବିନୋଦ ଖାନ୍ନା




ବଲିଉଡ ଅଭିନେତା ତଥା ରାଜନେତା ବିନୋଦ ଖାନ୍ନା ୬ ଅକ୍ଟୋବର ୧୯୪୬ରେ ବ୍ରିଟିଶ ଭାରତର ପେଶାୱାର (ବର୍ତ୍ତମାନ ପାକିସ୍ତାନ) ରେ ଜନ୍ମଗ୍ରହଣ କରିଥିଲେ। ବିନୋଦ ଖାନ୍ନାଙ୍କ ଜନ୍ମର ପ୍ରାୟ ଏକ ବର୍ଷ ପରେ ବିଭାଜନର କଳା କାହାଣୀ ଆରମ୍ଭ ହୋଇଥିଲା, ଯାହା ପରେ ବିଭାଜନ ଯୋଗୁଁ ତାଙ୍କ ପରିବାର ଭାରତ

### ରାଜେନ୍ଦ୍ର କୁମାର




କ୍ୟାରିୟରରେ ୮୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ରାଜେନ୍ଦ୍ର କୁମାର ୧୯୨୯ ମସିହା ଜୁଲାଇ ୨୦ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶର ସିଆଲକୋଟ (ବର୍ତ୍ତମାନ ପାକିସ୍ତାନ) ରେ ଜନ୍ମଗ୍ରହଣ କରିଥିଲେ। ଦେଶ ବିଭାଜନ ସମୟରେ ରାଜେନ୍ଦ୍ର କୁମାରଙ୍କ ପରିବାରକୁ ନିଜର ସମସ୍ତ ସମ୍ପତ୍ତି ଛାଡ଼ି ଭାରତ ଆସିବାକୁ ପଡ଼ିଥିଲା ଏବଂ ସେମାନେ ମୁମ୍ବାଇ ଆସିଥିଲେ। ଭାରତ ଆସିବାର କିଛି ବର୍ଷ ମଧ୍ୟରେ ରାଜେନ୍ଦ୍ର ଫିଲ୍ମ 'ଯୋଗାନ' ଜରିଆରେ ଡେବ୍ୟୁ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୨୩ ବର୍ଷ ହୋଇଥିଲା।

### ଗୁଲଜାର



ଗୁଲଜାର ଜଣେ ଜଣାଶୁଣା ଲେଖକ, ଗୀତିକାର, ସ୍କ୍ରିପ୍ଟ ରାଇଟର, ନିର୍ଦ୍ଦେଶକ, ପ୍ରଯୋଜକ ଯିଏ କି ସାହିତ୍ୟ ଓ ଭାରତୀୟ ଚଳଚ୍ଚିତ୍ର ଜଗତରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ଗୁଲଜାରଙ୍କ ପ୍ରକୃତ ନାମ ସମ୍ପୂର୍ଣ୍ଣ ସିଂ କଲରା। ୧୯୩୪ ମସିହା ଅଗଷ୍ଟ ମାସରେ ପାକିସ୍ତାନର ଏକ ଅଂଶ ଜେଲମର ଦିନାରେ ଜନ୍ମଗ୍ରହଣ କରିଥିଲେ। ଗୁଲଜାରଙ୍କ ପରିବାର ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ହୋଇଥିବା ହିଂସାରୁ ବର୍ତ୍ତି ଯାଇଥିଲେ ଏବଂ ପରେ ରାଜଧାନୀ ଦିଲ୍ଲୀରେ ବସବାସ କରିଥିଲେ।

### ଶେଖର କପୁର



ଶେଖର କପୁର ୧୯୪୫ ମସିହାରେ ପାକିସ୍ତାନର ଲାହୋରରେ ଜନ୍ମଗ୍ରହଣ କରିଥିଲେ। ଶେଖରଙ୍କ ପିତା କୁଳଭୂଷଣ କପୁର ପାକିସ୍ତାନରେ ଜଣେ ଡାକ୍ତର ଥିଲେ। ଫେବୃଆରୀ ୨୦୧୯ରେ ଯେତେବେଳେ ପାକିସ୍ତାନ ୱିଙ୍ଗକମାଣ୍ଡର ଅଭିନନ୍ଦନଙ୍କୁ ବନ୍ଦୀ କରିଥିଲା, ଶେଖର ଟ୍ୱିଟର (ବର୍ତ୍ତମାନ ଏକ୍ସ)ରେ ଏକ ଟ୍ୱିଟ୍ କରିଥିଲେ, ଯେଉଁଥିରେ ସେ ଲେଖିଥିଲେ, "ମୁଁ ଲାହୋରରେ ଜନ୍ମ ଗ୍ରହଣ କରିଛି। ଦେଶ ବିଭାଜନ ସମୟରେ ମୋ ମା' ମରିବା ଭଳି ଆଚରଣ କରି ଭାରତ ଆସୁଥିବା ଟ୍ରେନରେ ନିଜ ଶରୀର ତଳେ ଲୁଚାଇ ମୋତେ ଓ ମୋ ଭଉଣୀଙ୍କୁ ବଞ୍ଚାଇଥିଲେ।

